R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୦୦
ତିଥି : ତ୍ରୟୋଦଶୀ
୨୭ ଏପ୍ରିଲ ୨୦୨୫, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍ଲଏଡ୍ ସହ)

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 200
27 April 2025,Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ପହଲଗାମ୍ ହମ୍‌ଲା ପରେ ଆକ୍ସନ ମୋଡ୍‌ରେ ସୁରକ୍ଷାକର୍ମୀ

## ୧୪ ସ୍ଥାନୀୟ ଆତଙ୍କୀଙ୍କ ତାଲିକା ଜାରି

ନୂଆଦିଲ୍ଲୀ, ୨୬।୪ : ଜମ୍ମୁ-କାଶ୍ମୀରର ପହଲଗାମ୍‌ରେ ହୋଇଥିବା ଆତଙ୍କୀ ଆକ୍ରମଣ ପରେ ସୁରକ୍ଷା ଫୋର୍ସ ଏବେ ଆକ୍ସନ ମୋଡ୍‌କୁ ଆସିଛି । ସୁରକ୍ଷାବଳ ପକ୍ଷରୁ ଆଜି ୧୪ ସ୍ଥାନୀୟ ଆତଙ୍କବାଦୀଙ୍କ ତାଲିକା ଜାରି କରାଯାଇଛି । ଯେଉଁମାନେ କାଶ୍ମୀରରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି ।



ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏମାନଙ୍କ ବୟସ ୨୦ ରୁ ୪୦ ବର୍ଷ ମଧ୍ୟରେ । ସେମାନେ ପାକିସ୍ତାନ ପ୍ରାୟୋଜିତ ବିଦେଶୀ ଆତଙ୍କବାଦୀ ସଂଗଠନରେ କାର୍ଯ୍ୟରତ । ପ୍ରଶିକ୍ଷଣପ୍ରାପ୍ତ ଆତଙ୍କବାଦୀଙ୍କୁ ଏମାନେ ଏଠାରେ ସହଯୋଗ କରୁଥିଲେ । ସେନା ପକ୍ଷରୁ ଏମାନଙ୍କ ତଥ୍ୟକୁ ସାର୍ବଜନୀନ କରାଯାଇଛି । ଏମାନଙ୍କ ମଧ୍ୟରୁ ୩ ଜଣ ହିଜାବୁଲ୍ ମୁଜାଉଦ୍ଦିନ୍, ଲସ୍କର-ଇ-ତୋଇବା ଓ ଜୈସ-ଇ ମହମ୍ମଦ ସଂଗଠନ ସହ ସମ୍ପୃକ୍ତ । ୮ ଜଣ ଏଲ୍‌ଇଟି ସହ ମଧ୍ୟ ସାମିଲ ହୋଇଥିବାବେଳେ ୩ ଜଣ ଜେଇଏମ୍ ସହ ରହିଛନ୍ତି । ଜାରି ତାଲିକାରେ ରହିଥିବା ନାମ ଭିତରେ ରହିଛି ଅଦିଲ୍ ରେହେମାନ୍ ଡେଣ୍ଟୋ, ଆସିଫ୍ ଅହମ୍ମଦ ସେକ୍, ଆସନ୍ ଅହମ୍ମଦ ସେକ୍, ହାରିଶ୍ ନଜିର୍, ଅମିର ନଜିର ୱାନି, ୱାଇ ଅହମ୍ମଦ ଭଟ୍ଟ, ଆସିଫ୍ ଅହମ୍ମଦ, ନାସିର୍ ଅହମ୍ମଦ ୱାନି, ସାହିଦ ଅହମ୍ମଦ, ଆମିର୍ ଅହମ୍ମଦ ଦାର, ଆଦ୍ଦାମ ସାଫିଦାର, ଯୁବାର ଅହମ୍ମଦ ୱାନୀ, ୟାରୁନ୍ ରସିଦ୍ ଓ ଜ୍ୟାକିର୍ ଅହମ୍ମଦ ଛାନୀ । ଏମାନଙ୍କ ବୟସ ୨୦ ରୁ ୪୦ ବର୍ଷ ମଧ୍ୟରେ । ଏମାନେ କାଶ୍ମୀର ଅଞ୍ଚଳରେ ସକ୍ରିୟ ଅଛନ୍ତି । ସୁରକ୍ଷା ସଂସ୍ଥା ପକ୍ଷରୁ ଏମାନଙ୍କ ନାମ ଘୋଷଣା କରାଯାଇଛି । ଗତ ୨୨ରେ ହୋଇଥିବା ପହଲଗାମ୍ ଆତଙ୍କୀ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା । ଏହି ସ୍ଥାନୀୟ ଆତଙ୍କବାଦୀମାନେ ସେମାନଙ୍କୁ ସେଠାରେ ସମସ୍ତ ସହାୟତା ଯୋଗାଇ ଦେଉଥିଲେ । ସୁରକ୍ଷାବଳ ପକ୍ଷରୁ ଦକ୍ଷିଣ କାଶ୍ମୀରରେ ମିଳିତ ଅପରେସନ୍ ଆରମ୍ଭ କରାଯାଇଛି । ବିଶେଷକରି ଅନନ୍ତନାଗ ଓ ପୁଲୱାମା ଜିଲ୍ଲାରେ ଏହି ଅପରେସନ୍ ଚାଲିଛି । ଏନ୍‌ଆଇଏ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି । ତେବେ ସୁରକ୍ଷାବଳ ବର୍ତ୍ତମାନସୁଦ୍ଧା ୭ ଆତଙ୍କବାଦୀଙ୍କ ଘର ଧ୍ୱଂସ କରିସାରିଲେଣି । ଅନନ୍ତନାଗ ଜିଲ୍ଲାରେ ୧୭୫ ସନ୍ଦିଗ୍ଧଙ୍କୁ ହେପାଜତକୁ ନିଆଯାଇଛି । ୪ ଦିନରେ ଅନନ୍ତନାଗ ପୋଲିସ, ସେନା, ସିଆର୍‌ପିଏଫ୍, ଅନ୍ୟ ଏଜେନ୍ସିଗୁଡ଼ିକ ସନ୍ଦିଗ୍ଧଙ୍କ ଠିକଣା ଯାଞ୍ଚ କରୁଛନ୍ତି । କାଶ୍ମୀରର ଗନ୍ଦେରବଲ୍ ଜିଲ୍ଲାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସବୁ ଅଞ୍ଚଳରେ ଅପରେସନ୍‌କୁ ଜୋରଦାର କରାଯାଇଛି ।

### ହେପାଜତରେ ୧୭୫ ସନ୍ଦିଗ୍ଧ

### ୭ ଆତଙ୍କୀଙ୍କ ଘର ଧ୍ୱଂସ

### ଗଣମାଧ୍ୟମ ଲାଗି ୯ ମାର୍ଗଦର୍ଶିକା

ନୂଆଦିଲ୍ଲୀ, ୨୬।୪ : ପହଲଗାମ୍ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସୂଚନା ଓ ପ୍ରଶାରଣ ମନ୍ତ୍ରଣାଳୟ ପକ୍ଷରୁ ଗଣମାଧ୍ୟମ ଲାଗି ମାର୍ଗଦର୍ଶିକା ଜାରି କରାଯାଇଛି । ଏଥିରେ ୯ଟି ବିନ୍ଦୁ ରହିଛି । ସୁରକ୍ଷାବାହିନୀର ପ୍ରତିରକ୍ଷା ଅଭିଯାନ ଓ କାର୍ଯ୍ୟକଳାପର ସିଧାପ୍ରସାରଣ କରାଯିବା ଉଚିତ୍ ନୁହେଁ ।

ଜାତୀୟ ସୁରକ୍ଷା ସ୍ୱାର୍ଥରେ ସୁରକ୍ଷାବାହିନୀର ପ୍ରତିରକ୍ଷା ଅଭିଯାନ ଓ କାର୍ଯ୍ୟକଳାପକୁ ସିଧା ପ୍ରଶାରଣ କରନ୍ତୁନାହିଁ । ସମସ୍ତ ମିଡିଆ ପ୍ଲାଟ୍‌ଫର୍ମ, ନ୍ୟୁଜ୍ ଏଜେନ୍ସି ସୋସିଆଲ ମିଡିଆ ବ୍ୟବହାରକରୀ ଏ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିବା ସମୟରେ ସର୍ବାଧିକ ଦାୟିତ୍ୱର ସହ (୯ ପୃଷ୍ଠାରେ)

### ଏଲ୍‌ଓସିରେ ଗୁଳି ବିନିମୟ ଜାରି

## ସୀମାବର୍ତ୍ତୀ ଗାଁରେ ପ୍ରସ୍ତୁତ ହେଉଛି ବଙ୍କର

ନୂଆଦିଲ୍ଲୀ, ୨୬।୪ : ଭାରତ-ପାକ୍ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକ୍ ସେନା ପକ୍ଷରୁ ବ୍ୟାପକ ଗୁଳିମାଡ କରାଯାଉଛି । ଭାରତୀୟ ସେନା ମଧ୍ୟ ଏହାର ଜବାବ ଦେଉଛି । ତେବେ ଏହି ପରିପ୍ରେକ୍ଷୀରେ ସୀମାନ୍ତବର୍ତ୍ତୀ ଗାଁଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି । ମହଲଗାମ୍‌ର ଆତଙ୍କୀ ଆକ୍ରମଣ (୯ ପୃଷ୍ଠାରେ)



## ପ୍ରଶାନ୍ତଙ୍କ ଘରେ ଏନ୍‌ଆଇଏ ଟିମ୍



ଭୁବନେଶ୍ୱର/ବାଲେଶ୍ୱର, ୨୬।୪ (ସବ୍ୟୁ) : ଆତଙ୍କୀ ହମଲାରେ ନିହତ ହୋଇଥିବା ବାଲେଶ୍ୱର ଜିଲ୍ଲାର ଇସାଣୀ ଗ୍ରାମର ପ୍ରଶାନ୍ତ ଶତପଥିଙ୍କ ଘରେ ଶନିବାର ଏନ୍‌ଆଇଏର ୩ ଜଣିଆ ଟିମ୍ ପହଞ୍ଚି ତାଙ୍କ ସ୍ତ୍ରୀ ଓ ନାବାଳକ ପୁଅଙ୍କୁ ପଚରାଉଚରା କରିଥିଲା।

ଶନିବାର ପୂର୍ବାହ୍ନରେ ୩ ଜଣିଆ ଟିମ୍ ପ୍ରଶାନ୍ତଙ୍କ ଘରେ ପହଞ୍ଚିବା ପରେ ତାଙ୍କ ଭାଇଙ୍କୁ ପରିଚୟ କହିଥିଲେ। ସେହି ୩ଜଣ ଏନ୍‌ଆଇଏ ଟିମ୍ ବୋଲି ସାଙ୍ଗରେ ଯାଇଥିବା ସ୍ଥାନୀୟ ପୋଲିସ ସ୍ପଷ୍ଟ କରିବା ପରେ ସେ ଘରକୁ ଯାଇଥିଲେ। ଗୋଟିଏ ଘରେ ୩ ଜଣିଆ ଟିମ୍ ପ୍ରଶାନ୍ତଙ୍କ ସ୍ତ୍ରୀ-ପୁଅଙ୍କୁ ନେଇ ପଚରାଉଚରା କରିଥିଲେ। ସେ ଘର ଭିତରକୁ ଅନ୍ୟ କାହାରିକୁ ଛଡାଯାଇନଥିବା ପରିବାର ସଦସ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । (୯ ପୃଷ୍ଠାରେ)

### ଚିନ୍ତା ବଢ଼ାଉଛି ପାକ୍ ନାଗରିକଙ୍କ ଭିସା ବାତିଲ୍ ନିଷ୍ପତ୍ତି

## ପାକିସ୍ତାନ ଯିବେ ଓଡ଼ିଶା ବୋହୂ

ଭୁବନେଶ୍ୱର/ସୋର, ୨୬।୪ (ସବ୍ୟୁ) : ପହଲଗାମ ଆତଙ୍କୀ ହମଲା ପରେ ଭାରତରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ତାଙ୍କ ଦେଶକୁ ଚାଲିଯିବାକୁ ନିର୍ଦ୍ଦେଶ ହୋଇଛି। ସେହି ମର୍ମରେ ଓଡିଶାରେ ରହୁଥିବା ୧୨ ଜଣ ପାକିସ୍ତାନୀ ନାଗରିକ ମଧ୍ୟରୁ ୪ ଜଣଙ୍କୁ ଚିହ୍ନଟ କରାଯାଇ ୨୭ ତାରିଖ ମଧ୍ୟରେ ଭାରତ ଛାଡିବାକୁ ନିର୍ଦ୍ଦେଶ ହୋଇଛି। ୪ ଜଣଙ୍କ ମଧ୍ୟରୁ ୩ ଜଣ ଓଡିଶାର ବୋହୂ । ସେହି ବୋହୂମାନଙ୍କୁ ମଧ୍ୟ ଓଡିଶା ଛାଡି ପାକିସ୍ତାନ ଯିବାକୁ ଓଡିଶା ପୋଲିସ ନୋଟିସ୍ କରିଛି।



ଭୁବନେଶ୍ୱର କଳ୍ପନା ଛକରେ ରହୁଥିବା ନଗ୍‌ମା ଇସୁଫଙ୍କୁ ନୋଟିସ୍ ହୋଇଛି। ସେ ମହମ୍ମଦ ନିଜାମୁଦ୍ଦିନ୍‌ଙ୍କୁ ଅନ୍‌ଲାଇନ୍‌ରେ ପ୍ରେମ କରିବା ପରେ ୨୦୦୮ ମହିହାରେ ବିବାହ କରି କଳ୍ପନା ଛକସ୍ଥିତ ୧୦/୨୬୫୪ ନମ୍ବର ପ୍ଲଟରେ ସ୍ୱାମୀଙ୍କ ସହ ରହୁଛନ୍ତି। ନୀଜାମୁଦ୍ଦିନ୍‌ଙ୍କ ବାପା ଖୋର୍ଦ୍ଧା ପିଏନ୍ କଲେଜରେ ଅଧ୍ୟକ୍ଷ ଥିଲେ। ତାଙ୍କ ଭାଇ ଓ ଭାଉଜ ମଧ୍ୟ ପିଏନ୍ କଲେଜରେ ଅଧ୍ୟାପକ ଅଛନ୍ତି। ନିଜାମୁଦ୍ଦିନ୍‌ଙ୍କ ବାପା ପ୍ରାୟ ୭୦ ବର୍ଷ ହେବ ଭୁବନେଶ୍ୱରରେ ରହୁଛନ୍ତି। ନଗ୍‌ମାଙ୍କ ଭିସା ଅବଧି ୨୪ ମସିହାରେ ଶେଷ ହୋଇଥିବା ବେଳେ ସେ ୨୫ ମସିହାରେ ଭିସା ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ଭାରତ ଛାଡିବାକୁ କମିଶନ୍‌ରେଟ୍ ପୋଲିସ୍ ପକ୍ଷରୁ ନୋଟିସ୍ ହେବା ପରେ ତାଙ୍କ ସ୍ୱାମୀ (୯ ପୃଷ୍ଠାରେ)

## ଆଜିଠୁ ୫ ଦିନ ଯାଏ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୨୬।୪ (ସବ୍ୟୁ) : ରାଜ୍ୟରେ ସପ୍ତାହେ ହେବ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆଜି ପ୍ରଚଣ୍ଡ ତାତିରୁ ମିଳିଛି ଆଶ୍ୱସ୍ତି। ଅପରାହ୍ନ ୨ଟା ପରେ ଆକାଶରେ ଘୋଟି ଆସିଲା କଳାହାଣ୍ଡିଆ ମେଘ। ଧୂଳି ଝଡ ସାଙ୍ଗକୁ ପବନ ଜୋର୍‌ରେ ବୋହିବା ସହ ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିବା ଜଣାପଡିଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ଲାଗି ରହିବା ଏଭଳି ଆକଳନ କରିଛି ପାଣିପାଗ ବିଭାଗ।

ପାଣିପାଗ ବିଭାଗ କହିବା ଅନୁସାରେ ନୂଆପଡା, ବଲାଙ୍ଗୀର, ନୟାଗଡ, ବୌଦ୍ଧ, ଅନୁଗୁଳ, କୋରାପୁଟ, ରାୟଗଡା, କନ୍ଧମାଳ, ଗଞ୍ଜାମ ଜିଲ୍ଲାରେ କାଳବୈଶାଖୀ ବର୍ଷା ହୋଇଛି। ଏହା ସହିତ ଟ୍ୱିନ୍ ସିଟିରେ ମଧ୍ୟ ଝିପିଝିପି ବର୍ଷା ଲାଗି ରହିଥିଲା। ଗୁଳୁଗୁଳି ଓ ଗରମରୁ ମିଳିଲା ତ୍ରାହି । ଶନିବାର ବୌଦ୍ଧରେ ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ୧୦ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ରେ ୮ ମିମି, ଢ଼େଙ୍କାନାଳରେ ୧.୬ ମିମି, ନୂଆପଡ଼ାରେ ୬ ମିମି, ତାଳଚେରରେ ୨.୬ ମିମି, ହୀରାକୁଦରେ ୧.୪ ମିମି ଓ ଅନୁଗୁଳରେ ୨ ମିମି ବର୍ଷା ହୋଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲା ସମେତ ଭୁବନେଶ୍ୱରରେ ଝିପିଝିପି ବର୍ଷା ହୋଇଛି । (୯ ପୃଷ୍ଠାରେ)

### କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବେ ୨ ଆଇପିଏସ୍

ଭୁବନେଶ୍ୱର, ୨୬।୪ (ସବ୍ୟୁ) : ଦୁଇ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବେ । ବିଏସ୍‌ଏଫ୍‌ର ଆଇଜି ଭାବେ ଆଇପିଏସ୍ ରବିକାନ୍ତ କେନ୍ଦ୍ରୀୟ ଡେପୁଟେସନକୁ ଯିବା ନିଷ୍ପତ୍ତି ହୋଇଛି । ସେହିଭଳି ଅନ୍ୟତମ ଆଇପିଏସ୍ ଅଫିସର ମିତ୍ରଭାନୁ ମହାପାତ୍ର (୯ ପୃଷ୍ଠାରେ)

### ଭାରତ ଛାଡ଼ ନିର୍ଦ୍ଦେଶ ପରେ ଚିନ୍ତାରେ ପାକ୍ ମହିଳା

## ୩୫ ବର୍ଷ ବଲାଙ୍ଗିରରେ ରହିଛୁ, ଯିବୁ କୁଆଡେ

ବଲାଙ୍ଗିର, ୨୬।୪ (ସବ୍ୟୁ) : ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାମରେ ଗତ ୨୨ ତାରିଖ ଦିନ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ସରକାର ଗୋଟିଏ ପରେ ଗୋଟିଏ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଦେଶରେ ଦୀର୍ଘକାଳୀନ ଭିସା ମାଧ୍ୟମରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ଫେରିଯିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି କ୍ରମରେ ବଲାଙ୍ଗିରରେ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ରହୁଥିବା ସାରଦା କୁକ୍ରେଜାଙ୍କୁ ମଧ୍ୟ ନୋଟିସ୍ ମିଳିଛି । ତୁରନ୍ତ ଭାରତ ଛାଡ଼ିବାକୁ ପୋଲିସ ନିର୍ଦ୍ଦେଶ ଦେଇଛି ।



ବଲାଙ୍ଗିର ଟାଉନ ଥାନା ପୋଲିସ ପକ୍ଷରୁ ଏଥିରେ କୁହାଯାଇଛି ଯେ, ଭିସା ରଦ୍ଦ ହୋଇଛି, ତୁରନ୍ତ ପାକିସ୍ତାନ ପଳାଇଯାଆନ୍ତୁ । ନିର୍ଦ୍ଦେଶକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନର ଶିକାର ହେବେ। ଏହି ନୋଟିସ ପାଇବା ପରେ ଶାରଦା ବଲାଙ୍ଗିରରେ ରହିବା ନେଇ ଆଇନଗତ ଦ୍ୱନ୍ଦ ଦେଖାଦେଇଛି । ପାକିସ୍ତାନୀ ମହିଳା ଶାରଦା କହୁଛନ୍ତି ୧୯୭୧ ରେ ପାକିସ୍ଥାନ ଛାଡ଼ି ଆମ ୧୨ ସଦସ୍ୟ ବିଶିଷ୍ଟ ପରିବାର ଦିଲ୍ଲୀ ଆସିଥିଲୁ । ସେହି ସମୟରେ ମୋର ବୟସ ୧୮ ହୋଇଥିଲା । ପରେ ପରିବାର ସହ କୋରାପୁଟ ଆସିଲୁ । ପରବର୍ତ୍ତି ସମୟରେ ମୋର ମୁକେଶ କୁକ୍ରେଜା ସହ ବାହାଘର ହୋଇଗଲା। । ବ୍ୟବସାୟ ଉଦ୍ଦେଶ୍ୟରେ ବଲାଙ୍ଗିର ଆସି ୧୯୯୫ରୁ (୯ ପୃଷ୍ଠାରେ)



# ନିଦ ବଢ଼ାଇଥାଏ ବୁଦ୍ଧି

ମାତ୍ର ୧୫ ମିନିଟ୍ର ଅଧିକ ନିଦ ଯୁବକମାନଙ୍କ ବୁଦ୍ଧି ଉପରେ ଖୁବ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି ଏକ ରିପୋର୍ଟରୁ ଜଣା ପଡ଼ିଛି । ଏହି ଗବେଷଣାରେ ପାଖାପାଖି ୩ ହଜାରରୁ ଅଧିକ ଯୁବକଙ୍କୁ ସାମିଲ କରାଯାଇଥିଲା, ଯେଉଁମାନଙ୍କର ବୟସ ୯ ବର୍ଷରୁ ୧୪ ବର୍ଷ ଭିତରେ । ଏହି ପିଲାଙ୍କୁ ପ୍ରତିରାତିରେ ୭ଘଣ୍ଟା ଶୋଇବାକୁ ଦିଆଯାଇଥିଲା । ହେଲେ ଯେଉଁମାନଙ୍କୁ ମାତ୍ର ୧୦ ମିନିଟ୍ ଅଧିକ ଶୋଇବାକୁ ଦିଆଯାଇଥିଲା ସେମାନଙ୍କ ବୁଦ୍ଧିମତାରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ସେମାନେ ବିଭିନ୍ନ ପ୍ରକାର କାର୍ଯ୍ୟ ଯେପରି ବହି ପଢ଼ିବା, ଗଣିତ ସମାଧାନ କରିବା, କୌଣସି କାର୍ଯ୍ୟରେ ନିଜର ଧ୍ୟାନ କେନ୍ଦ୍ରିତ କରିବା ଆଦିରେ ଖୁବ ଭଲ ପ୍ରଦର୍ଶନ କରିଥିଲେ । ତେଣୁ ନିଦ ଆମର ବୁଦ୍ଧି ବଢ଼ାଇଥାଏ ବୋଲି ଏହି ଗବେଷଣାରୁ ନିଷ୍କର୍ଷରେ ବାହାରିଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଯୁବ ଅବସ୍ଥାରେ ଆମ ମସ୍ତିଷ୍କକୁ ଅଧିକ ନିଦର ଆବଶ୍ୟକତା ରହିଥାଏ ଯାହା ଫଳରେ ଏହା ଭଲ ଭାବେ କାମ କରିପାରିବ ବୋଲି ଏହି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।



## ସୋସିଆଲ କୋଟ୍ସ



"କାଶ୍ମୀର ଆମର ଥିଲା, ଆମର ଅଛି, ଆମର ରହିବ । ଏଥର ଛୁଟି କାଶ୍ମୀରରେ ବିତିବ । ଆମପାଇଁ ମାନବ ସେବା ହିଁ ମାଧବ ସେବା । ଈଶ୍ୱର ସବୁ ଦେଖୁଛି ।
ସୁନୀଲ ସେଟ୍ଟି, ଅଭିନେତା



"ଘଟଣାଟି ନିନ୍ଦନୀୟ । ଯେତେବେଳେ ବି ଭାବିଲେ ହୃଦୟ କାନ୍ଦି ଉଠୁଛି । ଶତ୍ରୁମାନେ ଆମର କାଶ୍ମୀରର ଶାନ୍ତିକୁ ନଷ୍ଟ କରିବାକୁ ଚାହୁଁଛନ୍ତି । ସେମାନଙ୍କୁ ଉଚିତ୍ ଜବାବ ଦରକାର ।
ରଜନୀ କାନ୍ତ, ଅଭିନେତା



"ଏହି ସମସ୍ତ ଘଟଣା ଖୁବ ବିଚଳିତ କରୁଛି । ସବୁବେଳେ ଆମକୁ ଏହିଭଳି ଘଟଣା ଦେଖିବାକୁ ପଡୁଛି । କେବେ ଏ ସବୁର ଅନ୍ତ ହେବ । କେବେ ନିରୀହ ଜୀବନ ଯିବା ବନ୍ଦ ହେବ ।
ସଲିମ ମର୍ଚ୍ଚାଣ୍ଟ, ସିଙ୍ଗର

# ବାଧ୍ୟତାମୂଳକ ସକାଳର ଜଳଖିଆ

ସକାଳର ଜଳଖିଆ ସାରା ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମିଲ୍ ଅଟେ । ତେଣୁ ଜଣଙ୍କୁ ସୁସ୍ଥ ରହିବାକୁ ହେଲେ ସକାଳର ଜଳଖିଆ ଖାଇବାର ଆବଶ୍ୟକତା ଖୁବ ଅଧିକ ରହିଛି । ଯଦି ଆପଣ ସକାଳର ଜଳଖିଆ ମିସ୍ କରୁଛନ୍ତି ତେବେ ଅନେକ ରୋଗକୁ ନିମନ୍ତ୍ରଣ କରୁଛନ୍ତି । ଆସନ୍ତୁ ଜାଣିବା ସକାଳ ଜଳଖିଆ ନଖାଇବା ଦ୍ୱାରା କେଉଁ କେଉଁ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ ।

■ ସକାଳର ଜଳଖିଆ ଆପଣଙ୍କ ଶରୀରକୁ ବିଭିନ୍ନ ପୋଷଣ, ଭିଟାମିନ୍ ଓ ମିନେରାଲ୍ସ ଯୋଗାଇଥାଏ । ଯାହା ଦ୍ୱାରା ଆମର ବ୍ଲଡ ସୁଗାର ଲେବଲ ନିୟନ୍ତ୍ରଣରେ ରହିଥାଏ । ତେଣୁ ଯଦି ଜଳଖିଆ ଖାଉନାହାନ୍ତି ତେବେ ସୁଗାର ଲେବଲ ଡ୍ରପ୍ ହେବାର ସମ୍ଭାବନା ଅଧିକ ରହିଛି ।

■ ଜଳଖିଆ ନଖାଇବା ଦ୍ୱାରା ଆମର ମୁଡ ଉପରେ ଖୁବ ନକରାତ୍ମକ ପ୍ରଭାବ ପଡିଥାଏ । ମୁଡ ସୁଇଂ ହେବାର ସମ୍ଭାବନା ଅଧିକ ରହିଥାଏ । ଏହା ଆମର ବ୍ରେନ ଫଙ୍କସନ୍ ଉପରେ ପ୍ରଭାବ ପକାଉଥିବାରୁ ଚିଡାପଣ ବଢିଥାଏ । ଛୋଟଛୋଟ କଥା ମଧ୍ୟ ଚିଡା ଲାଗିଥାଏ ।

■ ସେହିଭଳି ଜଳଖିଆ ନଖାଇଥିଲେ ଦିନ ସାରା କ୍ରେଭିଂ ହୋଇଥାଏ, ଯାହା ଫଳରେ ଆପଣ ଜଙ୍କଫୁଡ ଖାଇଥାଆନ୍ତି । ଯାହା ଆପଣଙ୍କର ଓଜନ ଉପରେ ପ୍ରଭାବ ପକାଇଥାଏ । କେବଳ ଓଜନ ନୁହେଁ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଉପୁଜିବାର କାରଣ ସାଜିଥାଏ ।



## ଇତିହାସ

୧୬୬୨– ନେଦରଲାଣ୍ଡ ଏବଂ ଫ୍ରାନ୍ସ ମଧ୍ୟରେ ସୈନ୍ୟ ଚୁକ୍ତି ଉପରେ ସ୍ୱାକ୍ଷରିତ ।
୧୭୪୮– ମୋଗଲ ବାଦଶାହ ମହମ୍ମଦ ଶାହଙ୍କ ନିଧନ ।
୧୯୦୮– ଲଣ୍ଡନରେ ଚତୁର୍ଥ ଅଲମ୍ପିକ ଆରମ୍ଭ ।
୧୯୬୦– ଦିଲ୍ଲୀରେ ନ୍ୟାସନାଲ ଡିଫେନ୍ସ୍ କଲେଜର ପ୍ରତିଷ୍ଠା ।
୧୯୬୧– ୧୫୦ ବର୍ଷ ପରେ ବ୍ରିଟେନ୍ ଶାସନରୁ ମୁକ୍ତ ହେଲା ପଶ୍ଚିମ ଆଫ୍ରିକା ଦେଶ ସିୟରା ଲିଓନ ।
୧୯୭୨– ମହାକାଶଯାନ ଆପୋଲୋ ୧୬ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କଲା ।
୧୯୮୯– ବାଙ୍ଗଲାଦେଶର ଝଡ଼ତୋଫାନରେ ୫୦୦ ଲୋକଙ୍କ ମୃତ୍ୟୁ ।
୨୦୦୯– ହିନ୍ଦୀ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ଫିରୋଜ ଖାନ୍ଙ୍କ ନିଧନ ।

# ଗଛ ନେଇଥାଏ ଜୀବନ



ଡାମରା ମିଲ୍କ ବୁସ୍ ନାମକ ଏକ ଗଛକୁ ଘାତକ ବୋଲି କୁହାଯାଏ । ଏହାକୁ ସାଉଥ୍ ଆଫ୍ରିକୀୟ ଦେଶ ନାମିବିଆର ସବୁଠୁ ଅଧିକ ବିଷାକ୍ତ ଗଛ ମଧ୍ୟରେ ଗଣାଯାଇଥାଏ । ଏହି ଗଛ ଏତେ ମାରାତ୍ମକ ଯେ ଏହା ସହଜରେ ଜଣଙ୍କର ଜୀବନ ନେଇପାରେ ବୋଲି ଜଣାପଡ଼ିଛି । ଯଦି ଜଣେ ବ୍ୟକ୍ତିଙ୍କ ଶରୀରରେ କୌଣସି କ୍ଷତଚିହ୍ନ ରହିଛି, ତେବେ ତାଙ୍କୁ ଏହି ଗଛ ସଂସ୍ପର୍ଶରେ ଆସିବାକୁ ମନା କରାଯାଏ । କାହିଁକି ନା ଯଦି ଏହି ଗଛର ରସ ମନୁଷ୍ୟଙ୍କ କ୍ଷତସ୍ଥାନରେ ଲାଗେ ତେବେ ଗଛର ବିଷ ସମସ୍ତ ଶରୀରରେ ବ୍ୟାପିଯାଏ । ଯାହାଫଳରେ ସେହି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥାଏ ବୋଲି ରିପୋର୍ଟରେ କୁହାଯାଇଛି । ଏହି ଗଛଟିର ବୈଜ୍ଞାନିକ ନାଁ ହେଉଛି ୟୁଫୋର୍ବିଆ ଡାମରନା ଏବଂ ଏହି ଗଛଟି ଦେଖିବାକୁ ଏକ ବୁଦା ଭଳି । ସ୍ଥାନୀୟ ଭାଷାରେ ଏହାକୁ ମେଲ୍କବୋସ୍ ନାଁରେ ଜଣାଯାଏ । ଏହି ଗଛରୁ ବିଷାକ୍ତ କ୍ଷୀର ବାହାରେ ଯାହା ମଣିଷଙ୍କ କ୍ଷତସ୍ଥାନ ସଂସ୍ପର୍ଶରେ ଆସିବା ମାତ୍ରକେ ତାଙ୍କର ମୃତ୍ୟୁ ହୋଇଯାଏ । ମୃତ୍ୟୁ ପୂର୍ବରୁ ମଣିଷଙ୍କ ଶରୀର ଜଳାପୋଡ଼ା କରିବା ସହିତ ତାଙ୍କ ଠାରେ ଫୋଟୋଫୋବିଆ ଓ ଲାକ୍ରିମେସନ୍ର ଲକ୍ଷଣ ଦେଖିବାକୁ ମିଳିଥାଏ ।

# ଦାମୀ ବିବାହ



ସାଧାରଣ ଲୋକଟିଏ ବିବାହର ଆୟୋଜନ କଲେ ଅତି କମରେ ୨୦ ଲକ୍ଷ ଖର୍ଚ୍ଚର ହିସାବ ରଖିଥାଏ । ହେଲେ ସୋସିଆଲ ମିଡିଆରେ ବର୍ତ୍ତମାନ ଏଭଳି ଏକ ବିବାହ ଭାଇରାଲ ହେଉଛି ଯାହାକୁ ଭାରତର ଦାମୀ ବିବାହ ବୋଲି ନାଁ ଦିଆଯାଉଛି । ସୂଚନା ଅନୁସାରେ ନିକଟରେ ଭାରତୀୟ କୋଟିପତି ତଥା ନେତା ଜି ଜନାର୍ଦ୍ଦନ ରେଡିଙ୍କ ଝିଅଙ୍କର ବିବାହ ସମ୍ପର୍ନ୍ନ ହୋଇଛି । ଏହି ବିବାହଟି ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ କନ୍ୟାର ଶାଢି ଠାରୁ ଆରମ୍ଭ କରି ବିବାହ କାର୍ଡ ସବୁ ସାମଗ୍ରୀ ଭାଇରାଲ ହେବାରେ ଲାଗିଛି । ସାଉଥ୍ ଇଣ୍ଡିଆନ ଷ୍ଟାଇଲ୍ରେ ଏହି ବିବାହଟି ଆୟୋଜନ କରାଯାଇଥିଲା । ବିବାହରେ କନ୍ୟା ପିନ୍ଧିଥିବା ଶାଢୀର ଦାମ ରହିଥିଲା ୧୭ କୋଟି ଯେଉଁଥିରେ ୨୨ କ୍ୟାରେଟ୍ର ସୁନାର କାମ କରାଯାଇଛି । ସେହିଭଳି କନ୍ୟା ଏହି ବିବାହରେ କେବଳ ହିରା ଓ ଅନ୍ୟ ଦାମୀ ଷ୍ଟୋନର ଗହଣା ପିନ୍ଧିଥିଲା, ଯାହାର ମୂଲ୍ୟ ୯୦ କୋଟି ବୋଲି ଆକଳନ କରାଯାଇଛି । କେବଳ ଏତିକି ନୁହେଁ ଏହି ବିବାହର କାର୍ଡ ମଧ୍ୟ ଖୁବ ଦାମୀଥିଲା, ଏହାର ଦାମ ରହିଥିଲା ୫ କୋଟି । ଏହି ବିବାହରେ ସମୁଦାୟ ୫୫୦ କୋଟି ଖର୍ଚ୍ଚ ହୋଇଥିବା ଜଣା ପଡିଛି ।

# ୪ ଦିନରେ ଶିଖିଥିଲେ କୁସ୍ତି

ଆଶ୍ରମ ସିରିଜ୍ ପାଇଁ ବେଶ୍ ପରିଚିତ ଅଦିତି ପୋହାନକରଙ୍କର ଅଭିନେତ୍ରୀ ହେବାର ଯାତ୍ରା ଖୁବ କଷ୍ଟକର ଥିଲା । ସେ ନିଜର ଚରିତ୍ରକୁ ଜୀବନ୍ତ କରିବାକୁ ବହୁତ ପରିଶ୍ରମ କରିଥାଆନ୍ତି । ଆଶ୍ରମରେ ତାଙ୍କୁ କୁସ୍ତି କରୁଥିବାର ଦର୍ଶକ ଦେଖିଛନ୍ତି, ହେଲେ ଏହି କୁସ୍ତି ପଛରେ ତାଙ୍କର ଅନେକ ପରିଶ୍ରମ ଲୁଚି ରହିଛି । ସେ ଏହି ସିରିଜ୍ରେ କୁସ୍ତି କରିବା ପୂର୍ବରୁ ମାତ୍ର ୪ ଦିନରେ କୁସ୍ତି ଶିଖିଥିବା ନିକଟରେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଏଥିପାଇଁ ତାଙ୍କୁ ଅନେକ ସମସ୍ୟାର ସାମନା କରିବାକୁ ପଡିଥିବା ସେ କହିଛନ୍ତି । କାରଣ ଏତେ କମ ସମୟରେ ଜଣେ ଝିଅକୁ କୁସ୍ତି ଶିଖିବା ଖୁବ ସମସ୍ୟା ହୋଇଥାଏ । ସେ ଦିନସାରା ସୁଟିଂ କରୁଥିବାବେଳେ ରାତିରେ କୁସ୍ତି ଶିଖନ୍ତି। ରାତି ସମୟରେ ଥଣ୍ଡା ଖୁବ ଅଧିକ ପଡିଥାଏ, ଏପରିକି ତାପମାତ୍ରା ୨ ରୁ ୩ ଡିଗ୍ରୀକୁ ଖସିଥାଏ । ଯେଉଁଥିରେ କୁସ୍ତି ଶିଖିବା ଖୁବ କଷ୍ଟ ହୋଇଥାଏ ବୋଲି ଅଦିତି ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । କେବଳ ଏତିକି ନୁହେଁ ଆଶ୍ରମ ସିରିଜ୍ ପାଇଁ ତାଙ୍କୁ ଭାଷାର ମଧ୍ୟ ସମସ୍ୟା ହୋଇଥିଲା । ତାଙ୍କୁ ଏଥିପାଇଁ ପଞ୍ଜାବୀ ମଧ୍ୟ ଶିଖିବାକୁ ପଡିଥିଲା । ସେହିଭଳି ଏହି ସିରିଜ୍ରେ ଥିବା ଇଣ୍ଟିମେଟ୍ ସିନ୍ କରିବା ପାଇଁ ସେ କୌଣସି ଇଣ୍ଟିମେଟ୍ କୋଚଙ୍କର ସାହାଯ୍ୟ ନେଇ ନାହାନ୍ତି । କେବଳ ଆଶ୍ରମ ସିରିଜ୍ ନୁହେଁ ସିରିଜ୍ ଶିରେ ମଧ୍ୟ ତାଙ୍କର କେହି କୋଚ ନଥିଲେ । ତାଙ୍କୁ ପରିବାରରୁ ମଧ୍ୟ ଅଭିନୟ ପାଇଁ ସମର୍ଥନ ମିଳିନଥିଲା । ଏପରିକି ତାଙ୍କୁ ତାଙ୍କ ବାପା ଆର୍ଥିକ ସହଯୋଗ ବନ୍ଦ କରିଦେଇଥିଲେ, କାରଣ ସେ ଅଭିନୟକୁ ନିଜ କ୍ୟାରିୟର ହିସାବରେ ଚୟନ କରିଥିଲେ ।



# ଚିକେନ୍ ସୁପ୍

**ସାମଗ୍ରୀ–** କଟା ହୋଇଥିବା ଚିକେନ୍, ଗାଜର କଟା, ଗ୍ରୀନ ମଟର, ମକା,ଲୁଣ, ଅରିଗାନୋ, ଗୋଲମରିଚ, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ଚିକେନ୍କୁ ସିଝାଇ ନିଅନ୍ତୁ । ଚିକେନ୍କୁ ଅଲଗା କରି ଏହାର ପାଣିକୁ ଏକ ପ୍ୟାନ୍ରେ ଫୁଟାନ୍ତୁ । ଏହି ଚିକେନ୍ ସିଝା ପାଣିରେ କଟା ଗାଜର, ଲୁଣ, ଗୋଲମରିଚ ଗୁଣ୍ଡ, ଅରିଗାନୋ ପକାଇ ସିଝାନ୍ତୁ । ପରିବା ସିଝିବା ପର୍ଯ୍ୟନ୍ତ ଏହି ପାଣିକୁ ଫୁଟାନ୍ତୁ । ପରିବା ସିଝିବା ପରେ ଏଥିରେ ପୂର୍ବରୁ ସିଝା ହୋଇ ରଖାଯାଇଥିବା ଚିକେନ୍ ମିଶାନ୍ତୁ । ସମସ୍ତ ସାମଗ୍ରୀକୁ କିଛି ସମୟ ପାଇଁ ଫୁଟାନ୍ତୁ । କିଛି ସମୟରେ ପରେ ପ୍ରସ୍ତୁତ ହୋଇଯିବ ଚିକେନ୍ ସୁପ୍ ।



### ଢେଙ୍କାନାଳ ପିଏମ୍ ଶ୍ରୀ ପଞ୍ଚସଖା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ସହ ସମାନ ସୁଯୋଗ ଦେବା ଆମର ଲକ୍ଷ୍ୟ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଭାରତକୁ ଏକବିଂଶ ଶତାବ୍ଦୀର ବିଶ୍ୱ ଜ୍ଞାନ ଶକ୍ତିରେ ପରିଣତ କରିବାକୁ ହେଲେ ଆମକୁ ସମାନ ଶିକ୍ଷା ଓ ସମାନ ସୁଯୋଗକୁ ସୁନିଶ୍ଚିତ କରିବାକୁ ହେବ । ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ ବୋଲି ଢେଙ୍କାନାଳ ଜିଲ୍ଲା ଡୁମୁସିଙ୍ଗା-ଶ୍ରୀମୂଳା ସ୍ଥିତ ପିଏମ ଶ୍ରୀ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ପ୍ରାଚୀନ ଯୁଗରୁ ଆମର ଢେଙ୍କାନାଳ ବୀରଭୂମି ନାମରେ ଖ୍ୟାତ । ଢେଙ୍କାନାଳ ଜିଲ୍ଲା ଶହୀଦ ବୀର ବାଜି ରାଉତ, ପବିତ୍ର ମୋହନ ପ୍ରଧାନ, ସଂଗ୍ରାମୀ ମହେଶ ଚନ୍ଦ୍ର ସୁବାହୁ ସିଂହ, ସାରଙ୍ଗଧର ଦାସ, ତୀର୍ଥବାସୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବେଣୁଧର ପଣ୍ଡାଙ୍କ ସଂଗ୍ରାମୀ ଭୂମି । ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ଭାରତର ସ୍ୱାଧୀନତା ସଂଗ୍ରାମର ଅଂଶବିଶେଷ । ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ଏହି ବୀର ଭୂମିର ଅନେକ ଅବଦାନ ଅଛି । ଏହି ଅଞ୍ଚଳରେ ସ୍ଥାପିତ ହୋଇଥିବା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ଏକ ସମ୍ମାନଜନକ ଅନୁଷ୍ଠାନରେ ଖ୍ୟାତି ଲାଭ କରିଛି ।



ପଞ୍ଚସଖା ସରକାରୀ ହାଇସ୍କୁଲ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ପିଏମ ଶ୍ରୀସ୍କୁଲରେ ବିକଶିତ ହେବାକୁ ଯାଉଛି । ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିଷ୍ଠା ଓ ପରିଶ୍ରମ ଏହି ସ୍କୁଲକୁ ଢେଙ୍କାନାଳ ଜିଲ୍ଲାରେ ତଥା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ।

ଓଡ଼ିଆ ଜାତି ଶାନ୍ତି ଓ ଅହିଂସା ଆନ୍ଦୋଳନ ବଳରେ ସାରା ବିଶ୍ୱକୁ ଆଲୋକବର୍ତ୍ତିକା ଦେଖାଇଛି । ପରିବର୍ତ୍ତିତ ସମୟରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ, ଆଧ୍ୟାତ୍ମିକ ବିକାଶ ଓ କୌଶଳକୁ ମଧ୍ୟ ଜାତୀୟ ଶିକ୍ଷା ନୀତି – ୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି । ଜାତୀୟ ଶିକ୍ଷା ନୀତି ଅଧୀନରେ ସମଗ୍ର ଶିକ୍ଷା ଅଭିଯାନ ସ୍କୁଲରେ ଡ୍ରପ ଆଉଟ୍ ହ୍ରାସ କରିବା ଦିଗରେ ବିଶେଷ ସହାୟକ ହୋଇଛି । ସ୍ମାର୍ଟ କ୍ଲାସରୁମ, ଶୌଚାଳୟ, ପାନୀୟ ଜଳ ସୁବିଧା, କମ୍ପ୍ୟୁଟର, ଇଣ୍ଟରନେଟ୍ ସଂଯୋଗ, ପାଠାଗାର, ଖେଳ ପଡ଼ିଆ ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ ହୋଇଛି । ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ । ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢାଇବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି । ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ବହି ଯୋଗାଇ ଦେବା ପାଇଁ ସରକାର 'ଭାରତୀୟ ଭାଷା ପୁସ୍ତକ ଯୋଜନା' ଆରମ୍ଭ କରିବା ପାଇଁ ଯାଉଛନ୍ତି । ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବାକୁ ହେବ । ତେବେ ଯାଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ପାଇଁ ଆହ୍ୱାନ ଦେଇଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ଶ୍ରୀ ପ୍ରଧାନ ଭିଡ଼ିଓ ବାର୍ତ୍ତାରେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ନାଗରିକ ଏବଂ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ଜାତୀୟ ଶିକ୍ଷା ନୀତିର ଶିଳ୍ପକାର ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

### ନିମ୍ନ ଅଦାଲତଙ୍କ ରାୟ

# ବର୍ଷାଙ୍କ ଭରଣପୋଷଣ ପାଇଁ ଟଙ୍କାଟିଏ ଦେବେନି ଅନୁଭବ

କଟକ,(ସବ୍ୟୁ) : ପୂର୍ବତନ ସାଂସଦ ତଥା ଓଡ଼ିଶା ଚଳଚ୍ଚିତ୍ର ଷ୍ଟାର ଅନୁଭବ ମହାନ୍ତିଙ୍କୁ ନିମ୍ନ ଅଦାଲତରେ ବଡ଼ ବିଜୟ ଘଟିଛି । ପ୍ରଥମ ପତ୍ନୀ ବର୍ଷା ପ୍ରିୟଦର୍ଶିନୀ ତାଙ୍କ ବିରୋଧରେ ଆଣିଥିବା ସମସ୍ତ ଅଭିଯୋଗକୁ କଟକ ଜେଏମ୍‌ଏଫସି ତଥା ଚିଫ୍ ଜୁଡିସିଆଲ(ଦ୍ୱିତୀୟ ଅଦାଲତ )ଖାରଜ କରି ଦେଇଛନ୍ତି । ବର୍ଷା, ଅନୁଭବଙ୍କ ବିରୋଧରେ ଯେଉଁ ଘରୋଇ ହିଂସା ଅଭିଯୋଗ ଆଣିଛନ୍ତି ସେଥିରେ ସତ୍ୟତା ନଥିବା ତଥା ଅଭିଯୋଗରେ ତାଳମେଳ ନଥିବା ଅଦାଲତ ଅନୁଭବ କରିଛନ୍ତି । ସେହିପରି ବର୍ଷା ନିଜେ ଜଣେ ଚଳଚ୍ଚିତ୍ର ତାରକା ହୋଇଥିବାରୁ ସେ ସ୍ୱାବଲମ୍ବୀ । ନିଜେ ରୋଜଗାର ପାଇଁ ସମ୍ପୂର୍ଣ୍ଣ ସକ୍ଷମ ହୋଇଥିବାରୁ ସେ ଟଙ୍କାଟିଏ କ୍ଷତିପୂରଣ ପାଇପାରିବେ ନାହିଁ ବୋଲି ଅଦାଲତ ବର୍ଷାଙ୍କ ଘରୋଇ ହିଂସା ପିଟିସନ୍‌କୁ ଖାରଜ କରିବା ଅବସାରେ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ।


ବର୍ଷା ପ୍ରିୟଦର୍ଶିନୀ ଏହି ମାମଲା ରୁଜୁ କରିଥିଲେ । ତାଙ୍କର ଅଭିଯୋଗଥିଲା ଯେ, ୨୦୧୪ ମସିହା ଫେବ୍ରୁଆରୀ ୮ ତାରିଖରେ ଉଭୟ ବୈଦିକ ରୀତିରେ ବିବାହ କରିଥିଲେ । ଅନୁଭବଙ୍କ ପରିବାର ପକ୍ଷରୁ ଯାହା ଦାବି ହୋଇଥିଲା ସେସବୁ ଦାବିକୁ ପୂରଣ କରାଯାଇଥିଲା । ବାହାଘରରେ ପ୍ରାୟ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥିଲା । ୨୦୧୯ ଡିସେମ୍ବର ପର୍ଯ୍ୟନ୍ତ ଉଭୟ ମିଳିମିଶି ରହିଥିଲେ । ବିବାହ ପରେ ସେମାନେ ମିଳିମିଶି ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ କରିଥିଲେ । କିନ୍ତୁ ଏଥିରୁ ଯେଉଁ ଆୟ ହୋଇଥିଲା ସେଥିରୁ ଗୋଟିଏ ଟଙ୍କା ମଧ୍ୟ ସ୍ୱାମୀ ଅନୁଭବ ତାଙ୍କୁ ଦେଇନଥିଲେ । ଅପରପକ୍ଷେ ଅନୁଭବଙ୍କ ପରିବାର ତାଙ୍କ ଉପରେ ନିର୍ଯାତନା ଆରମ୍ଭ କରିଥିଲେ । ଆହୁରି ମଧ୍ୟ ଅନୁଭବ ଚଳଚ୍ଚିତ୍ରର ଅନେକ ଝିଅଙ୍କ ସହ ସମ୍ପର୍କ ରଖିଥିଲେ । ଏପରିକି ମଦ ପିଇ ଅନୁଭବ ତାଙ୍କୁ ନିର୍ଯାତନା ଦେଇଥିଲେ । ଏହାପରେ ବିଭିନ୍ନ ସମୟରେ ଅନୁଭବ ତାଙ୍କୁ ନିର୍ଯାତନା ଦେଉଥିଲା ବୋଲି ବର୍ଷା ଅଭିଯୋଗ କରିଥିଲେ । ଛୋଟଛୋଟ ଆବ୍ୟଶ୍ୟକତାକୁ ବି ଅନୁଭବ ପୂରଣ କରୁନଥିଲେ । ୨୦୨୦ ଡିସେମ୍ବର ୧୮ ତାରିଖରେ ସେ ଅନୁଭବଙ୍କ ଘରକୁ ଏକ ସାମାଜିକ କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିଲା ବେଳେ ସେହି ଘରେ ତାଙ୍କୁ ବାହାରୁ ତାଲା ପକାଇ ଦିଆଯାଇଥିଲା । ସେଠାରୁ ବାହାରିବା ପରେ ଏନେଇ ସେ ଥାନାରେ ଏତଲା ଦେଇଥିଲେ । ଏହାପରେ ସେ ଘରୋଇ ହିଂସା ଆଇନରେ ଅନୁଭବଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଭରଣପୋଷଣ ପାଇଁ ପ୍ରାର୍ଥନା କରିଥିଲେ । ଏହା ଉପରେ ଅନୁଭବ ମଧ୍ୟ ଜବାବ ରଖିଥିଲେ । ଅନୁଭବଙ୍କୁ ବିଭାଘର ଠାରୁ ବର୍ଷା କିପରି ଅସହଯୋଗ କରୁଥିଲେ ସେ ସଂକ୍ରାନ୍ତରେ ସେ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉଭୟ ପକ୍ଷଙ୍କୁ ଶୁଣିବା ପରେ ଅଦାଲତ ବର୍ଷାଙ୍କ ପିଟିସନକୁ ଖାରଜ କରି ଦେଇଛନ୍ତି ।

# ମୂଲ୍ୟବାନ କାଠ ଜବତ

ଓଡ଼ଗାଁ,(ସବ୍ୟୁ) :ଓଡ଼ଗାଁ ବନ୍ୟାଞ୍ଚଳ ଅଧିନସ୍ଥ, ବାହାଡାଝୋଲ ଫରେଷ୍ଟ ସେକ୍ସନ ଅଧିନରେ ଥିବା ଶାଲୁଆପଲ୍ଲୀ ଗ୍ରାମନିକଟରେ ଥିବା ଜଙ୍ଗଲରୁ ବିରାଟକାୟ ୩ଗୋଟି ମୂଲ୍ୟବାନ ଶାଳକାଠଗଣ୍ଡିକୁ, ମାଫିଆମାନେ କାଟିନେଇଯିବା ଓ ଗଛର ଡାଳଗୁଡ଼ିକୁ ଗ୍ରାମର ଏକପାର୍ଶ୍ୱରେ ପକାଇଥିବା ବିଭାଗୀୟ କର୍ମଚାରୀମାନେ ଦେଖିଥିଲେ। ବାହାଡ଼ାଝୋଲା ସଂରକ୍ଷିତଜଙ୍ଗଲ, ପି –୧୯୬ଅଞ୍ଚଳରୁ ଶାଳଗଛ ମୂଳଗଣ୍ଡି କାଟିନେଇଯାଇଥିବା କର୍ମଚାରୀ ମାନେ ଜାଣିବାପରେ ,ଗ୍ରାମପାର୍ଶ୍ୱରେ ପଡ଼ିଥିବା ୬ଖଣ୍ଡ ଡାଳଗଣ୍ଡିକୁ ଜବତକରି ନିକଟସ୍ଥ ବିଟହାଉସକୁ ଆଣିଥିଲେ । ମୂଳଗଣ୍ଡି ଗୁଡ଼ିକ ପାଇବାକୁ ବନବିଭାଗ ପାଖରୁ ଅନୁସନ୍ଧାନ ଚାଲିଛି । ଗତ ୧୪ତାରିଖରେ କାଠଚୋରମାନେ ଗୋଟିଏ ବିଶାଳ କାୟଶାଳଗଛକୁ କାଟିଥିଲେ, ୨୦ତାରିଖରେ ଆଉ ଦୁଇଟି ବିଶାଳକାୟ ଗଛକୁ କାଟି ତଳେ ପକାଇଥିଲେ । ୨୧ ତାରିଖରେ ଗଛର ମୂଳ, ଡାଳଗୁଡ଼ିକର ଆୟତନକୁ ଦେଖିଲେ ଏହିଗଛଗୁଡ଼ିକୁ ମେସିନ ସାହାଯ୍ୟରେ କଟାଯାଇଛି ଆଉ କ୍ରେନ୍ମେସିନ ଦ୍ୱାରା ବଡ଼ ଟ୍ରକରେ ଲୋଡକରାଯାଇ ଜଙ୍ଗଲ ମଧ୍ୟରୁ ଅନ୍ୟତ୍ର ଚାଲାଣ କରାଯାଇଥିବ । ବହୁପୁରୁଣା ବିଶାଳକାୟ ୩ଟି ମୂଲ୍ୟବାନ ଗଛକୁ କାଟି ଅନ୍ୟତ୍ର ଚାଲାଣ ଘଟଣାରେ ସ୍ଥାନୀୟ ଗ୍ରାମବାସୀଙ୍କ ନିରବ ସହଯୋଗ ରହିଛି ।ଜଣାଯାଏ ଯେ, ଏହି ମୂଲ୍ୟବାନ କାଠଗୁଡ଼ିକୁ ନୟାଗଡ ସୀମାଅତିକ୍ରମ ସୀମାନ୍ତରେ ଥିବା ଗଞ୍ଜାମ ଜିଲ୍ଲାର ଏକ ଅଞ୍ଚଳରେ ଥିବା ଜଣାପଡିଛି। ତେବେ ବନବିଭାଗ ଏଯାବତ ସେ ଚୋରାକାଠ ନିକଟରେ ପହଞ୍ଚି ପାରିନି, ଯାହା କି ପରିବେଶବିତ ମାନଙ୍କମଧ୍ୟରେ ବିଭାଗପ୍ରତି ସନ୍ଦେହ ଉପୁଜିଛି ।

# ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜିର ଗ୍ରାଜୁଏସନ୍ ଦିବସ 'ସମାବର୍ତ୍ତନ : ୨୦୨୫

ଭୁବନେଶ୍ୱର (ସବ୍ୟୁ): ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ କ୍ୟାମ୍ପସ ପରିସରରେ ଗ୍ରାଜୁଏସନ୍ ଦିବସ– ସମାବର୍ତ୍ତନ ୨୦୨୫ ଆୟୋଜିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଏବଂ ସମ୍ମାନୀତ ଅତିଥି ଭାବେ କଗ୍ନିଜେଣ୍ଟ ମୁଖ୍ୟ ତଥା ଉପସଭାପତି ସତୀଶ ପ୍ରଧାନ ଏବଂ ପ୍ରଫେସର ଗଂଗାଧର ମିଶ୍ର ଯୋଗଦେଇଥିଲେ । ସୃଷ୍ଟି ଏକାଡେମୀର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ଦାଶ ସମସ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ନିଜ ଜ୍ଞାନର ଅଭିବୃଦ୍ଧି ସହ ଆତ୍ମବିଶ୍ୱାସ ଏବଂ ନିଜ ଦକ୍ଷତା ବୃଦ୍ଧି ପାଇଁ ଦୃଢ ଶପଥ ନିଅନ୍ତୁ ବୋଲି ମୁଖ୍ୟ ଅତିଥି ପ୍ରଫେସର ଅମୀୟ କୁମାର ରଥ ନିଜ ବକ୍ତବ୍ୟରେ ମତପୋଷଣ କରିଛନ୍ତି। ବିଶ୍ୱବିଦ୍ୟାଳୟର ନିୟମାନୁଯାୟୀ, ଅନୁଷ୍ଠାନର ୨୦୨୧– ୨୩ ଏବଂ ୨୦୨୨–୨୪ ଶିକ୍ଷା ବର୍ଷରେ




କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ କୁଳପତିଙ୍କ ଦ୍ୱାରା ସମ୍ମାନୀତ କରିବା ସହିତ ପ୍ରଫେସର ସ୍ୱରୂପ ଚନ୍ଦ୍ର ସାହୁଙ୍କ ନାମରେ ନାମିତ ସ୍ୱର୍ଣ୍ଣପଦକ ଏବଂ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପ୍ରଫେସର ସ୍ୱରୂପ ଚନ୍ଦ୍ର ସାହୁ ଜଣେ ମ୍ୟାନେଜମେଣ୍ଟ ଶିକ୍ଷାବିଷାରଦ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ଜାଭିଅର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନ ଧରି ନିଜର ଅଧ୍ୟାପନା କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ। ପ୍ରଫେସର ସାହୁଙ୍କର ସୃଷ୍ଟି ଏକାଡେମୀର ମ୍ୟାନେଜମେଣ୍ଟ ଶିକ୍ଷାର ଅଗ୍ରଗତିରେ ଥିବା ଉତ୍ସର୍ଗୀକତା ତଥା ମ୍ୟାନେଜମେଣ୍ଟ ଶିକ୍ଷାର ଅବଦାନ ଅତ୍ୟନ୍ତ ହୃଦୟସ୍ପର୍ଶୀ ଅଟେ। ଛାତ୍ରଛାତ୍ରୀମାନେ ମ୍ୟାନେଜମେଣ୍ଟ ଏବଂ ଆଇଟି ଶିକ୍ଷାକୁ ନେଇ ସେମାନଙ୍କର ଶିକ୍ଷା ସମାପ୍ତ କରିବା ସହ ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରାଇବା ବୃତ୍ତିଗତ କ୍ଷେତ୍ରରେ ସଫଳତା ହାସଲ କରିବା କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଗଭର୍ଣ୍ଣିଂବଡି ସଦସ୍ୟ, ଏକାଡେମିକ୍ ସଦସ୍ୟ, ଅନୁଷ୍ଠାନ ସହିତ ଅନୁବନ୍ଧିତ ହୋଇଥିବା ସମସ୍ତ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ସଦସ୍ୟ, କର୍ପୋରେଟ୍ ଜଗତର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ୨୦୨୧– ୨୩ ଏବଂ ୨୦୨୨–୨୪ ଶିକ୍ଷାବର୍ଷରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀମାନେ ବର୍ତ୍ତମାନ ଆମ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ବଡ କମ୍ପାନୀମାନଙ୍କରେ କାର୍ଯ୍ୟରତ ଥିବାରୁ ମୁଖ୍ୟ ଅତିଥି ସନ୍ତୋଷ ପ୍ରକାଶ କରିବା ସହ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଏମ୍‌ବିଏ ବିଭାଗର ମୁଖ୍ୟ ଡଃ. ପ୍ରଜ୍ଞାପାରମିତା ଷଡଙ୍ଗୀ ଏବଂ ଏମ୍‌ସିଏ ବିଭାଗର ମୁଖ୍ୟ ଅନୁଜ୍ଞାପ୍ରଭା ମଞ୍ଜରୀ ସଂଯୋଜନା କରିଥିଲେ । ଏହି ସମାବର୍ତ୍ତନ : ୨୦୨୫ ଉତ୍ସବରେ ଯୋଗଦେଇଥିବା ସମସ୍ତ ଛାତ୍ରଛାତ୍ରୀ, ଅତିଥିଗଣ, ବିଶିଷ୍ଟ ଶିକ୍ଷାବିତ୍ ତଥା କର୍ପୋରେଟ୍ ଜଗତର ସମସ୍ତ ଅତିଥିମାନଙ୍କୁ ପ୍ରତିଷ୍ଠାତା ଇଂ. ସରୋଜ କୁମାର ସାହୁ କୃତଜ୍ଞତା ଜଣାଇଥିଲେ । ଶେଷରେ ଅନୁଷ୍ଠାନର ପ୍ରଫେସର ଗଙ୍ଗାଧର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ଛଣଗିରି ଗ୍ରାମବାସୀଙ୍କ ଆତଙ୍କବାଦୀ ହମଲାକୁ ନିନ୍ଦା


ନିରାକାରପୁର, (ସବ୍ୟୁ) :ଜାମ୍ମୁ –କାଶ୍ମୀରର ପହଲଗାମ ନିକଟସ୍ଥ ବୈସାରଣ ଘାଟିରେ ପାକିସ୍ତାନୀ ଆତଙ୍କବାଦୀ ଦ୍ୱାରା ଗୁଳି ବର୍ଷଣ ଯୋଗୁଁ ଭାରତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ମୋଟ ୨୮ଜଣଙ୍କର ମୃତ୍ୟୁ ଘଟିଛି ।ତେଣୁ ଏହାର ନିନ୍ଦାକରି ଆଜି ଛଣଗିରି ଗ୍ରାମବାସୀଙ୍କ ତରଫରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା।ଗୁଳିରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକଙ୍କ ଉଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ହିନ୍ଦୁସ୍ଥାନ ଜିନ୍ଦାବାଦ, ପାକିସ୍ଥାନ ମୁର୍ଦାବାଦ ନାରାରେ ବଜାର କମ୍ପି ଉଠିଥିଲା । ଏହି ଅବସରରେ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ।

## ଶିକ୍ଷା ବିକାଶ ସମିତିର ସାଧାରଣ ସଭା

କଟକ,(ସବ୍ୟୁ): କେଶବଧାମ ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ ଶିକ୍ଷା ବିକାଶ ସମିତି ପକ୍ଷରୁ ସାଧାରଣ ସଭା ବିଦ୍ୟା ଭାରତୀ ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ବିଦ୍ୟା ଭାରତୀ ଅଖିଳ ଭାରତୀୟ ସହ ମନ୍ତ୍ରୀ ଗାୟତ୍ରୀ ବାହିନୀ ପତି, ଶିକ୍ଷା ବିକାଶ ସମିତିର ରାଜ୍ୟ ଅଧ୍ୟକ୍ଷ ଡ.କିଶୋର ଚନ୍ଦ୍ର ମହାନ୍ତି, ସମ୍ପାଦକ ଡ.ସରୋଜ କୁମାର ହାତୀ, ସହ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେଛ ପ୍ରାନ୍ତ ସଂଗଠନ ମନ୍ତ୍ରୀ ତାରକଦାସ ସରକାର ସାଧାରଣ ସଭାର ପ୍ରସ୍ତାବନା ରଖିଥିଲେ । ପଞ୍ଚକୋଷାତ୍ମକ ବିକାଶ, ଆଧାରଭୂତ ବିଷୟ, ପଞ୍ଚପଦୀ ଅଧିଗମ ଶିକ୍ଷା ବ୍ୟବସ୍ଥା ତଥା ଭାରତୀୟତା ଆଧାରିତ ଶିକ୍ଷା, ଭାରତ କୈନ୍ଦ୍ରିକ ଶିକ୍ଷା ଆଦି ବିଷୟ ମାଧ୍ୟମରେ ଭାରତରେ ଏକ ପରିବର୍ତ୍ତନ ଆଣିବା ଆମର ପରମ କର୍ତ୍ତବ୍ୟ ଓ ଦାୟିତ୍ୱ ହେଉ ଏ ପ୍ରକାର ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ପ୍ରାଦେଶିକ ମେଧା ପରୀକ୍ଷା ଓ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଫଳାଫଳ ପ୍ରକାଶ ପାଇଥିଲା । ବାର୍ଷିକ ଯୋଜନା ପୁସ୍ତକ ଓ ବୋଧମାଳା ଭାଗ ୧ ଓ ୨ ପୁସ୍ତକ ଉନ୍ମୋଚିତ ହୋଇଥିଲା ।

### ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଖୋର୍ଦ୍ଧା ଗସ୍ତ


# ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ଯୋଜନାର ସମୀକ୍ଷା



ଖୋର୍ଦ୍ଧା, (ସବ୍ୟୁ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଶନିବାର ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ସରକାରୀ ଯୋଜନା ର ସମୀକ୍ଷା କରିଛନ୍ତି । ଏଠାରେ ଶ୍ରୀ ଆହୁଜା, କୃଷି ବିଭାଗର ନିର୍ଦ୍ଦେଶକ ଶୁଭମ ସକ୍ସେନା, ରାଜସ୍ୱ ବିଭାଗ ର ଯୁଗ୍ମ ସଚିବ ପ୍ରଦୀପ ସାହୁ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ରେ ଆଲୋଚନା କରିଛନ୍ତି । ବିଶେଷତଃ କୃଷକ ପଞ୍ଜିକରଣ ଓ କଲମ–୨ ପ୍ରଜାଖାନା ସଂଶୋଧନ ଉପରେ ସମୀକ୍ଷା କରିଥିଲେ। ଏଥିସହିତ ଜିଲ୍ଲା ରେ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଜନ୍ମ ମୃତ୍ୟୁ ପ୍ରମାଣ ପାତ୍ର, ଲିଗାଲ ହେୟାର, ଜମିବାଡ଼ି ଆଦି ଡିଜିଟାଲ ଯାଇସେନ, କୃଷକ ପଞ୍ଜିକରଣ ତ୍ୱରାନ୍ୱିତ ହେବା ଉପରେ ଗୁରୁତ୍ୱ ଦେଇଥିଲେ । ସମୀକ୍ଷା ବେଳେ କର୍ମଚାରୀଙ୍କର ବିଭିନ୍ନ ଅଭାବ ଓ ଅସୁବିଧା କଥା ବି ସେ ଶୁଣିଛନ୍ତି । ଗାଁକୁ ଯାଇ ଲୋକଙ୍କର ସୁବିଧା ଓ ଅସୁବିଧା କଥା ବୁଝିବେ। ଗାଁରେ କଣ ସବୁ ସମସ୍ୟା ଅଛି, ତାକୁ ଦୂର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଜିଲା ରେ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ । ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ପଣ୍ଡା, ତହସିଲଦାର ବିଭାସ ପାଣିଗ୍ରାହୀ, ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି ଏବଂ ଅନ୍ୟ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଭାରତୀୟ ଜୀବନ ବୀମା ନିଗମର ତତ୍କାଳ ମୃତ୍ୟୁକାଳୀନ ଦାବି ପ୍ରଦାନ

କଟକ, (ସ୍ୱପ୍ର):ଭାରତୀୟ ଜୀବନ ବୀମା ନିଗମ ଗତ ଏପ୍ରିଲ ୨୨ ଦିନ ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବାଲେଶ୍ୱର ଜିଲ୍ଲାର ପ୍ରଶାନ୍ତ କୁମାର ଶତପଥୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ଜୀବନ ବୀମା ନିଗମର ସିଇଓ ତଥା ଏମ୍ ଡି ସିଦ୍ଧାର୍ଥ ମହନ୍ତି,ପୂର୍ବ ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର ଓ ପ୍ରେମେନ୍ଦ୍ର ହରିଙ୍କ ନିର୍ଦ୍ଦେଶ କ୍ରମେ ଏବଂ କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାରଙ୍କଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସର୍ବୋପରି ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ମୃଣ୍ମୟ କୁମାର ଚକ୍ରବର୍ତ୍ତୀ ଓ ପୁରା ଟିମର ଉଦ୍ୟମ ବଳରେ ଏପ୍ରିଲ ୨୩ ତାରିଖ ଦିନ ସ୍ୱର୍ଗତ ପ୍ରଶାନ୍ତ କୁମାର ଶତପଥୀଙ୍କ ପରିବାର ବର୍ଗଙ୍କୁ ମୃତ୍ୟୁକାଳୀନ ଦାବୀ ସମାଧାନ ପୂର୍ବକ ସମସ୍ତ ବୀମା ରାଶି ତତ୍କାଳ ପ୍ରଦାନ କରିଛନ୍ତି । ଏହି ଅବସରରେ ଭାରତୀୟ ଜୀବନ ବୀମା ନିଗମର ଏତାଦୃଶ ମହନୀୟ କାର୍ଯ୍ୟ ପାଇଁ ସମାଜର ସବୁ ବର୍ଗର ଜନସାଧାରଣଙ୍କ ଶୁଭେଚ୍ଛାର ସୁଅ ଛୁଟୁଟି ।




### 'ସାହିତ୍ୟ ମାସିକି' କାର୍ଯ୍ୟକ୍ରମ

# ନମିତା ପାଇକରାୟଙ୍କ କବିତାର ହିନ୍ଦୀ ସଂକଳନ 'ବସ୍ତି' ଲୋକାର୍ପିତ

ଭୁବନେଶ୍ୱର, (ସବ୍ୟୁ): ଅନୁବାଦ ମାଧ୍ୟମରେ ଓଡ଼ିଆ ସାହିତ୍ୟ ଅନ୍ୟାନ୍ୟ ଭାରତୀୟ ଭାଷାରେ ଆଦୃତ ହୋଇପାରିବ । ସରକାରୀ ଓ ବେସରକାରୀ ସ୍ତରରେ ଅନୁବାଦକୁ ବ୍ୟାପକ ପ୍ରୋତ୍ସାହନ ଆବଶ୍ୟକ । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ସାହିତ୍ୟିକା ନମିତା ପାଇକରାୟଙ୍କ ଲିଖିତ ଓ କୃଷ୍ଣ କୁମାର ଅଜନବୀଙ୍କ ଅନୂଦିତ କବିତା ପୁସ୍ତକ 'ବସ୍ତି'ର ଲୋକାର୍ପଣ କରି ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି । ପ୍ରସିଦ୍ଧ କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ପୁସ୍ତକର ପ୍ରକାଶକ ସ୍ୱୟଂସିଦ୍ଧା ପବ୍ଲିକେସନ୍ ପକ୍ଷରୁ ଶ୍ରୀମତୀ ମଧୁସ୍ମିତା ବାଗ୍ ଉପସ୍ଥିତ ଥିଲେ । ଲେଖିକା ଶ୍ରୀମତୀ ପାଇକରାୟ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଗାଳ୍ପିକ ରବି ପଣ୍ଡାଙ୍କ ସହିତ କାର୍ଯ୍ୟକାରୀ ସଭାପତି କବି ରକ୍ଷକ ନାୟକଙ୍କ ଆଳାପ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଶ୍ରୀ ପଣ୍ଡା ସମକାଳୀନ ଓଡ଼ିଆ ଗଳ୍ପର ଧାରା ଓ ଧରା, ସାହିତ୍ୟର ପାଠକ ଓ ଗ୍ରାହକ, ପ୍ରକାଶନ ସମସ୍ୟା ଇତ୍ୟାଦି ପ୍ରସଙ୍ଗ ସହିତ ନିଜ



କଥାଯାତ୍ରାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

ପବିତ୍ର ମୋହନ କର, ପ୍ରଦୀପ୍ତ କୁମାର ବାରିକ, ନନ୍ଦକିଶୋର ବିଶ୍ୱାଳ, ଡ. ସୁଶୀଲ କୁମାର ବାଗ୍ ଓ ଆଭାସ ବରାଳ ପ୍ରମୁଖ ବିଭିନ୍ନ ପ୍ରଶ୍ନ ଉପସ୍ଥାପିତ କରିଥିବାବେଳେ ଶ୍ରୀ ପଣ୍ଡା ସେସବୁର ଉତ୍ତର ରଖିଥିଲେ । 'ଏ ମାସର କବି' ଭାବରେ ତରୁଣ କବି ଅଧ୍ୟାପକ ଦିପୁନ ପୁହାଣ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଶେଷରେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପଦୋନ୍ନତି ପ୍ରସଙ୍ଗ

# ରହିତାଦେଶରେ ସଂଶୋଧନ କଲେ ହାଇକୋର୍ଟ

କଟକ,(ସବ୍ୟୁ): ସହକାରୀ ଯନ୍ତ୍ରୀଙ୍କ ପଦୋନ୍ନତି ପାଇଁ ଜାରି ହୋଇଥିବା ଅନ୍ତରୀଣ ରହିତାଦେଶରେ ହାଇକୋର୍ଟ ସଂଶୋଧନ କରିଛନ୍ତି । ଯେଉଁମାନେ ଆସନ୍ତା ଜୁନ୍ ୩୦ ତାରିଖ ସୁଦ୍ଧା ଅବସର ଗ୍ରହଣ କରିବେ ସେମାନେ ଯଦି ପଦୋନ୍ନତି ପାଇବାକୁ ହକ୍କଦାର୍ ଥିବେ ଉକ୍ତ ଯନ୍ତ୍ରୀଙ୍କୁ ପଦୋନ୍ନତି ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ହିରଣ୍ମୟୀ ନାୟକ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତିଛମାମଲାର ଶୁଣାଣି ଆସନ୍ତା ଜୁନ୍ ୨୪କୁ ଧାର୍ଯ୍ୟ ହୋଇଛି ।

ମାମଲାରୁ ଜଣାଯାଇଛି ଯେ, ୨୦୨୪ ସେପ୍ଟେମ୍ବର ୪ ତାରିଖରେ ପଦୋନ୍ନତି କମିଟି ବୈଠକରେ ଖାଲି ପଡିଥିବା ୩୦୫ଟି ଏଇଇ( ସହକାରୀ ନିର୍ବାହୀ ଯନ୍ତ୍ରୀ) ପଦବି ଲାଗି ପଦୋନ୍ନତି ଦେବାପାଇଁ ସୁପାରିସ କରାଯାଇଥିଲାଛ ତେବେ ଏହି ସୁପାରିସ ତ୍ରୁଟିପୂର୍ଣ୍ଣ ଥିବା ଦର୍ଶାଇ ବିଭାଗୀୟ କର୍ତ୍ତୃପକ୍ଷ ଏହି ଡିପିସିକୁ ବାତିଲ କରି ଗତ ମାର୍ଚ୍ଚ ୬ ତାରିଖରେ ଆଉ ଏକ ଡିପିସି କରିଥିଲେ । ତେବେ ନୂଆ ଡିପିସିର ସୁପାରିସ ଆଧାରରେ ପଦୋନ୍ନତି ଦିଆଯିବା ପୂର୍ବରୁ ଅଣସଂରକ୍ଷିତ ବର୍ଗର ୫ଜଣ ସହକାରୀ ଯନ୍ତ୍ରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଗତ ମାର୍ଚ୍ଚ ୧୮ ତାରିଖରେ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ । ଅଦାଲତଙ୍କ ଏହି ଆଦେଶ ଫଳରେ କାହାକୁ ପଦୋନ୍ନତି ଦିଆଯାଇ ପାରୁ ନଥିଲା । ଫଳରେ କେତେକ ସହକାରୀ ଯନ୍ତ୍ରୀ ଚାକିରିରୁ ଅବସର ଗ୍ରହଣ କରିଗଲେ ମଧ୍ୟ ପଦୋନ୍ନତି ପାଇପାରି ନଥିଲେଛ ପଦୋନ୍ନତି ସୁଯୋଗରୁ ବଞ୍ଚିତ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର କେତେକ ସହକାରୀ ଯନ୍ତ୍ରୀ ଅନ୍ତରୀଣ ଆଦେଶ ପ୍ରତ୍ୟାହାର ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ରାଜ୍ୟ ସରକାର ଙ୍କ ପକ୍ଷରୁ ମଧ୍ୟ ଏହି ଅନ୍ତରୀଣ ଆଦେଶ ହଟାଇବା ପାଇଁ ପ୍ରାର୍ଥନା କରାଯାଇଥିଲା । କିଛି ଯନ୍ତ୍ରୀ ନିକଟରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି । କିନ୍ତୁ ଅଦାଲତଙ୍କ ଅଙ୍କୁଶ ଫଳରେ ସେମାନେ ଏହି ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ଅନ୍ତରୀଣ ଆଦେଶରେ ସଂଶୋଧନ କରିଛନ୍ତି । ଯେଉଁମାନେ ପଦୋନ୍ନତି ପାଇଁ ଉପଯୁକ୍ତ ସେମାନଙ୍କର ପଦୋନ୍ନତି ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି ।

## ଚାକିରି କରାଇଦେବା ନାଁରେ ଠକେଇ
# ଲକ୍ଷାଧିକ ଟଙ୍କା ଠକିଥିବା ଠକ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ରେଲୱେ ରେ ଚାକିରୀ ଦେବା ନାଁ ରେ ଜଣେ ଯୁବକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକିନେଇଥିବା ଅଭିଯୋଗରେ ଶିଳ୍ପାଂଚଳ ଥାନା ପୁଲିସ ଜଣେ ଠକ କୁ ଗିରଫ କରିଛି । ଠକ ଜଣକ ହେଲେ ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ଓସ୍ତପଡା ଗ୍ରାମର ସୁକାନ୍ତ ପାଇକରାୟ ଓରଫ ମିଟୁ (୪୬) । ମିଟୁ ମୁକୁନ୍ଦପ୍ରସାଦ ଅଂଚଳର ବିଜୟିନୀ ଷଡଙ୍ଗୀଙ୍କ ସହ ଜଣେ ପୂର୍ବତନ ଶିକ୍ଷାଧିକାରୀ ରାଧାମୋହନ ପଣ୍ଡାଙ୍କ ପରିଚୟ ଦେଇ ବିଶ୍ୱାଶ ଜନ୍ମାଇ ସମ୍ପର୍କ ଯୋଡିଥିଲା । ତାଙ୍କ ପୁଅ ଅମିତ୍ କୁ ରେଲୱେ ରେ ଚାକିରି କରାଇଦେବା ବିଶ୍ୱାସ ଦେଇଥିଲା । ଏନେଇ ୧୫ଲକ୍ଷ ଟଙ୍କା ଲାଗିବ ବୋଲି ସେ କହିବା ସହ ତାଙ୍କ ଠାରୁ ଉକ୍ତ ଟଙ୍କା ନେଇଥିଲେ । ମାତ୍ର ଚାକିରି ନହେବାରୁ ଅଭିଯୋଗକାରୀ ବିଜୟିନୀଙ୍କର ସନ୍ଦେହ ହୋଇଥିଲା । ଟଙ୍କା ଫେରସ୍ତ ଲାଗି ଦାବି କରିଥିଲେ । ମାତ୍ର ମିଟୁ ତାଙ୍କ ମିଛ ପରିଚୟ ଦେଇ ଠକିଥିବା ଜାଣିବା ପରେ ଅମିତ୍ ଓ ତାଙ୍କ ମାଆ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ସାଇବର ଥାନା ତାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି । ମିଟୁ ଏହାପରେ ଅଭିଯୋଗକାରୀଙ୍କୁ ଫୋନ୍ ରେ ବିଭିନ୍ନ ପ୍ରକାର ଧମକ ଓ ଗାଳିଗୁଲଜ କରିବା ସହ କେଶ ଉଠାଇବାକୁ ଦାବି କରିଥିଲା । ନଚେତ ପୁଅର ଭବିଷ୍ୟତ ନଷ୍ଟ କରିଦେବ ବୋଲି ଧମକ ମଧ୍ୟ ଦେଉଥିଲା । ଏନେଇ ଅଭିଯୋଗକାରୀ ଶିଳ୍ପାଂଚଳ ଥାନାରେ ଅଭିଯୋଗ କରିବାରେ ପୁଲିସ ୧୦୪/୨୫ରେ ମାମଲା ରୁଜୁ କରି ମିଟୁ କୁ ଗିରଫ କରିଛି । ତା ଠାରୁ ୨ଟି ମୋବାଇଲ ଫୋନ୍, ୨ଟି ଏଟିଏମ କାର୍ଡ, ଆଧାରକାର୍ଡ, ପ୍ୟାନ କାର୍ଡ, ନଗଦ ୨୨ହଜାର ଟଙ୍କା ଜବତ କରିଛି । ମିଟୁ ନାମରେ ପୂର୍ବରୁ ଚାନ୍ଦପୁର ଥାନାରେ ୧୪୯/୨୦ ଏବଂ ଆଦର୍ଶ ଥାନା ରେ ୬୦୦/୧୪ରେ ମାମଲା ରହିଅଛି । ଠକ ମିଟୁ କେତେ ବେଳେ ନିଜକୁ ସିବିଆଇ ଅଫିସର ଏବଂ କେତେବେଳେ ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ପରିଚୟ ଦେଇ ଅସହାୟ ଯୁବକଙ୍କୁ ଠକୁଥିବା ଶିଳ୍ପାଞ୍ଚଳ ଅଧିକାରୀ ଗାୟତ୍ରୀ ମିଶ୍ର କହିଛନ୍ତି । ଘଟଣାର ତଦନ୍ତ ଦାୟିତ୍ୱ ସୁନିତା ବେହେରାଙ୍କୁ ଦିଆଯାଇଥିବା ବେଳେ ଅଭିଯୁକ୍ତକୁ ଗିରଫ କରିବାରେ ସବ୍ଇନିସ୍ପେକ୍ଟର ବାସୁଦେବ ଜୟସିଂହ, ହାବିଳ ଦାର ପ୍ରଦୀପ ହରିଚନ୍ଦନ ପ୍ରମୁଖ ସାମିଲ ହୋଇଥିଲେ ।

### ଇ-କମର୍ସ ଠକେଇର ମୁକାବିଲା ପାଇଁ ଆମାଜନର ବହୁସ୍ତରୀୟ ଆଭିମୁଖ୍ୟ

ଭୁବନେଶ୍ୱର, (ସବ୍ୟୁ) : ଦେଶରେ ଗତ କିଛି ବର୍ଷ ମଧ୍ୟରେ ସୋସିଆଲ ମିଡିଆ, ଇ-କମର୍ସ, ଏଂଟରପ୍ରାଇଜ୍ ଏବଂ ଫିନଟେକ୍ ପ୍ଲାଟଫର୍ମରେ ଠକେଇ କାର୍ଯ୍ୟକଳାପ ଯଥେଷ୍ଟ ବୃଦ୍ଧି ପାଇଛି । ତେଣୁ ଆମାଜନ ଏହାର ଇକୋସିଷ୍ଟମକୁ ସୁରକ୍ଷିତ ରଖିବା ପାଇଁ ଅତ୍ୟାଧୁନିକ ରଣନୀତି ପ୍ରୟୋଗ କରୁଛି । ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) ଯାଂଚ ଏକ ଅତ୍ୟନ୍ତ ସୁରକ୍ଷିତ ପଦ୍ଧତି ଯାହା ନିଶ୍ଚିତ କରେ ଯେ ଡେଲିଭରି ଗୁଡିକ ଇଚ୍ଛିତ ପ୍ରାପ୍ତକାରୀଙ୍କ ନିକଟରେ ପହଂଚିପାରିବ । ମୂଲ୍ୟବାନ, ସମ୍ବେଦନଶୀଳ କିମ୍ବା ଉଚ୍ଚ ସ୍ତରୀୟ ଡେଲିଭରି ପାଇଁ ଏହି ପଦକ୍ଷେପ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ । ଆମାଜନ୍ ଇଣ୍ଡିଆ ଠକେଇକୁ ହ୍ରାସ କରିବା ଏବଂ ଏକ ବିଶ୍ୱସନୀୟ ବଜାର ସୁନିଶ୍ଚିତ କରିବା ପାଇଁ ବିକ୍ରେତା ଯାଂଚ ପ୍ରକ୍ରିୟା ନିୟୋଜିତ କରୁଛି ।

# ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ): ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ । ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ।



ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଟ୍ରିମ୍ସରେ ବୈଷୟିକ ପ୍ରକଳ୍ପ ପ୍ରଦର୍ଶନୀ

କଟକ (ସ୍ୱପ୍ର) ଟ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଇଂଜନିୟରିଂ ଓ ଟେକ୍ନୋଲୋଜିର କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ବୈଷୟିକ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଅତ୍ୟାଧୁନିକ ଜ୍ଞାନ କୌଶଳ, ଅଭିନବ ଚିନ୍ତାଧାରା ଓ ଗବେଷଣା ଏବଂ ଏହାର ସଫଳ ଉପଯୋଗ ସଂକ୍ରାନ୍ତ ଏହି ପ୍ରଦର୍ଶନୀରେ ବିଭାଗୀୟ ଛାତ୍ରଛାତ୍ରୀଙ୍କ ୩୬ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏସବୁ ଭିତରେ ଥିଲା ଇଣ୍ଟରନେଟ୍ ଥିଙ୍ଗସ୍, ମେସିନ ଲର୍ଣ୍ଣିଂ, କୃତ୍ରିମ ବୁଦ୍ଧିମତା, ସ୍ମାର୍ଟ ସିଟି, ସ୍ମାର୍ଟ ଜଳସେଚନ୍, ସ୍ମାର୍ଟ ହେଲମେଟ୍ ,ପାଣିପାଗ ପୂର୍ବାନୁମାନ, ଭିନ୍ନକ୍ଷମଙ୍କ ପାଇଁ ସହାୟକ ଉପକରଣ ଇତ୍ୟାଦି ପ୍ରଯୁକ୍ତି ବିଦ୍ୟା ଆଧାରିତ ପ୍ରକଳ୍ପ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋ୍ତା ପ୍ରଦର୍ଶନୀକୁ ଉଦ୍ ଘାଟନ କରି ପ୍ରକଳ୍ପ ପ୍ରଦର୍ଶନୀର ଉପାଦେୟତା ସଂପର୍କରେ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରକଳ୍ପ ପ୍ରସ୍ତୁତିରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ବୁଦ୍ଧିମତା ପ୍ରଶଂସନୀୟ ବୋଲି ମତ ବ୍ୟକ୍ତ କରିଥିଲେ । ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ପ୍ରତିଭାର ଉନ୍ମେଷ ଉପରେ ଗୁରୁତ୍‌ାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ଡିନ୍ ଡ. ନୟନ ରଜନ ସାମଲ, ଡିନ୍ (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି,ଡ. ବିଶ୍ୱରଜନ ତ୍ରିପାଠୀ ଓ ଡ. ବିଶ୍ୱରଂଜନ ଷଡଙ୍ଗୀ ଜୁରି ସଦସ୍ୟ ଭାବରେ ଯୋଗଦେଇ ପଦର୍ଶିତ ପ୍ରକଳ୍ପ ଗୁଡିକର ଉପଯୋଗିତା ଓ ଆକଳନ ସହ ମୂଲ୍ୟାୟନ କରିଥିଲେ । ବିଭାଗୀୟ ମୁଖ୍ୟ ତଥା ପ୍ରକଳ୍ପ ସଂଯୋଜକ ପ୍ରାଧ୍ୟାପକ ସୁରଜିତ୍ ମହାନ୍ତି ପ୍ରାଧ୍ୟାପକ ରଘୁନାଥ ରାଉତ, ପ୍ରାଧ୍ୟାପକ ତୁଷାରକାନ୍ତ ସାମଲ, ପ୍ରାଧ୍ୟାପିକା ରୋଜାଲିନ୍ ଦାଶ, ପ୍ରାଧ୍ୟାପିକା ମୌସୁମୀ ଆଚାର୍ଯ୍ୟ, ପ୍ରାଧ୍ୟାପକ ଶୁଭାଶିଷ ମହାପାତ୍ର, କୁଳସନ ପଟ୍ଟନାୟକ, ଅନିତା ମହାନ୍ତି, ନିଭା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରେଷ୍ଠ ବିବେଚିତ ପ୍ରକଳ୍ପଗୁଡିକୁ ପୁରସ୍କୃତ କରାଯାଇଥିଲା ।

## ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି
# ରାଜନୀତିରେ ଆଗକୁ ବଢିବାର ପ୍ରେରଣା ଦେଇଥିଲେ ରତି ଭାଇ : ବାଚସ୍ପତି

ଭୁବନେଶ୍ୱର (ସବ୍ୟୁ): ନିକଟରେ ପରଲୋକ ଗମନ କରିଥିବା ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କୁ ଶନିବାର ଦିନ ବହୁ ପ୍ରତିଷ୍ଠିତ ରାଜନେତା, ଖବରକାଗଜ ସମ୍ପାଦକ, ସାମ୍ବାଦିକ ଓ ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତି ଏକ ବିଶେଷ ସ୍ମୃତି ସଭାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଏହି ସ୍ମୃତିସଭାକୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଘଡ଼ାଇ, ପ୍ରସନ୍ନ ଆଚାର୍ଯ୍ୟ, ପଂଚାନନ କାନୁନଗୋ ଓ ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଟ୍ଟନାୟକ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଶ୍ରଦ୍ଧାଞ୍ଜଳିରେ ବାଚସ୍ପତି ସୁରମା ପାଢ଼ୀ କହିଥିଲେ ରତିକାନ୍ତ ମହାନ୍ତି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ସେ ତାଙ୍କର ହାତ ଧରି ରାଜନୀତିରେ କିପରି ଉପରକୁ ଉଠିବାକୁ ହେବ ସେ ନେଇ ତାଙ୍କର ମାର୍ଗ ଦର୍ଶନ କରିଥିଲେ ବୋଲି କହିବା ସହିତ ତାଙ୍କର ରିପୋର୍ଟିଂ ଶୈଳୀ ସବୁଠାରୁ ନିଆରା ଓ ଭିନ୍ନ ଥିଲା ବୋଲି କହିଥିଲେ । ଜଣେ ସଚ୍ଚୋଟ, ନିର୍ଭିକ ଓ ସମର୍ପିତ ସାମ୍ବାଦିକ ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ପ୍ରଦର୍ଶିତ ମାର୍ଗରେ ଆମେ ଯଦି ଚାଲିପାରିବା ତେବେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀମତୀ ପାଢୀ କହିଥିଲେ । ଏଥି ସହିତ ରତି ଭାଇଙ୍କ ସ୍ମୃତିକୁ ସବୁଦିନ ସାଇତା ପାଇଁ ରତି ଭାଇ ସ୍ମୃତି କମିଟି ଯାହା ପରାମର୍ଶ ଦେବ ବିଧାନସଭା ତାହ ସହୃଦୟତାର ସହିତ ବିଚାର କରିବ ବୋଲି ସେ କହିଥିଲେ ।





ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଘଡାଇ ରତିକାନ୍ତ ବାବୁ ଜଣେ ଅତ୍ୟନ୍ତ ମିଷ୍ଟଭାଷୀ, ନିରହଙ୍କାରୀ ଓ ସଚ୍ଚୋଟ ସମ୍ବାଦିକ ଭାବେ ନିଜକୁ ପ୍ରତିଷ୍ଠା କରିପାରିଥିଲେ ବୋଲି କହିଥିଲେ । ବିଜୁ ପଟ୍ଟନାୟକଙ୍କ ଶାସନ ସମୟରେ ରତିକାନ୍ତଙ୍କର ରାଜନୀତି ଠାରୁ ଆରମ୍ଭ କରି ପ୍ରଶାସନିକ ମହଲରେ ବେଶ୍ ପ୍ରଭାବ ରହିଥିଲା । କେବଳ ସେତିକି ନୁହେଁ ଜାନକୀ ବଲ୍ଲଭ ପଟ୍ଟନାୟକ, ହେମାନନ୍ଦ ବିଶ୍ୱାଳ ଓ ଗିରିଧର ଗମାଙ୍ଗଙ୍କ ଭଳି ମୁଖ୍ୟମନ୍ତ୍ରୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଥିଲେ ମଧ୍ୟ ସେ କେବେ ନିଜ ପାଇଁ କାହାକୁ କିଛି ମାଗିନଥିଲେ ବୋଲି ଶ୍ରୀ ଘଡ଼ାଇ କହିବା ସହିତ ଏଥିରେ ତାଙ୍କର ମହନୀୟତା ପ୍ରତିପାଦିତ ହୋଇଥିଲା ବୋଲି ସେ କହିଥିଲେ । ଶ୍ରୀ ମହାନ୍ତି ୪ଦଶନ୍ଧି ଧରି ସାମ୍ବାଦିକତା କରି ଆସୁଥିଲେ । ତାଙ୍କ ବିୟୋଗରେ ଓଡିଶା ସାମ୍ବାଦିକତାରେ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଥିଲେ ।

ରତିକାନ୍ତ ସ୍ମୃତି କମିଟି ଅଧକ୍ଷ ରବିଦାସ ଓ ସ୍ମରଣିକା କମିଟି ସମ୍ପାଦକ ପ୍ରଭୁକଲ୍ୟାଣ ମହାନ୍ତିଙ୍କ ଦ୍ୱାରା ସଂଚାଳିତ ଏହି ସ୍ମୃତିସଭାରେ ପୂର୍ବମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ସଂଜୟ ଦାସ ବର୍ମା, ବିଜୟ ନାୟକ, ଅନନ୍ତ ଜେନା, ସୁଦର୍ଶନ ଦାସ, ମିନତି ସିଂହ, ବିଜେପି ନେତା ଗୋଲକ ମହାପାତ୍ର, ସିପିଆଇ (ଏମ୍) ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ପ୍ରଦ୍ୟୁମ୍ନ ଶତପଥୀ, ବଟକୃଷ୍ଣ ତ୍ରିପାଠୀ, ରାଜେଶ ମହାପାତ୍ର, ପ୍ରସନ୍ନ ମହାନ୍ତି, ସନ୍ଦୀପ ସାହୁ ସୁଭାଶିଷ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ରମେଶ ମହାନ୍ତି, ସନ୍ଦୀପ ମିଶ୍ର, ପ୍ରଦୋଷ ପଟ୍ଟନାୟକ, ପ୍ରସନ୍ନ ପତି, ଶରତ ପାଇକରାୟ, ପ୍ରମେୟ ସଂପାଦକ ଗୋପାଳ ମହାପାତ୍ର, ଦେବନାରାଣ ସେଠୀ, ମନୋରଂଜନ ମିଶ୍ର, ଅଶୋକ ସାହୁ, ଅରବିନ୍ଦ ମିଶ୍ର, ବିଭୂତି କର, ପବିତ୍ର ମହାରଥା, ବିବେକ ଜେନା, ରମେଶ ସ୍ୱାଇଁ, ସଂଜୟ ଜେନା, ଅକ୍ଷୟ କୁମାର ସାହୁ, ବିରୁପାକ୍ଷ ତ୍ରିପାଠୀ, ଯଯାତି ମହାନ୍ତି, ବପିନ୍ ସିଂହ, ପାର୍ଥ ସାରଥୀ ଜେନା, ଦୀପକ ମହାପାତ୍ର, ଅପୂର୍ବ ମହାନ୍ତି, ସାରଦା ଦେବତା, ଅବିନାଶ ମିଶ୍ର, ପ୍ରିୟରଂଜନ ସାହୁ, ସଂଜୟ ଦାସ, ମାଧବାନନ୍ଦ ବେହୁରା ପ୍ରମୂଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରତି ଭାଇ ସ୍ମୃତି କମିଟି ପକ୍ଷରୁ ରତି ଭାଇଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ଏକ ସ୍ମରଣିକାକୁ ବାଚସ୍ପତି ସୁରମା ପାଢ଼ୀ ଉନ୍ମୋଚନ କରିଥିଲେ । ଏହି ଅବସରରେ ରତିକାନ୍ତ ମହାନ୍ତିଙ୍କ ଜୀବନୀ ଉପରେ ଏକ ପ୍ରମାଣିକ ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା ।

### 'ଜଳବାୟୁ ପରିବର୍ତ୍ତନର ପଦଧ୍ୱନି'କର୍ମଶାଳା

କଟକ,(ସବ୍ୟୁ): ରୋଟାରୀ ଓ ଇନର ହୁଇଲ କ୍ଲବର ମିଳିତ ଆନୁକୂଲ୍ୟରେ ଶନିବାର ଦୋଳମୁଣ୍ଡାଇରେ 'ଜଳବାୟୁ ପରିବର୍ତ୍ତନର ପଦଧ୍ୱନି' କର୍ମଶାଳା ଅନୁଷ୍ଠିତ ହୋଇଯାଇଛିଛ ଡ.ଆଶୁତୋଷ ଦେବତା ଅଧ୍ୟକ୍ଷତା କରିଥିଲେ । ଜଳବାୟୁର ପରିବର୍ତ୍ତନ ଏବଂ ଏହାର ପୃଥିବୀ ପୃଷ୍ଠରେ ପଦଚିହ୍ନ ଏକବିଂଶ ଶତାବ୍ଦୀ ପାଇଁ ଏକ ବଡ଼ ଆହ୍ୱାନ । ମନୁଷ୍ୟକୃତ ଏହି ଅନିୟମିତତା ପରିବେଷ୍ଟନୀ, ପ୍ରାକୃତିକ ସଂସାଧନ, ଜୀବଜଗତ, ଜୈବ ବିବିଧତା, ବନ୍ୟା ଜୀବନ ଉପରେ ଅତ୍ୟଧିକ ପ୍ରଭାବ ପକାଉଛି । ଏହି ସମସ୍ୟାକୁ ପ୍ରତିହତ ନ କଲେ ପୃଥିବୀ ପୃଷ୍ଠରେ ଜୀବନ ଧାରଣର ସମ୍ଭାବନା କ୍ଷୀଣ ହେବ ବୋଲି ବିଶିଷ୍ଟ ବକ୍ତା ମାନେ ମତ ପ୍ରକାଶ ପାଇଥିଲାଛ ଇନର ହୁଇଲ କ୍ଲବର ସଭାପତି ଡ.ମିତା ଦେବତାଙ୍କ ସହଯୋଗରେ ଆୟୋଜିତ କର୍ମଶାଳାରେ ପ୍ରଫେସର ଗୋପାଳକୃଷ୍ଣ ପଣ୍ଡା ବକ୍ତା ଭାବରେ ଯୋଗ ଦେଇଥିଲେଛ ସମ୍ବିତ କର, ରମେଶ ଚନ୍ଦ୍ର ସିଂ, ମେଜର ନନ୍ଦକିଶୋର ଶତପଥି, ବିଭୂତି ଭୂଷଣ ରାଉତ, ଶୁଭ୍ରାଂଶୁ ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଜାତୀୟ ନାଟ୍ୟ ଉତ୍ସବ ପୂର୍ବରଙ୍ଗରେ ଇଟ୍ ର ଫଟୋ ପ୍ରଦର୍ଶନୀ



ଭୁବନେଶ୍ୱର,(ସବ୍ୟୁ): ଓଡିଶା ସଂଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଜାତୀୟ ନାଟ୍ୟ ଉତ୍ସବ ପୂର୍ବରଙ୍ଗ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଗତ ୨୨ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଓଡିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଉଚ୍ଚକୋଟୀର ନାଟକମାନ ପ୍ରଦର୍ଶିତ ହୋଇଯାଇଛି । ଏହି ଅବସରରେ ଜାତୀୟ ନାଟ୍ୟ ଉତ୍ସବରେ ଭୁବନେଶ୍ୱରର ଇଣ୍ଟରନ୍ୟାସ୍‌ନାଲ ଥିଏଟରର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଏକ ଫଟୋ ଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସଂଗୀତ ନାଟକ ଏକାଡେମୀର ସଚିବ ଏହି ପ୍ରଦର୍ଶନୀକୁ ବେଶ୍ ପ୍ରଶଂସା କରି ଏହି ଜାତୀୟ ନାଟ୍ୟ ଉତ୍ସବର ମାନକୁ ବଢ଼େଇ ଦେଇଛି ବୋଲି ଉଲ୍ଲେଖ କରିଛନ୍ତି । ଇଟ୍‌ର ନିର୍ଦ୍ଦେଶକ ମିହିର ମେହେର ଏହି ନାଟ୍ୟ ଉତ୍ସବ ତଥା ପ୍ରଦର୍ଶନୀ ପ୍ରଥମ କରି ବ୍ରହ୍ମପୁରରେ ହୋଇଥିବାରୁ ଏକାଡେମୀର ତଥା ଜାତୀୟ ନାଟ୍ୟ ଉତ୍ସବର ଆୟୋଜକ-ସହଯୋଗୀ ସଂସ୍ଥାର କର୍ମକର୍ତ୍ତା ମାନଙ୍କୁ ଭୂୟସୀ ପ୍ରଶଂସା କରି ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଲୁଟେରାଠାରୁ ସୁନା-ରୁପା ଗହଣା ଜବତ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଲୁଟେରାକୁ ଲୋକେ ଧରି ପୋଲିସ୍ ଜିମା ଦେବା ପରେ ତାହାଠାରୁ ଲୁଟ୍ ହୋଇଥିବା ସୁନା, ରୂପା ଗହଣା, ଟଙ୍କା, ମୋବାଇଲ୍ ଫୋନ୍ ପ୍ରଭୃତି ଜବତ ହୋଇଛି । ତାକୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଡିସିପି ଜଗମୋହନ ମୀନା କହିଛନ୍ତି ।

ଭରତପୁର ଥାନା ଅଞ୍ଚଳରେ ରହୁଥିବା ପଦ୍ମାବତୀ ରାଉତ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ସୁଯୋଗ ଉଣ୍ଡି ଲୁଟେରା ନିରଞ୍ଜନ ଦାସ (୨୧) ତାଙ୍କ ଘରେ ପଶି ସୁନା ଓ ରୂପା ଗହଣା ଲୁଟି ଥିଲା । କେବଳ ତାଙ୍କ ଘରୁ ନୁହେଁ, ତାଙ୍କ ପାଖ ପଡୋଶୀଙ୍କ ଘରୁ ଲୁଟିବା ପରେ ଲୋକେ ଜାଣିପାରି ନିରଞ୍ଜନକୁ କାବୁ କରିନେଇଥିଲେ । ଭରତପୁର ଥାନା ପୋଲିସ୍‌କୁ ଡାକି ତାକୁ ଜିମା ଦେବା ପରେ ତା ନିକଟରୁ ୮ ହଜାର ୫୦୦ ଟଙ୍କା, ୪ ଟି କାନଫୁଲ୍, ଗୋଟିଏ ହାତ ମୁଦି, ୨ ଟି ରୂପା ପାଉଞ୍ଜି, ଗୋଟିଏ ରୂପା ମୁଦି , ୭ ମୋବାଇଲ୍ ଫୋନ୍, ସ୍କିକର୍ ଓ ଲୁହା ରଡ୍ ଜବତ ହୋଇଥିବା ସୂଚନା ମିଳିଛି ।

ଶନିବାର ନିରଞ୍ଜନକୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇଦିଆଯାଇଛି । ଡିସିପିଙ୍କ କହିବା ଅନୁଯାୟୀ, ପୂର୍ବରୁ ନରଞ୍ଜନ ନାଁରେ ୪ ଟି ମାମଲା ପଞ୍ଜିକୃତ ଅଛି ।

## ଅଟୋ ସହ ୩୫ କେଜି ଗଞ୍ଜେଇ ଜବତ
# ଚାଲାଣକାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମୈତ୍ରୀ ବିହାର ଥାନା ପୋଲିସ୍ ଅଟୋ ସହ ୩୫ କେଜି ଗଞ୍ଜେଇ ଜବତ କରି ଚାଲାଣକାରୀ ଅଟୋ ଡ୍ରାଇଭରକୁ ଗିରଫ କରିଥିବା ସୂଚନା ମିଳିଛି ।

ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ମୈତ୍ରୀ ବିହାର ଥାନା ପୋଲିସ ସାଲିଆ ସାହି ହାତିଆଣୁଣୀ ବସ୍ତି ନିକଟ ଗୋଲେଇ ଛକରେ ଚଢାଉ କରି ମଣ୍ଟୁ ମୁଖି (୨୮) ଙ୍କୁ ଗିରଫ କରିବା ସହ ସେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆରୁ ଆଣିଥିବା ୩୫ କେଜି ଗଞ୍ଜେଇକୁ ଅଟୋରୁ ଜବତ କରିଥିଲେ । ମଣ୍ଟୁ ଘର ସେହି ଫିରିଙ୍ଗିଆରେ ବୋଲି ପୋଲିସ କହିଛି । ନିୟମିତ ସେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଆଣି ଭୁବନେଶ୍ୱର ସାଲିଆ ସାହିର ବ୍ୟବସାୟୀଙ୍କୁ ଦେଇଥାଏ । ସାଲିଆ ସାହି ବ୍ୟବସାୟୀ ଅନ୍ୟ ସ୍ଥାନକୁ ଚାଲାଣ କରିଥାନ୍ତି ବୋଲି ସେ ପୋଲିସ୍‌ରେ କହିଛି । ମଣ୍ଟୁକୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇଦିଆଯାଇଛି । ମଣ୍ଟୁଠାରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ପୋଲିସ ବହୁ ସୂଚନା ସଂଗ୍ରହ କରିଛି । ଗଞ୍ଜେଇ ସେ କେଉଁମାନଙ୍କୁ କେତେ ଥର ଆଣି ଦେଇଛି ସେ କଥା ମଧ୍ୟ ମଣ୍ଟୁ ପୋଲିସ୍‌କୁ କହିଥିବା ଜଣାପଡିଛି ।

## ଏଏମ୍/ଏନ୍ଏସ୍ ଇଣ୍ଡିଆପକ୍ଷରୁ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟରେ
# ମହିଳା କର୍ମଚାରୀଙ୍କ ପାଇଁ ସି ସିଫ୍ଟର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟରେମହିଳା କର୍ମଚାରୀଙ୍କ ପାଇଁ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ସି ସିଫ୍ଟର ଶୁଭାରମ୍ଭ କରିଛି । କମ୍ପାନୀର ପ୍ରମୁଖ ବିବିଧତା ପଦକ୍ଷେପ - 'ଷ୍ଟିଲ୍ ସିରୋଜ୍' ଅଧୀନରେ ୨୦୨୪ରେ ମହିଳାମାନଙ୍କ ପାଇଁ ଏ ଏବଂ ବି ସିଫ୍ଟ ର ସଫଳ କାର୍ଯ୍ୟାନ୍ୱୟନପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ସିଫ୍ଟ ରେ ମହିଳା କର୍ମଚାରୀଙ୍କ ନିୟୋଜନ, ଏକ ଅନ୍ତର୍ଭୁକ୍ତକାରୀ ଏବଂ ସଶକ୍ତ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାର ଏକ ପ୍ରମାଣ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ବିଭିନ୍ନ ବିଭାଗୀୟ ମୁଖ୍ୟ ତଥା ବରିଷ୍ଠ ନେତୃମଣ୍ଡଳୀଙ୍କ ସମେତ ସମସ୍ତ ସ୍ତରର କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏକ ଉତ୍ସବପୂର୍ଣ୍ଣ ଓ ପ୍ରେରଣାଦାୟକ ପରିବେଶରେ ସହକର୍ମୀ ଓ ପ୍ରବନ୍ଧକମାନଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ସହିତ ୨୧ ଜଣ ମହିଳା କର୍ମଚାରୀଙ୍କୁ ଆନୁଷ୍ଠାନିକ ଭାବେ ସି ସିଫ୍ଟରେ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଉଦବୋଧନ ଦେଇ ଏଏମ୍/ଏନ୍ଏସ୍ ଇଣ୍ଡିଆଓଡ଼ିଶା ଅପରେସନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଛନ୍ତିଯେ, ଆମେ ଏହି ୨୧ ଜଣ ମହିଳା କର୍ମଚାରୀଙ୍କ ସାହସ ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଉଛୁ । କାର୍ଯ୍ୟକ୍ଷେତ୍ରରେ ୨୫% ମହିଳା ପ୍ରତିନିଧିତ୍ୱ ହାସଲ କରିବା ପାଇଁ ଆମର ଲକ୍ଷ୍ୟ, ଅଭିନବତା ଏବଂ ଉତ୍କର୍ଷତା ପାଇଁ ଉତ୍ପ୍ରେରକ ଭାବରେ ବିବିଧତା ଉପରେ ଆମର ବିଶ୍ୱାସକୁ ପ୍ରତିଫଳିତ କରୁଛି । ଷ୍ଟିଲ ସିରୋଜ୍ ଭଳି କାର୍ଯ୍ୟକ୍ରମ ସହିତ ମାନବ ସମ୍ବଳ ଓ ଅପରେସନ୍ସର ମିଳିତ ସହଯୋଗରେ ମହିଳାମାନଙ୍କ ନେତୃତ୍ୱ କ୍ଷମତା କୁ ପ୍ରୋତ୍ସାହନ ଦେବା ଓ ସେମାନଙ୍କ ଉନ୍ନତି ପାଇଁ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ଆମର ଲକ୍ଷ୍ୟ । ମୁଁ ଆମର ମହିଳା କର୍ମଚାରୀମାନଙ୍କୁ ଆତ୍ମବିଶ୍ୱାସୀ ଓ ନିର୍ଭୀକ ହେବା ସହିତ ନିଜକର୍ତ୍ତବ୍ୟକୁ ସମ୍ମାନର ସହ ସମ୍ପାଦନ କରିବା ସମୟରେ ସୁରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଆଗ୍ରହ କରୁଛି । ଏଏମ୍/ଏନ୍ଏସ୍ ଇଣ୍ଡିଆମାନବ ସମ୍ବଳ ବିଭାଗ (ପୂର୍ବ) ମୁଖ୍ୟ ଡ. ଦେବବ୍ରତ ଦାଶ ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି ଯେ, ଆଜି ଏଏମ୍/ଏନ୍ଏସ୍ ଇଣ୍ଡିଆ ପାଇଁ ଏକ ଐତିହାସିକ ମୁହୂର୍ତ୍ତ । ଏହି ଅବସର ଆମ ମହିଳା କର୍ମଚାରୀଙ୍କ ଏକତା ଏବଂ ସ୍ଥିରତାରପ୍ରମାଣ ।



ଏଏମ୍/ଏନ୍ଏସ୍ ଇଣ୍ଡିଆ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁଏସ୍ଆର ରାଜୁ ଏହି ମହିଳା କର୍ମଚାରୀମାନଙ୍କୁ ପ୍ରଶଂସା କରିବା ସହ ଓଡ଼ିଶା ଅପରେସନ୍ସକୁ ଏକ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳ ଭାବେ ସ୍ଥାନିତ କରିବାରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି । ଏହି ମହିଳା କର୍ମଚାରୀମାନଙ୍କୁ ଆଇଡିବି, ଫିଲଟ୍ରେସନ୍ ଏବଂ ବଲିଂ ବିଲ୍ଡିଂ ସମେତ ପ୍ରମୁଖ କାର୍ଯ୍ୟସ୍ଥଳୀରେ ନିୟୋଜିତ କରାଯିବ । ମହିଳା ଓଜେଟି ଓ ଜିଇଟିଙ୍କ ପ୍ରଶିକ୍ଷଣଠାରୁ ଆରମ୍ଭ କରି ଏକ ବର୍ଷର କଠିନ ପରିଶ୍ରମ ଦ୍ୱାରା ଏହାକୁ ସମ୍ଭବପର କରାଯାଇଛି । ମାନବ ସମ୍ବଳ, ଆଇଆର, ପ୍ରଶାସନ, ପ୍ଲାଣ୍ଟ ଅପରେସନ୍ସ, ସିକ୍ୟୁରିଟି ଏବଂ ମେଡିକାଲ ସେବାର ସଦସ୍ୟଙ୍କୁ ନେଇ ଗଠିତ ଏକ ଉତ୍ସର୍ଗୀକୃତ ଟାସ୍କ ଫୋର୍ସ ନିୟାମକ ଅନୁପାଳନଗୁଡିକୁ ସୁନିଶ୍ଚିତ କରିଥିଲା ଏବଂ ଆବଶ୍ୟକ ଅନୁମୋଦନ ହାସଲ କରିଥିଲା । ମହିଳାମାନଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଇଛି, ଯେଉଁଥିରେ ଉନ୍ନତ ଭିତ୍ତିଭୂମି, ଉତ୍ସର୍ଗୀକୃତ ମହିଳା ସୁରକ୍ଷା କର୍ମୀ, ମହିଳା ଆଟେଣ୍ଡାଣ୍ଟଙ୍କ ସହ ଚିକିତ୍ସା ସହାୟତା ଏବଂ ୨୪ ଘଣ୍ଟିଆ ସିସିଟିଭି ସର୍ଭେଲାନ୍ସ ଅନ୍ତର୍ଭୁକ୍ତ । ସି ସିଫ୍ଟ ର ଶୁଭାରମ୍ଭ ସହିତ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଏକ ବିବିଧ, ଅନ୍ତର୍ଭୁକ୍ତକାରୀ ଏବଂ ସଶକ୍ତ କାର୍ଯ୍ୟକ୍ଷେତ୍ରନିର୍ମାଣ ପାଇଁ ଏହାର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଇଛି ।

## କିସ୍ ପକ୍ଷରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): କିସ୍ ପକ୍ଷରୁ ପହେଲ୍ଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକମାନଙ୍କ ପ୍ରତି ଆଜି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି । ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟର ୧୦ ହଜାର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମହମବତୀ ଜାଳି ନିରବ ପ୍ରାର୍ଥନା କରିଥିଲେଛ ଛାତ୍ରଛାତ୍ରୀମାନେ ଆତଙ୍କବାଦୀ ଆକ୍ରମଣରେ ନିହତ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ଅମର ଆତ୍ମାର ସଦ୍ଗତି କାମନା କରିଥିଲେ । ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ସାମନ୍ତ ଆତଙ୍କବାଦୀଙ୍କ ଏହି ବର୍ବର ଓ ଅମାନବିକ କାର୍ଯ୍ୟର ଦୃଢ ନିନ୍ଦା କରିବା ସହ ମୃତକଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲେ । କିସ୍ ବିଶ୍ୱବିଦ୍ୟାଳୟର ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀମାନେ ନିଜ ନିଜ ଘରକୁ ଚାଲିଯିବା ପୂର୍ବରୁ ଆଜି ଏହି ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା ।



## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

# ତୃତୀୟ ଦିନରେ କ୍ରାଇମବ୍ରାଞ୍ଚର ୧୧ ଜଣଙ୍କୁ ଜେରା

ବ୍ରହ୍ମପୁର,(ସବ୍ୟୁ) : ବହୁ ଚର୍ଚ୍ଚିତ ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ପୁଣି ଥରେ ତଦନ୍ତ ଚଳାଇଥିବା କ୍ରାଇମବ୍ରାଞ୍ଚ ଟିମ ବ୍ରହ୍ମପୁରରେ ୩ ଦିନ ହେବ ତଦନ୍ତ ଜାରି ରଖିଛି । ଶନିବାର ତୃତୀୟ ଦିନରେ କ୍ରାଇମବ୍ରାଞ୍ଚ ଟିମ ଆଙ୍କୁଲି ସ୍ଥିତ ଗୋପାଳଙ୍କ ଘରକୁ ଯାଇ ତାଙ୍କ ପତ୍ନୀ ଜୟନ୍ତୀ ଦାସଙ୍କୁ ଜେରା କରିଥିଲା । ଏହି ଟିମ୍ ପ୍ରାୟ ଦେଢ ଘଣ୍ଟା ଧରି ଜୟନ୍ତୀଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ଦିଗରୁ ପ୍ରଶ୍ନ କରିଥିଲା। ହତ୍ୟା ପୂର୍ବରୁ ଗୋପାଳଙ୍କ ବ୍ୟବହାର ଓ ଚାଲିଚଳଣି ବିଷୟରେ ପଚରାଉଚରା କରିବା ସହ ସେ ମାନସିକ ଅସ୍ଥିରତା ପାଇଁ କେବେଠୁ ଔଷଧ ଖାଉଥିଲେ । କେଉଁଠି ଚିକିତ୍ସା କରାଉଥିଲେ।ପୂର୍ବରୁ ଜୟନ୍ତୀଙ୍କୁ ଜେରା କରାଯାଇ ବୟାନ ରେକର୍ଡ କରାଯାଇଥିଲା । ଏବେ ପୁଣି କ୍ରାଇମବ୍ରାଞ୍ଚ ଟିମ ତାଙ୍କ ବୟାନ ରେକର୍ଡ କରିଥିବା ଜଣାପଡିଛି । ଏଯାବତ ୧୧ ଜଣଙ୍କୁ ପଚରାଉଚରା କରିବା ସହ ସେମାନଙ୍କର ବୟାନ ରେକର୍ଡ କରାଯାଇଛି।ଗତକାଲି ଓ ଏହା ପୂର୍ବଦିନ କ୍ରାଇମବ୍ରାଞ୍ଚ ଟିମ ଗୋପାଳପଙ୍କ ଭାଇ, ପୁଅ, ପୁତୁରା ଓ ୨ ସାଙ୍ଗଙ୍କୁ ବିଭିନ୍ନ ଥାନାକୁ ଡାକି ଜେରା କରିଥିଲା ।

ଏହି ୩ ଦିନରେ ଗୋପାଳଙ୍କ ଚିହ୍ନା ପରିଚିତ ଥିବା ମୋଟ ୧୧ ଜଣଙ୍କୁ କ୍ରାଇମବ୍ରାଞ୍ଚ ଟିମ ଜେରା କରି ସାରିଥିବା ଅତିରିକ୍ତ ଏସପି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା କରିବା ପୂର୍ବରୁ ଗୋପାଳ ଦାସ ଝାରସୁଗୁଡାରେ ଏକ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ତେବେ ଗୋପାଳଙ୍କ ଭାଇ ସତ୍ୟନାରାୟଣ ଦାସ ଝାରସୁଗୁଡା ଯାଇ ଗୋପାଳ ରହୁଥିବା ଅଞ୍ଚଳରେ ଏକ ହୋଟେଲ ଖୋଲିଥିଲେ । ସେହି ହୋଟେଲରେ ବ୍ରହ୍ମପୁର ଅଞ୍ଚଳର ଏକାଧିକ ବ୍ୟକ୍ତି ରୋଷେୟା ଓ କର୍ମଚାରୀ ଭାବେ ନିୟୋଜିତ ଥିଲେ । ହେଲେ ହତ୍ୟାକାଣ୍ଡର କିଛି ଦିନ ପୂର୍ବରୁ ଗୋପାଳଙ୍କ ଭାଇ ସେହି ହୋଟେଲ ବନ୍ଦ କରି ବ୍ରହ୍ମପୁର ଚାଲି ଆସିଥିଲେ । ସେହିକ୍ରମରେ କ୍ରାଇମବ୍ରାଞ୍ଚ ଗୋପାଳଙ୍କ ଭାଇ ସହ ହୋଟେଲର ରୋଷେୟାଙ୍କୁ ମଧ୍ୟ ଜେରା କରାଯାଇଥିଲା । ସେହିପରି କ୍ରାଇମବ୍ରାଞ୍ଚ ଟିମ ଗୋପାଳଙ୍କ ମାନସିକ ରୋଗର ଚିକିତ୍ସା କରୁଥିବା ଏମକେସିଜି ମେଡିକାଲର ଡାକ୍ତରଙ୍କ ନିକଟକୁ ଯାଇ ପଚରାଉଚରା କରିଥିବା ସୂଚନା ମିଳିଛି ।

# ଜିଲ୍ଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

ବାରିପଦା, (ସବ୍ୟୁ) : ଶନିବାର ବାରିପଦା ଠାରେ ଜିଲ୍ଲା ସ୍ତରୀୟ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ଉକ୍ତ ସାମୂହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଫେସର ସନ୍ଦୀପ କୁମାର ଚାନ୍ଦ, ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ଭାଗବତ ପ୍ରସାଦ ପଣ୍ଡା ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ



ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ପାଳନ ଉପଲକ୍ଷେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ଅତିଥି ବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ତା'ଙ୍କ ଅଭିଭାଷଣରେ କହିଥିଲେ ଯେ, ଆମ ପୂର୍ବଜ ମହାମଣିଷ ମାନଙ୍କ ଦେଶପ୍ରେମ, ନିସ୍ୱାର୍ଥପର ସେବା,ତ୍ୟାଗ, ନିଷ୍ଠା, ଦୀର୍ଘଦିନର ପ୍ରଚେଷ୍ଟା ଓ ସଂଘର୍ଷର ଫଳ ସ୍ୱରୂପ ଆଜି ଆମେ ଆଜି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ରେ ରହିବା ପାଇଁ ସୁଯୋଗ ପାଇଛୁ ।

ତେଣୁ ସେଇ ମହାମନୀଷୀ ମାନେ ଆମର ପ୍ରାତଃସ୍ମରଣୀୟ ଓ ଚିର ବନ୍ଦନୀୟ । ଆଜିର ଯୁବ ସମାଜ ଆମ ପୂର୍ବଜ ମହାମଣିଷମାନଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ନିଜ ସଂସ୍କୃତି ପରମ୍ପରାକୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ ସହିତ ଦେଶ ମାତୃକା ପାଇଁ କର୍ତ୍ତବ୍ୟ ପରାୟଣ ହେବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ଅବସରପ୍ରାପ୍ତ ପ୍ରଫେସର ସନ୍ଦୀପ କୁମାର ଚାନ୍ଦ ଓଡିଶା ପ୍ରଦେଶ ଗଠନର ଇତିହାସର ପୃଷ୍ଠଭୂମି ଉପରେ ଆଲୋକପାତ କରି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ କେତେକ ଉଲ୍ଲେଖନୀୟ କାର୍ଯ୍ୟାବଳି ଓ ଅବଦାନକୁ ଉଲ୍ଲେଖ କରିଥିଲେ । ଭାଗବତ ପଣ୍ଡା ମହାରାଜାଙ୍କ ଜୀବନର ନୀତି ଓ ଆଦର୍ଶ ଉପରେ ସ୍ମୃତି ଚାରଣ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଶିକ୍ଷକ ଶଶିଧର ବିଶ୍ୱାଳ, ବରିଷ୍ଠ ନାଗରିକ ଶରତ ନାୟକଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ତା'ଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଗଞ୍ଜାମ ଓକିଲ ସଂଘର କର୍ମଶାଳା

ବ୍ରହ୍ମପୁର, (ସବ୍ୟୁ) :ଗଞ୍ଜାମ ଓକିଲ ସଂଘ ତରଫରୁ ଶନିବାର 'ମାନବ ଅଧିକାର ସୁରକ୍ଷା ଓ ଆଇନଜୀବୀଙ୍କ ଭୂମିକା' ଅନୁଷ୍ଠିତ ହୋଇଯାଇଛ । ଓକିଲ ସଂଘର ଅସ୍ଥାୟୀ ସମ୍ମିଳନୀ ଗୃହରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଦିଲ୍ଲୀ ସ୍ଥିତ ଏନ୍ଏଚ୍ଆର୍ସିର ସଦସ୍ୟ ଜଷ୍ଟିସ୍ ଡ. ବିଦ୍ୟୁତ ରଂଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜଷ୍ଟିସ୍ ଷଡ଼ଙ୍ଗୀ ମାନବ ଅଧିକାର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେଛ ଜୀବନ, ସ୍ୱାଧୀନତା ଓ ସମାନତାକୁ ସୁରକ୍ଷିତ ରଖିବା ଦିଗରେ ମାନବ ଅଧିକାର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।ଏହାକୁ ସୁରକ୍ଷିତ ରଖିବା ସହିତ ନ୍ୟାୟ ପ୍ରଦାନରେ ଆଇନଜୀବୀଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସମାଜରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ଅନ୍ୟାୟର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଦିଗରେ ଆଇନଜୀବୀ କାମ କରିଥାନ୍ତି । ଆଇନଜୀବୀମାନେ ଅନ୍ୟମାନଙ୍କ ପାଇଁ ଆଇନଗତ ଲଢେ କରିଥାନ୍ତି ବୋଲି ଜଷ୍ଟିସ୍ ଷଡ଼ଙ୍ଗୀ କହିଥିଲେ ।



କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଦେରାଜଜ୍ ରୂପଶ୍ରୀ ଚେଧୁରୀ, ଏଡିଜେ-୧ ଡ. ଇନ୍ଦୁ ଶର୍ମା, ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଟି. ଭେଙ୍କଟ ରାଓ, ଉପସଭାପତି ତ୍ରିମୁଲ କୁମାର ରେଡ୍ଡି, ଯୁଗ୍ମସମ୍ପାଦକ ଅସିତ ସାବତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥି ଥିଲେ ।

# ପହଲଗାମ୍ ଆତଙ୍କୀ ହମ୍ଲାକୁ ଦୃଢ଼ ନିନ୍ଦା

ଭଞ୍ଜନଗର,(ସବ୍ୟୁ): ଜାମ୍ମୁ କାଶ୍ମୀରର ପେହେଲଗାମ୍ ଆତଙ୍କୀ ହାମଲା କୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦୃଢ ନିନ୍ଦା କରାଯାଇଛ। ଗତ ୨୨ ତାରିଖ ରେ ଯେଉଁଭଳି ପାକ୍ ଆତଙ୍କବାଦୀମାନେ ପେହେଲାଗାମ୍ ଠାରେ ହିନ୍ଦୁ ପର୍ଯ୍ୟଟକମାନଙ୍କ ଉପରେ ଆଖିବୁଜା ଗୁଳିମାଡ କରି ୨୮ ଜଣ ପର୍ଯ୍ୟଟକଙ୍କୁ ବର୍ବୋରଚିତ ଭାବେ ହତ୍ୟା କଲେ ତାକୁ ନିନ୍ଦା କରିବାକୁ ଭାଷା ନାହିଁ ବୋଲି କୁହାଯାଇଛି। ପରିଚାଳନା କମିଟି ସଭାପତି ଡକ୍ଟର କମ୍ବୁପାଣି ସାମନ୍ତଙ୍କ ଅଧକ୍ଷତା ରେ ଆୟୋଜିତ ଏହି ବୈଠକ ରେ ଶିଶୁ ବିଦ୍ୟାମନ୍ଦିର ର ସମସ୍ତ ଗୁରୁଜୀ ଗୁରୁମା, ପ୍ରଧାନ ଗୁରୁଜୀ ତଥା ପରିଚାଳନା କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ପ୍ରଥମେ ଦିବଙ୍ଗତ ଆତ୍ମା ମାନଙ୍କ ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି ଲୋମଟାଙ୍କୁରା ଘଟଣା ପରେ ଭାରତ ସରକାର ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା କରାଯାଇ ଏକ୍ଷେତ୍ରରେ ଦେଶର ପ୍ରତ୍ୟେକ ନାଗରିକ ଭାରତ ସରକାର ଙ୍କ ରହିଥିବା ଉଲ୍ଲେଖ କରିଥିଲେ।

## ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ

# ପହଲଗାମ ମୃତକଙ୍କ ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା

ବାରିପଦା, (ସବ୍ୟୁ) : ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପହଲଗାମ ଠାରେ ଆତଙ୍କବାଦୀଙ୍କ ଗୁଳିରେ ଶହିଦ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଏବଂ ମହମବତୀ ଶୋଭାଯାତ୍ରା ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ନିକଟରେ ଜାମ୍ମୁ କାଶ୍ମୀର ପରିଭ୍ରମଣରେ ଯାଇଥିବା ୨୮ଜଣ ତୀର୍ଥଯାତ୍ରୀଙ୍କୁ ଆତଙ୍କବାଦୀ ମାନେ ଅତିନିର୍ଦ୍ଦୟ ଭାବେ ହତ୍ୟା କରିଥିଲେ । ଏହି ଅମାନୁଷିକ ଘଟଣାକୁ ଉପସ୍ଥିତ ସଦସ୍ୟ/ସଦସ୍ୟା ମାନେ ଦୃଢ ନିନ୍ଦା କରି ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ୨ମିନିଟ୍ ନିରବ ପ୍ରାର୍ଥନା କରିବା ସହ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପ୍ରତମୂର୍ତ୍ତି ସ୍ଥଳରୁ ଛଡ ପଡିଆ ଯାଏ ଏକ ମହମବତୀ ଶୋଭାଯାତ୍ରା କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ସଦସ୍ୟ ପିତାମ୍ବର ମଲ୍ଲିକ, ପଣ୍ଡିତ ଭାଗବତ ପଣ୍ଡା, କୃତି ଶିକ୍ଷକ ଡଃ ଶଶୀଧର ବିଶ୍ୱାଳ, ଦୀପକ କୁମାର ନାୟକ, ରାଜକିଶୋର ମହାନ୍ତ, ଦିଲ୍ଲୀପ ପାତ୍ର, ଗୋଲୋକ ମହାନ୍ତି, ମହମ୍ମଦ ଇସ୍ମାଇଲ, ଜତିନ ଚନ୍ଦ୍ର ଗିରି, ସୁନୀଲ ମହାନ୍ତ, ପ୍ରଦୀପ ପଲେଇ, ସତ୍ୟ ନାରାୟଣ ସାହୁ, କମଲ ବେହେରା, ଗୋପାଳ ଚନ୍ଦ୍ର ସାଓ, ଏମ୍ସାଇ ଜ୍ୟୋତି, ଏମ୍ସାଇ ପ୍ରୀତି ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ପହଲଗାମ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପ୍ରଶାନ୍ତଙ୍କ ଉଦ୍ଦେଶ୍ୟରେ ବିଜୁ ଛାତ୍ର ଜନତାର ମହବତୀ ଶୋଭାଯାତ୍ରା

ବାରିପଦା, (ସବ୍ୟୁ) : ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ନୀରିହ ପର୍ଯ୍ୟଟକ ତଥା ବାଲେଶ୍ୱର ଜିଲ୍ଲାର ପର୍ଯ୍ୟଟକ ପ୍ରଶାନ୍ତ ଶତପଥୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ, ମହରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ସଂଗଠନ ପକ୍ଷରୁ ମହମବତୀ ଶୋଭାଯାତ୍ରା ।

ଏହି ସଭାରେ ଉପସ୍ଥିତ ଥିଲେ ମୟୂରଭଞ୍ଜ ବିଜୁ ଛାତ୍ର ଜନତା ଦଳ ସଭାପତି ତଥା ପୂର୍ବତନ ବିଶ୍ୱବିଦ୍ୟାଳୟ ଛାତ୍ର ସୁନୀଲ କୁମାର




ନାୟକ ଓ ଆଭାସ ଦେ, ଶୁଭଜିତ ପାଣି, ଅଭିନାଶ ବେହେରା ଏବଂ ବିଶ୍ୱବିଦ୍ୟାଳୟ ଛାତ୍ର ଦୀପକ ସାହୁ, ଦେବାଶିଷ ନାୟକ, ରମ୍ୟକ ମହାନ୍ତି, ଦେବାଶିଷ ମହାନ୍ତ, ବିଭାସ ଦାସ, ମଦନ, ସତ୍ୟମ, ସାଗର, ଦିବ୍ୟଜିତ ଏବଂ ଅନେକ ଛାତ୍ର ଏହି ସଭାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିରବ ପ୍ରାର୍ଥନା ମଧ୍ୟ କରିଥିଲେ ।

# କୁଲାଡ ବ୍ୟାଘ୍ର ଦେବୀ ମନ୍ଦିରରୁ ଚୋରି

ଭଞ୍ଜନଗର, (ସବ୍ୟୁ) : ଘୁମୁସର ଭଞ୍ଜ ରାଜବଂଶର ଅଧିଷ୍ଠାତ୍ରୀ ଦେବୀ କୁଲାଡ ର ମାଆ ବ୍ୟାଘ୍ର ଦେବୀ ଙ୍କ ମନ୍ଦିରରୁ ଚୋରୀ ହୋଇଛି ।ଏଭଳି ଘଟଣା ଶନିବାର ସକାଳୁ ପ୍ରଚାରିତ ହେବା ପରେ ଶ୍ରଦ୍ଧାଳୁ ଙ୍କ ମନରେ ବିଷାଦର ଛାୟା ଖେଳିଯାଇଛି । ଚୋରମାନେ ମାଆଙ୍କ ମସ୍ତକରେ ଲାଗିଥିବା ୩୫ ଟି ରୂପା ଆଖି, ୩ ଟି ସୁନା ଚିତା ଓ ୨ଟି ରୂପାର ଭୂଲତା ତାଡି ନେଇଛନ୍ତି । ୪ ଜଣ ଚୋର ମନ୍ଦିର ଗର୍ଭଗୃହ ର ତାଲା କାଟି ଭିତରକୁ ପଶିବାର ଦୃଶ୍ୟ ସିସି କ୍ୟାମେରା ରେ ରହିଛି । ତେବେ ଭିତରେ ପ୍ରବେଶ କରିବା ପରେ ଏମାନେ ସିସି କ୍ୟାମେରାକୁ ଉପର ମୁହାଁ କରି ମାଆଙ୍କ ଅଳଙ୍କାର ଚୋରୀ କରି ଚମ୍ପଟ ମାରିଥିବା ଜଣାପଡିଛି । ସିସି କ୍ୟାମେରା ଫୁଟେଜ ପ୍ରକାରେ ଚୋରମାନେ ରାତି ୩ ଟା ରୁ ୩.୪୫ ମିନିଟ୍ ଯାଏଁ ମନ୍ଦିର ଭିତରେ ଚୋରୀ କରିବା ପରେ ସେଠାରୁ ଖସି ପଳାଇଛନ୍ତି । ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏନେଇ ପୁଲିସ ରେ ସୂଚନା ଦିଆଯାଇଥିଲା । ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଛି । ଏଭଳି ଘଟଣା ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି । ତୁରନ୍ତ ଚୋରମାନଙ୍କୁ ଧରିବା ସହ ଚୋରୀ ଅଳଙ୍କାର ଉଦ୍ଧାର କରିବା ପାଇଁ କୁଲାଡ ଗ୍ରାମବାସୀ ଦାବି କରିଛନ୍ତି ।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ଜୟନ୍ତୀ

ବ୍ରହ୍ମପୁର ,(ସବ୍ୟୁ) : ସ୍ଥାନୀୟ ଗିରି ମାର୍କେଟ ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ୧୩୪ ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଜୟନ୍ତୀ ପାଳନ ଅବସରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ର ସ୍ମୃତି ଚାରଣ କରି ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, କମିଶନର ଭବାନୀ ମିଶ୍ର,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଦୈନିକ ଆଶା ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ଜିଲ୍ଲା ସଭାପତି ସରୋଜ ସାବତ,ଶରତ ପଟ୍ଟନାୟକ, ମଧୁସୂଦନ ସାହୁ ଙ୍କ ସମେତ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ସାମକବଦିକ ଉପସ୍ଥିତ ରହିଥିଲେ।



**ଭଞ୍ଜନଗର :** ସ୍ଥାନୀୟ ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ ପରିସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୪ ତମ ଜୟନ୍ତୀ ପାଳିତ ହୋଇଯାଇଛି ।ଉତ୍କଳ କଲ୍ୟାଣ ସାହିତ୍ୟ ସଂସ୍କୃତି ସଂସଦ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଦିଲ୍ଲୀପ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ ।

ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଘୁମୁସର ଇତିହାସ ଗବେଷଣା ପ୍ରତିଷ୍ଠାନର ସଭାପତି ଡଃ. ସନ୍ତୋଷ କୁମାର ଆପଟ, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ନାୟକ, ଶିକ୍ଷାବିତ ତଥା ସାଇଗୁରୁକୁଳ ପ୍ରତିଷ୍ଠା ସଂପାଦକ ଅଜିତ କୁମାର ଶତପଥୀ ଓ ଭଞ୍ଜନଗର ବାର ଅସୋସିଏସନ୍ ଉପସଭାପତି ସନ୍ତୋଷ କୁମାର ବେହେରା ଯୋଗ ଦେଇଥିଲେ। ମହାରାଜାଙ୍କ କୃତିତ୍ୱ, ତ୍ୟାଗ ସମଗ୍ର ଉତ୍କଳର ଅଖଣ୍ଡତା ପାଇଁ ଏକ ସଶ୍ରଦ୍ଧ ଉଦ୍ୟମ ବୋଲି ଆଲୋଚନା କରାଯାଇଥିଲା। ଓଡ଼ିଶାର ଉଚ୍ଚ ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ଶିକ୍ଷା ଏବଂ ସଂସ୍କୃତିର ପୁର୍ନଗଠନ ପାଇଁ ସେ ଥିଲେ ଯତ୍ନଶୀଳ । ଓଡ଼ିଆ ଜାତିର ଅଭଙ୍ଗ ଭୌଗୋଳିକ ସ୍ଥିତିକୁ ପୁନଃ ଜୀବନ ଦେବା ପାଇଁ ସେ ସମସ୍ତ ଜୀବନ, ଧନ ସମ୍ପତି ଉତ୍ସର୍ଗ କରିଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ସଂପାଦକ କାର୍ତିକେଶ୍ୱର ପ୍ରଧାନ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶୂଳପାଣି ଶତପଥୀ ଓ ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକ୍ସ୍ତରୀୟ ପଞ୍ଚାୟତିରାଜ ଦିବସ

ଆଗରପଡ଼ା,(ସବ୍ୟୁ):ଜାତୀୟ ପଞ୍ଚାୟତରାଜ ଦିବସ ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଳମ୍ବରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାରୁ ଦୂରଦୂରାନ୍ତ ପଂଚାୟତରୁ ଆସିଥିବା ସିଆରପି ଓ ଏମବିକେ ମହିଳାମାନେ ସଭା ଆରମ୍ଭରୁ ଉଠି ପଳାଇଥିଲେ। ସଭାଶେଷ ହେବା ପୂର୍ବରୁ ସବୁ ଚେୟାର ଫାଙ୍କା ହୋଇ ଯାଇଥିଲା। କେବଳ ହାତଗଣତି କେତେଜଣ ବ୍ଲକ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିବାର ପରିଲକ୍ଷିତ ହୋଇଥିଲା। କେବଳ ବନ୍ତ ସମିତିସଭ୍ୟଙ୍କୁ ଛାଡ଼ିଦେଲେ ବ୍ଲକର ୨୫ଗୋଟି ପଞ୍ଚାୟତର କୌଣସି ଜଣେ ହେଲେ ସରପଂଚ କିମ୍ବା ସମିତିସଭ୍ୟ ଉପସ୍ଥିତ ନଥିଲେ।ଏବିଡିଓ ନିଶିକାନ୍ତ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ମନୋରଂଜନ ଘଡ଼େଇ,ସାଂସଦଙ୍କ ପ୍ରତିନିଧି ସନ୍ତୋଷ ନାୟକ,ଆସିଷ୍ଟାଣ୍ଟ ଇଂଜିନିୟର ଶ୍ରଦ୍ଧା ସୁମନ,ସମିତିସଭ୍ୟ ପରମେଶ୍ୱର ବାରିକ ପ୍ରମୁଖ ଯୋଗଦେଇ ପଂଚାୟତରାଜ ଦିବସ ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ।

# ସମସ୍ୟାର ବିକଳ୍ପ ରାସ୍ତା ଦେଖିଲେ ସମ୍ଭାବନାର ରୂପାନ୍ତରିତ ହୁଏ : ଜିଲ୍ଲାପାଳ

ବାସୁଦେବପୁର,(ସବ୍ୟୁ): କଳା ସଂସ୍କୃତି ମହୋତ୍ସବ କର୍ମମୟ ଜୀବନକୁ ହାଲୁକା କରିଥାଏ । ଯୁବକମାନେ ନିଜର ସାମର୍ଥ ଉପରେ ଭରଷା ରଖି କାର୍ଯ୍ୟକର । ଜୀବନରେ ସମସ୍ୟାର ସମାଧାନ ପାଇଁ ବିକଳ୍ପ ରାସ୍ତା ଦେଖିଲେ ସମସ୍ୟା ସମ୍ଭାବନାର ରୂପାନ୍ତରିତ ହୁଏ ବୋଲି ବାସୁଦେବପୁର ୭ମ ବାର୍ଷିକ ସୌରଭ ସମ୍ମାନ ମହୋତ୍ସବର ମୁଖ୍ୟଅତିଥି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଯୋଗଦେଇ କହିଥିଲେ । ବାସୁଦେବପୁର ନବ ନିର୍ମାଣ ଟ୍ରଷ୍ଟ ଆନୁକୂଲ୍ୟରେ ସୌରଭ ସମ୍ମାନ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ବରେଣ୍ୟ ଅତିଥି ଭାବେ ମହାପ୍ରସାଦ ସ୍ୱାମୀ, ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ, ନବ ନିର୍ମାଣ ଟ୍ରଷ୍ଟର ସଭାପତି ଜୟପ୍ରକାଶ ମଲ୍ଲିକ, ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ, ପ୍ରଦୀପ୍ତ ମହାନ୍ତି, ରତିକାନ୍ତ ପ୍ରଧାନ ଯୋଗ ଦେଇ ଉଦବୋଧନ ଦେଇଥିଲେ । ଡଃ.ନିରୋଦ ଦାଶ ଆୟୋଜିତ ସଭାର ସଂଯୋଜନା କରିଥିଲେ । ବାସୁଦେବପୁର ମାଟି ଲୋକାୟିତ ପ୍ରତିଭାର କରଞ୍ଜଆଡିଆ ପଂଚାୟତର ସରପଂଚ ମାର୍କଣ୍ଡ ତରାଇ, ନୂତନ କରି ସାମ୍ବାଦିକତା ଜଗତରେ ପାଦ ଥାପିଥିବା ଦେବୀବନ୍ଦିତା ବାରିକ, କୃଷି କ୍ଷେତ୍ରରେ ଉପେନ୍ଦ୍ର ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା କୁନି କୁନି କଳାକାରମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ । ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କୁନି କୁନି କଳାକାରମାନଙ୍କ ନୃତ୍ୟ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା । ସିରିଏଲ କଳାକାର ତେଜସ୍ୱୀନିଙ୍କର ନୃତ୍ୟ ଓ ଡାଇଲଗ୍ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ । ସପ୍ତମ ବାର୍ଷିକ ସୌରଭ ସମ୍ମାନ ମହୋତ୍ସବ ୧୦ଦିନ ଧରି ଚାଲିବ ସଭାପତି ଜୟପ୍ରକାଶ ମଲ୍ଲିକ ସୂଚନା ପ୍ରଦାନ କରିଛନ୍ତି । ମ୍ୟାଜିକ ମାଷ୍ଟର ଅଲେଖ କୁମାର ପରିଡା ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

# ଗାଁରୁ ଗୋରୁ ଚୋରି ନେଇ ଅଭିଯୋଗ

ସୋର, (ସବ୍ୟୁ): ସୋର ଥାନା ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ଗୋରୁ ଚୋର ମାନେ ସକ୍ରିୟ ଥିବା ବେଳେ ଗତ କିଛି ଦିନ ଧରି କେଦାରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଗୋରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଉଛବପୁର, ସାଣ୍ଟପଡା, ଥାନେଶ୍ୱର, ଘନଶ୍ୟାମପୁର, ନାୟକାଣି ପାଟଣା ଆଦି ଗ୍ରାମରୁ ଗତ ଦୁଇ ମାସ ମଧ୍ୟରେ ୩୦ ରୁ ଉର୍ଦ୍ଧ୍ୱ ଗୋରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଶୁକ୍ରବାର ଦିନି ପାଟଣା ଗ୍ରାମର ଗୋପାଳ ପାତ୍ର ଙ୍କର ଗୋଟିଏ ବଳଦ,ଘନଶ୍ୟାମପୁର ଗ୍ରାମର ଗୌରଚନ୍ଦ୍ର ପାଣିଙ୍କର ଗୋଟିଏ ଗାଈ,ଥାନେଶ୍ୱର ଗ୍ରାମର ରେବତିବାଳା ବେହେରାଙ୍କର ଗୋଟିଏ ଗାଈ, ଥାନେଶ୍ୱର ଗ୍ରାମର ବନମାଳୀ ବେହେରାଙ୍କର ତିନୋଟି ଗାଈ, ମାଲତି ପାତ୍ରଙ୍କର ଗୋଟିଏ ଗାଈ, ନାଇକାଣି ପାଟଣା ଗ୍ରାମର ଚିତ୍ତରଞ୍ଜନ ନାୟକଙ୍କର ଗୋଟିଏ ବଳଦ ଚୋରି ହୋଇଥିଲା। ଏ ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନିର୍ମଳପ୍ରଭା ଚକ୍ରଙ୍କ ଶାଦ୍ଧବାର୍ଷିକୀରେ ସ୍ମରଣିକା ଉନ୍ମୋଚିତ

କେନ୍ଦୁଝର, (ସ୍ୱପ୍ର): ଘସିପୁରା ବ୍ଲକ ଅନ୍ତର୍ଗତ ପଣ୍ଡୁଆ ଗ୍ରାମର ଶିକ୍ଷାବିତ୍ ବିପିନ ବିହାରୀ ଚକ୍ରଙ୍କ ସହଧର୍ମିଣୀ ଦିବଂଗତ ନିର୍ମଳ ପ୍ରଭା ଚକ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ଚାରଣ ସଭା, ସ୍ମୃତି ଆୟୁଷ୍ମତି ଶୀର୍ଷକ ସ୍ମରଣୀକା ଉନ୍ମୋଚନ , ପ୍ରତିଭା ସମ୍ବର୍ଦ୍ଧନା ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ପ୍ରଫେସର ବଦ୍ରି ନାରାୟଣ ପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ କହିଲେ ଯେ ମଣିଷ ବଞ୍ଚିଥିବା ଅବସ୍ଥାରେ ନୁହେଁ ବରଂ ତାଙ୍କର ଅବର୍ତ୍ତମାନରେ କେତେ ଲୋକ ତାଙ୍କୁ ସ୍ମରଣ କରି ଝୁରି ହେଉଛନ୍ତି ତାହାହିଁ ତାଙ୍କ ଜୀବନର ସାର୍ଥକତାକୁ ଦର୍ଶାଏ । କେନ୍ଦ୍ର ସାହିତ୍ୟ ଅକାଦେମି ବାଳ ସାହିତ୍ୟ ପୁରସ୍କାରପ୍ରାପ୍ତ



ସାହିତ୍ୟିକ ଡ଼ଃ ରାମ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିର୍ମଳ ପ୍ରଭାଙ୍କ ଭଳି ଜଣେ ସୁଗୃହିଣୀ ହିଁ ପ୍ରକୃତରେ ଉତ୍ତମ ପରିବାର ଓ ଉତ୍ତମ ରାଷ୍ଟ୍ର ଗଠନର ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ବୋଲି ମତ ପ୍ରକାଶ କରି ଥିଲେ । ସାହିତ୍ୟିକ ହଳଧର ପଣ୍ଡା, ରତ୍ନାକର ଦାସ, ବିଦ୍ୟୁତପ୍ରଭା ଦେଓ, ଶରତ ରାଉତ, ନରହରି ରାଉତ, ରତିକାନ୍ତ ଦାଶ, ସରଳା ମହାପାତ୍ର, ଶଙ୍କର୍ଷଣ ଜେନା, କାଳନ୍ଦୀ ଚରଣ ପଟ୍ଟନାୟକ,କାଶୀମ ଖାନ ପ୍ରମୁଖ ଯୋଗ ଦେଇ ନିର୍ମଳ ପ୍ରଭଙ୍କ ସ୍ମୃତି ଚାରଣ କରି ଥିଲେ ଅତିଥି ମାନଙ୍କ ଦ୍ୱାରା ସ୍ମରଣିକା 'ସ୍ମୃତି ଆୟୁଷ୍ମତି' ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଘସିପୁରା ବ୍ଲକର ମାଟ୍ରିକ ପରୀକ୍ଷା ଟପ୍ପର ମଧୁସ୍ମିତା ରାଉତ, ସମାଜସେବୀ ନମିତା ବଳ, ଶିକ୍ଷା ଉଦ୍ୟୋଗି ରାଇମଣି ବୋଇତାଇ, ଶିକ୍ଷାବିତ ନୀଳମଣି କରଙ୍କୁ ସେମାନଙ୍କ ସ୍ୱକୀୟ କ୍ଷେତ୍ରରେ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇ ଥିଲା । ନିର୍ମଳ ପ୍ରଭାଙ୍କର ସୁପୁତ୍ର ତଥା ଲେଖକ ଡ଼ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।ନାତୁଣୀ ରାଜଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରିୟ ରଞ୍ଜନ ଚକ୍ର, ଦେବାଶିଷ ସବ୍ୟସାଚି ଚକ୍ର, ଦେବଜ୍ୟୋତି ପାର୍ଥ ସାରଥି ଚକ୍ର, ଦେବାଶ୍ରିତ ସାଇ ସ୍ୱରୂପ ଚକ୍ର କାର୍ଯ୍ୟକ୍ରମର ସଫଳ ରୂପାୟଣରେ ସହଯୋଗ କରି ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟକ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଯୋଗ ଦେଇ ଥିଲେ ।

# ବୁଗୁଡ଼ା ଠାକୁରାଣୀ ଯାତ୍ରାର ଦ୍ୱିତୀୟ ଦିବସ

ବୁଗୁଡ଼ା ,(ସବ୍ୟୁ): ସପ୍ତଦଶ ଦିବସୀୟ ବୁଗୁଡ଼ା ଠାକୁରାଣୀ ଯାତ୍ରାର ପ୍ରଥମ ଦିବସରେ ଆମନ୍ତ୍ରିତ ହୋଇ ମା' ମାଉଁଦେଈ , ମା' ମାଳିଖୋଳା , ମା' ନାରାୟଣୀ , ମା' ବୁଢୀ ଠାକୁରାଣୀ ଓ ମା' ବ୍ୟାଘ୍ରଦେବୀ ଆଦି ପଞ୍ଚ ଠାକୁରାଣୀ ବଡଦାଣ୍ଡସ୍ଥିତ ଅସ୍ଥାୟୀ ମଣ୍ଡପରେ ବିରାଜମାନ ହୋଇଥିବା ବେଳେ ଶନିବାର ଦ୍ୱିତୀୟ ଦିବସକୁ ବିଶ୍ରାମ ଦିବସ ରୂପେ ଗ୍ରହଣ କରାଯାଇଛି । ଏ ଅବସରରେ ପୁରୋହିତ ନାରାୟଣ ଦାଶ , ବିଭୁତି ଭୂଷଣ ତ୍ରିପାଠୀ , ମନୋଜ କୁମାର ଦାଶ , ଦିଲ୍ଲୀପ କୁମାର ଦେବତା, ପିତାମ୍ବର ହୋତା ଓ ପ୍ରଦୀପ କୁମାର



ମିଶ୍ରଙ୍କ ଦ୍ୱାରା ବୈଦିକ ରୀତିନୀତି ପ୍ରକାରେ ମଣ୍ଡଳ ପୂଜା , ସାଲା ଓ ପୀଠ ସଂସ୍କାର , ଷୋଡଶୋପଚାର ପୂଜା , ଚଣ୍ଡୀ ପାଠ , ମୂର୍ତ୍ତି ଜୀବନ୍ୟାସ , ଅଗ୍ନି ସଂସ୍କାର , ପୂଜା , ଆଳତି ଇତ୍ୟାଦି କାର୍ଯ୍ୟ ସମ୍ପାଦନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଓ କର୍ତ୍ତ୍ରୀ ରୂପେ ଯଥାକ୍ରମେ ବିଚିତ୍ର କୁମାର ପାଣିଗ୍ରାହୀ ଓ ସୁସ୍ମିତା ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ ।

# ପଦ୍ମପୁର ଏନଏସିରେ ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ଭେଣ୍ଡିଂ ଜୋନ

ପଦ୍ମପୁର,(ସବ୍ୟୁ): ବରଗଡ ଜିଲ୍ଲା ପଦ୍ମପୁର ଏନଏସି ଅଧିନରେ ସହରର ବିଭିନ୍ନ ଜାଗାରେ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ତିଆରି କରାଯାଇଥିବା ଭେଣ୍ଡିଙ୍ଗ ଯୋନ ଏବେ ଖତ ଖାଉଛି । ପଦ୍ମପୁର ସହରର ମହିଳା ମାନଙ୍କୁ ସ୍ବାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ମାଧ୍ୟମରେ ସହରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଯୋନ ମାନ ତିଆରି କରାଗଲା । ମହିଳା ମାନଙ୍କୁ ସ୍ବାବଲମ୍ବୀ କରିବା ଆଳରେ କେବଳ ଠିକାଦାର ପୋଷା କାର୍ଯ୍ୟ କରାଗଲା ବୋଲି ଅଭିଯୋଗ ହେଉଛି । ଯାହାକି ଠିକାଦାର ମାନେ ଅତି ନିମ୍ନ ମାନର ସାମଗ୍ରୀ ବ୍ୟବହାର କରି ଭେଣ୍ଡିଂ ଯୋନ ମାନ ତିଆରି କରିଥିବା ଅଭିଯୋଗ ହୋଇଥିଲା ।

ଏନଏସିର ବିନା କୌଣସି ପ୍ଲାନିଙ୍ଗରେ ଭେଣ୍ଡିଂଜୋନ ତିଆରି କରିଥିବା ଯୋଗୁଁ ଏବେ ଏ ଗୁଡିକ ଅବ୍ୟବହୃତ ହୋଇ ପଡି ପଡି ନଷ୍ଟ ହେଉଛି । ସହରର ମଧ୍ୟ ଭାଗରେ ଲୋକମାନେ ରାସ୍ତା କଡରେ ଅସ୍ଥାୟୀ ଭାବରେ ଉଠା ଦୋକାନ କରି ବ୍ୟବସାୟ କରୁଛନ୍ତି ।ହେଲେ ତାହା ସେମାନଙ୍କୁ ବଣ୍ଟନ କରାଯାଉନାହିଁ । ପଦ୍ମପୁର ଦୈନିକ ପରିବା ବଜାର ମଧ୍ୟରେ ରହିଥିବା ଭେଣ୍ଡିଂ ଯୋନ ଗୁଡିକ ଅତି ସଂକିର୍ଣ୍ଣ ଭାବରେ ତିଆରି ହୋଇଥିବା କାରଣରୁ ଲୋକେ ଖରା ବର୍ଷା ଶୀତରେ ବାହାରେ ଜରିପାଲ ଟାଣି ପରିବା ବିକୁଛନ୍ତି ହେଲେ ସେଗୁଡିକୁ ବ୍ୟବହାର କରିବା ପାଇଁ ଅମଙ୍ଗ ହେଉଛନ୍ତି ।

ଭେଣ୍ଡିଂଯୋନ ଗୁଡିକ ତିଆରିରେ ନିମ୍ନ ମାନର କାମ ହୋଇଥିବା କାରଣରୁ ଅଧିକାଂଶ ଭାଙ୍ଗିବାରେ ଲାଗିଲାଣି ଓ କିଛି କାଂଶରେ ଲୋକଙ୍କ ବାଇକ ଷ୍ଟାଣ୍ଡ ଭାବରେ ବ୍ୟବହାର କରୁଛନ୍ତି । ତେବେ ଲକ୍ଷ ଲକ୍ଷ ଟଙ୍କାରେ ତିଆରି ହୋଇଥିବା ଅଧିକାରୀ ମାନଙ୍କ ଅବହେଳା କାରଣରୁ ଏବେ ନଷ୍ଟ ହୋଇ ପଡି ରହିଛି। ସରକାରୀ ଅର୍ଥର ସୁବିନିଯୋଗ ହେବା ସହ ଏହି ଭେଣ୍ଡିଂଯୋନ ଗୁଡିକ କିପରି କାର୍ଯ୍ୟକ୍ଷମ ହେବ ସେ ବିଷୟରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

# ପଦ ହରାଇଲେ ଡୁନୁପାର ସରପଞ୍ଚ

କୋରାପୁଟ,(ସବ୍ୟୁ): ଦୁଇରୁ ଅଧିକ ସନ୍ତାନ କାରଣରୁ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଡୁନୁପାର ସରପଞ୍ଚ ମଧୁ ଧାଙ୍ଗଡା ମାଝୀ ପଦ ହରାଇଛନ୍ତି। ୨୦୨୨ ଫେର୍ବୁଆରୀରେ ତାଙ୍କ ବିରୁଦ୍ଧରେ ପ୍ରତିଦ୍ବନ୍ଦ୍ବିତା କରିଥିବା ବକ୍କି ଜାନୀଙ୍କ ମାମଲାର କରି ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଏହି ରାୟ ଶୁଣାଇଛନ୍ତି। ସୂଚନା ଯୋଗ୍ୟ ଯେ ଆବେଦନକାରୀ ବକ୍କି ଜାନୀ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଡୁନୁପାର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ହୋଇଥିଲେ। ତାଙ୍କ ପ୍ରତିପକ୍ଷରେ ପ୍ରାର୍ଥୀ ଥିବା ମଧୁ ଧାଙ୍ଗଡା ମାଝୀଙ୍କର ତିନୋଟି ସନ୍ତାନ ଥିବା ସେତେବେଳର ନିର୍ବାଚନ ଅଧିକାରୀଙ୍କ ନିକଟରେ ସେ ଅଭିଯୋଗ କରିଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ତାକୁ ଗ୍ରହଣ ନ କରି ମଧୁ ଧାଙ୍ଗଡା ମାଝୀଙ୍କର ନାମାଙ୍କନ ପତ୍ର କାଏମ ରଖିଥିଲେ। ନିର୍ବାଚନରେ ମଧୁ ଧାଙ୍ଗଡା ମାଝୀ ବିଜୟୀ ହୋଇଥିଲେ। ଏହାପରେ ବକ୍କି ଜାନୀ ସୂଚନା ଆଇନ ମାଧ୍ୟମରେ ମଧୁ ଧାଙ୍ଗଡା ମାଝୀଙ୍କର ତିନୋଟି ଛୁଆର ଜନ୍ମ ପ୍ରମାଣପତ୍ର ହାସଲ କରି ପ୍ରମାଣ ସହ ଜିଲ୍ଲାପାଳଙ୍କ ନିକଟରେ ମାମଲା ଦାଏର କରିଥିଲେ। ଉକ୍ତ ମାମଲାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ଜିଲ୍ଲାପାଳ ଡୁନୁପାର ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ବକ୍କି ଜାନୀଙ୍କ ତରଫରୁ ଆଇନଜୀବୀ ଦୀପଙ୍କର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# କଳା ପଟି ବାନ୍ଧି ବୌଦ୍ଧ ମୁସଲିମ ସମ୍ପ୍ରଦାୟର ବିରୋଧ




ବୌଦ୍ଧ,(ସବ୍ୟୁ): ଜମ୍ମୁ କାଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୭ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ସମଗ୍ର ଦେଶ ସ୍ତବ୍ଧ ହୋଇଯାଇଥିବା ବେଳେ ଏ ନେଇ ସାରା ବିଶ୍ୱରେ ପ୍ରତିବାଦ ଓ ନିନ୍ଦାର ସ୍ୱର ଉତ୍ତୋଳନ ହୋଇଛି।

ଏହି ଅବସରରେ ବୌଦ୍ଧ ଜିଲ୍ଲାରେ ମଧ୍ୟ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଶତାଧିକ ମୁସଲିମ ବାସିନ୍ଦା ଯୋଗଦେଇ ସ୍ଥାନୀୟ ମେଡିକାଲ ଛକ ଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାରି ସ୍ଥାନୀୟ ବାଘ ଗୁଡ଼ା ଛକ , ଗାନ୍ଧୀ ଛକଦେଇ ଗୋପବନ୍ଧୁ ଛକ, ମାର୍କେଟ ରୋଡ, ମୁସଲିମ ପଡ଼ା, ପୁରୁଣା ବ୍ଲକ ଛକ ଦେଇ ପୁଣି ମେଡିକାଲ ଛକ ରେ ପହଞ୍ଚି ସେଠରେ ଏହି ଶୋଭାଯାତ୍ରା ସମାପ୍ତ କରାଯାଇଛି। ଭାରତର କଣ ଅନୁକୋଣରେ ଜାତି ଧର୍ମ ବର୍ଣ୍ଣ ଓ ରାଜନୀତି ନିର୍ବିଶେଷରେ ଏହି ନୃଶଂସତା ଏବଂ ପାକିସ୍ତାନ ଆତଙ୍କିତ ନିରୀହ ପର୍ଯ୍ୟଟକଙ୍କୁ ଆକ୍ରମଣ କରି ହତ୍ୟା କରିବାକୁ ଦୃଢ଼ ନିନ୍ଦା କରାଯିବା ସହ କ୍ୟାଣ୍ଡେଲ ରାଲି କରିବା ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ବୌଦ୍ଧ ରେ ଏକ ନିଆରା ଭାବେ ଏହି ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଛି । ବୌଦ୍ଧ ଜିଲ୍ଲାର ମୁସଲମାନ ସଂପ୍ରଦାୟ ପକ୍ଷରୁ ଏହି ଘଟଣାକୁ ନେଇ ଆବାଳ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ନିଜ ହାତରେ କଳା କପଡ଼ା ବାନ୍ଧି ପ୍ରତିବାଦ ଓ ନିନ୍ଦା କରିଛନ୍ତି। ମୃତ ସମସ୍ତ ପରିବାରଙ୍କୁ ସମବେଦନା ଜଣେଇବା ସହ ମୃତକଙ୍କ ଆତ୍ମାର ସଦଗତି ପାଇଁ ଶାନ୍ତି ପ୍ରାର୍ଥନା କରାଯାଇଛି।

# ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋକସରା,(ସବ୍ୟୁ): ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ, ତେବେ ଦୁହେଁ ଅଲଗା ଅଲଗା ଜାତିର ହୋଇଥିବା ଯୋଗୁଁ ପ୍ରେମକୁ ସାମାଜିକ ସ୍ବୀକୃତି ମିଳିବାରେ ପ୍ରତିବନ୍ଧକ ସାଜିଲା। ଶେଷରେ ଦୁହେଁ ଏକାଠି ଚରମ ନିଷ୍ପତ୍ତି ନେଇ ପ୍ରେମୀ ଯୋଡି ଗଛରେ ଫାଶ ଲଗାଇ ଝୁଲି ପଡିଥିବା ଭଳି ଏକ ଘଟଣା ଦେଖିବାକୁ ମିଳିଛି। ଆମପାଣି ଥାନା କାଉଡୋଳା ଗ୍ରାମର ଦିଲ୍ଲିପ ମୁଣ୍ଡଙ୍କ ପୁଅ ନିତେଶ ମୁଣ୍ଡ (୨୩) ଓ ବାପା ମା ଙ୍କ ମୃତ୍ୟୁ ପରେ କାଉଡୋଳା ଗ୍ରାମରେ ନିଜ ବଡମା ପାଖରେ ରହୁଥିବା ଅନ୍ୟ ଜାତିର ଜଣେ ନାବାଳିକା ଗୋମତି ସରାବୁ (୧୭) ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ତେବେ ଦୀର୍ଘ ଦିନର ପ୍ରେମ ସମ୍ପର୍କ ପରେ ବିବାହ ପାଇଁ ପ୍ରତିବନ୍ଧକ ସାଜିଥିଲା ଜାତିପ୍ରଥା। ଦୁହିଁଙ୍କ ପ୍ରେମକୁ ସାମାଜିକ ସ୍ବୀକୃତି ନମିଳିବାରୁ ଦୁହେଁ ଏଭଳି ନିଷ୍ପତ୍ତି ନେଇ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଖବର ମିଳିବା ପରେ ଘଟଣାସ୍ଥଳରେ ଆମପାଣି ପୁଲିସ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତକଙ୍କ ଉଭୟ ପରିବାର ଲୋକେ ନିରପେକ୍ଷ ତଦନ୍ତ କରିବା ପାଇଁ ପୁଲିସକୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଟଣାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିଥିଲେ। ପୁଲିସ ପକ୍ଷରୁ ସ୍ଥାନୀୟ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଥିଲେ। ପରେ ପ୍ରେମୀ ଯୁଗଳଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଦୁଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ପ୍ରେମୀ ଯୁଗଳ କେଉଁ ଚାପରେ ଆସି ଆତ୍ମହତ୍ୟା କରିଛନ୍ତି, ନା ବିବାହ ପାଇଁ ଜାତିପ୍ରଥାକୁ ନେଇ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ଆମପାଣି ଥାନାରେ ପୃଥକ ଭାବେ ଅପମୃତ୍ୟୁ ମାମଲା ରୁଜୁ ସହ ଘଟଣାର ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସଭାଗୃହରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ଆଶା କର୍ମୀ, ମହିଳା ସ୍ବାସ୍ଥ୍ୟ କର୍ମୀ ତଥା ସ୍ବାସ୍ଥ୍ୟ କେନ୍ଦ୍ରକୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ବାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ତଥା ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ଆଶା କର୍ମୀ ତଥା ସ୍ବାସ୍ଥ୍ୟ କର୍ମୀଙ୍କ ସେବା ପ୍ରଶଂସନୀୟ ବୋଲି ମତ ଦେବା ସହ ଗ୍ରାମାଞ୍ଚଳ ତଥା ସ୍ବାସ୍ଥ୍ୟ ଉପକେନ୍ଦ୍ର(ଆୟୁଷ୍ମାନ ଆରୋଗ୍ୟ ମନ୍ଦିର) ରେ ମିଳୁଥିବା ସମସ୍ତ ୧୨୦ ପ୍ରକାର ଔଷଧର ସୁବିଧା ନେବାକୁ ଲୋକଙ୍କୁ ଅବଗତ କରନ୍ତୁ ବୋଲି କହିଥିଲେ । ଅନ୍ୟତମ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ମା ଓ ମାତୃଭୂମି ସେବାର ବିକଳ୍ପ ନାହିଁ ।

ଏଣୁ ଯେଉଁମାନେ ମା ଓ ଶିଶୁ ସୁରକ୍ଷା କରୁଛନ୍ତି, ସେମାନେ ଜଣେ ଜଣେ ସେବକ ଆଉ ସେବାର ବିକଳ୍ପ ନାହିଁ । ସେହିପରି ଅତିଥି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଆଶା,ସ୍ବାସ୍ଥ୍ୟକର୍ମୀ ତଥା ସ୍ବାସ୍ଥ୍ୟ ବିଭାଗ କର୍ମକର୍ତ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଜିଲ୍ଲାପାଳ ଅବୋଳି ସୁନିଲ ନରୱାଣେ ସ୍ବାଗତ ଅଭିଭାଷଣ ଦେବା ସହ ମାତୃ ଓ ଶିଶୁ ମୃତ୍ୟୁହାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ବାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା ମାତୃ ଓ ଶିଶୁ ମୃତ୍ୟୁହାରରେ ଜିଲ୍ଲାର ସ୍ଥିତି ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ । ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାତଲଇଡ଼ା ସ୍ବାସ୍ଥ୍ୟ ଉପକେନ୍ଦ୍ରର ଆଶା କର୍ମୀ ଭୂମିଶୁତା ପ୍ରଧାନ, ମହିମା ନଗର,ବନ୍ଧବାହାଲ ସ୍ବାସ୍ଥ୍ୟ ଉପକେନ୍ଦ୍ରର ଆଶା ଜୟଶ୍ରୀ ବେହେରା,ବନ୍ଧପାଲି ସ୍ବାସ୍ଥ୍ୟ ଉପକେନ୍ଦ୍ରର ଆଶା କନକ ମଞ୍ଜରୀ ପଟେଲ,ଲମଟିବାହାଲ ସ୍ବାସ୍ଥ୍ୟ ଉପକେନ୍ଦ୍ରର ଆଶା ଶଶୀପ୍ରଭା ଟିର୍କି, ଲଇକେରା ବ୍ଲକ ନିକ୍ତିମାଲ ସ୍ବାସ୍ଥ୍ୟ ଉପକେନ୍ଦ୍ରର ସ୍ବାସ୍ଥ୍ୟକର୍ମୀ ମିନି ନାୟକ,ଲଖନପୁର ବ୍ଲକ ସମର୍ବଗା ସ୍ବାସ୍ଥ୍ୟ ଉପକେନ୍ଦ୍ର ର ସ୍ବାସ୍ଥ୍ୟକର୍ମୀ ମୟୁରି ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଉଲ୍ଲେଖନୀୟ ଅବଦାନ ପାଇଁ ଲଖନପୁର ଗୋଷ୍ଠୀ ସ୍ବାସ୍ଥ୍ୟ କେନ୍ଦ୍ର ଓ କୋଲାବିରା ଗୋଷ୍ଠୀ ସ୍ବାସ୍ଥ୍ୟ କେନ୍ଦ୍ରକୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପ୍ରଧାନ ପରିଚାଳନା କରିଥିବାବେଳେ ସ୍ବାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲ୍ଲା ଜନ ସ୍ବାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ ଓ ପରିବାର କଲ୍ୟାଣ) ଡାକ୍ତର ରାଧାରମଣ ବିର୍ତ୍ତିଆ,ଅତିରିକ୍ତ ଜିଲ୍ଲା ଜନ ସ୍ବାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ରବୀନ୍ଦ୍ର ନାଥ ମାଝୀ,ଡି ଏ ଏମ ଧୀରେନ୍ଦ୍ର ନନ୍ଦ, ଡି ଡି ଏମ ପ୍ରଶାନ୍ତ ଦାସଙ୍କ ସମେତ ଆଶା,ସ୍ବାସ୍ଥ୍ୟ କମ ମାତୃ ଓ ଶିଶୁ ମୃତ୍ୟୁହାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା ।

# ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବରଗଡ଼,(ସବ୍ୟୁ): ସ୍ଥାନୀୟ ମହାରାଜା ହୋଟେଲ ସମ୍ମିଳନୀ କକ୍ଷରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପେହେଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ସହ ପବିତ୍ର ଅକ୍ଷୟ ତୃତୀୟା ରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଅଖି ମୁଠିର ଶୁଭାରମ୍ଭ ସମାବେଶ ସକାଶେ ଏକ ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦିପ ସିଂ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ଉପସ୍ଥିତ ସମସ୍ତ ନେତୃମଣ୍ଡଳୀ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

ପରେ ବୈଠକରେ ଜିଲ୍ଲା କିଷାନ କ୍ଷେତ ମଜଦୂର ସଭାପତି ଗୁଣମଣି ସାହୁ ଆସନ୍ତା ୩୦ ତାରିଖ ସକାଳ ୮ ଘଣ୍ଟା ସମୟରେ ସୋହେଲା ଠାରେ ଜିଲ୍ଲା କଂଗ୍ରେସ କମିଟି ଓ ଜିଲ୍ଲା କିଷାନ କ୍ଷେତ ମଜଦୂର କମିଟିର ମିଳିତ ସହଯୋଗରେ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ଉକ୍ତ ଦିନ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ସୋହେଲା ଠାରେ ବରଗଡ଼ ଜିଲ୍ଲା କଂଗ୍ରେସର ସମସ୍ତ ଛାମୁଆ ସଂଗଠନ ର କର୍ମକର୍ତ୍ତା ଙ୍କ ସମେତ ବହୁ କର୍ମୀ ଙ୍କ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଯୁଗଳ ପ୍ରସାଦ ସିଂହ, ସରୋଜ କୁମାର ଷଡଙ୍ଗୀ, ଅଭିଷେକ ସେଠ, ବ୍ରହ୍ମାନନ୍ଦ ମହାକୁଡ଼ ,ସତ୍ୟନାରାୟଣ ଦେବତା (ବାବୁଲୁ) ,ରବିନାରାୟଣ ପଣ୍ଡା,ପ୍ରତାପ ଚନ୍ଦ୍ର ନାୟକ, ଆନନ୍ଦ ପ୍ରଧାନ,ଅମିତ ଆଚାର୍ଯ୍ୟ , ଅନିଲ ପ୍ରଧାନ, ସୁନିତା ବାଗ, ନିଲିମା ଅଗ୍ରୱାଲ, ଭାବନା ଭେଶ୍ରା, ବିବେକା ପ୍ରଧାନ , ସୁଶିଲ କୁମାର ଭୋଇ, ସୁରେଶ ମହାନନ୍ଦ, ମନୋହର ପ୍ରଧାନ,ପପୁ କୁମ୍ଭାର,ଅନନ୍ତ ତାଣ୍ଡି ,ସୁଶାନ୍ତ ସାହୁ, ସରୋଜ କୁମାର ଭୋଇ,ଭୋଜରାଜ ପ୍ରଧାନ,ମନୋରଞ୍ଜନ ମେହେର,ମୁନା ଅଗ୍ରୱାଲ ,ରାଜନ ଦେବତା,କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଚକ ପାଚିକା ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରେଢ଼ାଖୋଲ,(ସବ୍ୟୁ): ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚକ,ପାଚିକା ମହାସଂଘର ନାକଟିଦେଉଳ ବ୍ଲକ ଶାଖା ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯିବା ସହ ୭ଦଫା ଦାବୀ ସମ୍ପର୍କିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି । ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚକ, ପାଚିକା ମହାସଂଘ ର ରାଜ୍ୟ ସମ୍ପାଦିକା ଦୀପାଞ୍ଜଳି ଯାଦବ ନେତୃତ୍ବରେ ପୂର୍ବାହ୍ନରେ ବ୍ଲକର ଶତାଧିକ ପାଚକ ଓ ପାଚିକା ନାକଟିଦେଉଳ ଶିବ ମନ୍ଦିର ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ମାନ ଦେଇ ଜଗନ୍ନାଥ ପ୍ରସାଦ ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ସରକାରଙ୍କ ଦ୍ବାରା ନିର୍ଦ୍ଧାରିତ ପାରିଶ୍ରମିକ ଦିନସାରା ପାଇଁ ମାତ୍ର ୧୦୦ ଟଙ୍କା ପଡୁଛି । ତେଣୁ ବାସ୍ତବରେ ଉକ୍ତ ପାରିଶ୍ରମିକ ଭୋକ ମେଣ୍ଟାଇବାରେ ସହାୟକ ହେଉନାହିଁ । ଏଣୁ ସରକାର ଘୋଷଣା କରିଥିବା ପାରିଶ୍ରମିକର ପୁନଃ ବିଚାର କରି ମାସିକ ୩୦୦୦ ଟଙ୍କା ବଦଳରେ ଦୈନିକ ସର୍ବନିମ୍ନ ମଜୁରୀ ୪୫୨ ଟଙ୍କା ହିସାବରେ ମାସିକ ୧୩,୫୬୦ ଟଙ୍କା ଦିଆଯାଉ । ପ୍ରକାଶ ଥାଉକି ପାଚକ ପାଚିକା ମା ମାନଙ୍କର ପାରିଶ୍ରମିକ ୨୦୧୮ ମସିହାରେ ୨୦୦୦ ଟଙ୍କା ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି ମାତ୍ର ୧୪୦୦ ଟଙ୍କା ଦିଆଯାଉଥିବା ପାରିଶ୍ରମିକର ବକେୟା ପାରିଶ୍ରମିକ ଟଙ୍କା ୩୬ ହଜାର ଟଙ୍କା ସହ ୭ ଦଫା ଦାବି କୁ ପୂରଣ କରି ମା ମାନଙ୍କର ଭୋକ ମେଣ୍ଟାଇବାରେ ସହାୟକ ହେବାପାଇଁ ଦାବୀ ପତ୍ରରେ ଉଲ୍ଲେଖ ରହିଛି । ଏହା ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର ଓ ପ୍ରଦୀପ ନାଏକ ଯୋଗଦେଇ ରାଜ୍ୟ ସରକାରଙ୍କ ପାଚକ ପାଚିକା ମାରଣ ନୀତିକୁ ତୀବ୍ର ସମାଲୋଚନା କରି ସଂଘର ଦାବୀ ଗୁଡିକୁ ସରକାର ଶୀଘ୍ର ପୁରଣ କରିବାକୁ ଦାବୀ କରିଥିଲେ ।

# କୈବର୍ତ୍ତ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବଲାଙ୍ଗିର,(ସବ୍ୟୁ): ଗତ ୨୨ତାରିଖ ଦିନ କାଶ୍ମୀରର ପହଲଗାମ୍ ଠାରେ ପାକିସ୍ତାନ ସମର୍ଥିତ ଲସ୍କର ଏ ତୋଏବା ସହ ଜଡ଼ିତ ଟି ଆର୍ ଏଫ୍ ଆତଙ୍କବାଦୀ ଦ୍ୱାରା ହୋଇଥିବା ବର୍ବର ଗଣହତ୍ୟାର ପ୍ରତିବାଦରେ ବଲାଂଗିର ପୌରାଞ୍ଚଳ କୈବର୍ତ୍ତ ସମାଜ ତରଫରୁ ଏକ ପ୍ରତିବାଦ ସଭା ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବାଦ ସଭାରେ ସମାଜର ସଭାପତି ରୋହିତ କୁମାର ସେଠୀ ଘୃଣ୍ୟ ଘଟଣାର ଦୃଢ଼ ନିନ୍ଦା କରିବା ସହଏଥିରେ ସମ୍ପୃକ୍ତ ଆତଙ୍କବାଦୀ ଗୋଷ୍ଠୀକୁ ଖୋଜି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଭାରତ ସରକାରଙ୍କ ଠାରେ ଦାବୀ ଜଣାଇଥିଲେ । ଘଟଣାରେ ମୃତ ସମସ୍ତ ବ୍ୟକ୍ତିଙ୍କ ପାଇଁ ଦୀପ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ବଲାଂଗିର ପୌରାଞ୍ଚଳ କୈବର୍ତ୍ତ ସମାଜ ତରଫରୁ ସମବେଦନା ଜ୍ଞାପନ କରାଯାଥିଲା। ଶ୍ରଦ୍ଧାଞ୍ଜଳି ସଭାରେ କୈବର୍ତ୍ତ ସମାଜର ସଭ୍ୟ ସଭ୍ୟା ମାନେ ଯୋଗଦେଇ ଜିବନ ହାରିଥିବା ପରିବାରକୁ ସମବେଦନା ଜଣାଇଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ମହମବତୀ ଶୋଭାଯାତ୍ରା

ନୂଆପଡ଼ା,(ସବ୍ୟୁ)ଦ୍ଦ: ଜିଲ୍ଲା କଂଗ୍ରେସ୍ ପକ୍ଷରୁ ନୂଆପଡ଼ା ଜିଲ୍ଲା ସଦର ମହକୁମା ଏକତା ଛକ ଠାରେ ଜାମ୍ମୁ କାଶ୍ମୀର ପାହଲଗାମ ଠାରେ ଗତ ୨୨ ତାରିଖ ଦିନ ଆତଙ୍କବାଦିଙ୍କ ଗୁଳିରେ ନିହତ ହୋଇଥିବା ନିରୀହ ୨୭ ଜଣ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହମବତୀ ଶୋଭାଯାତ୍ରା ଗାୟତ୍ରୀ ମନ୍ଦିର ଛକରୁ ଏକତା ଛକ ଯାଏଁ କରାଯାଇଥିଲା। ଶୋଭାଯାତ୍ରା ନଗର ପରିକ୍ରମା କରି ଏକତା ଛକ ଠାରେ ଏକତ୍ରିତ ହୋଇ ମୃତକ ପର୍ଯ୍ୟଟକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଶୋଭାଯାତ୍ରାକୁ ବରିଷ୍ଠ କଂଗ୍ରେସ୍ ନେତା ସୁରେଶ କୁମାର୍ ଆଜାଦଙ୍କ ନେତୃତ୍ୱରେ ଘାସିରାମ ମାଝି ,ଶାହରୁଖ ଖାନ, ଦେବଦତ୍ତ ଦିକ୍ଷୀତ, ଭରତ ରାଉତ, କୈଳାସ ବାଗ ପପ୍ପୁ ଅହିର, ଆଲୋକ ଗୁରୁ ଓ ଉମା ବନଛୋର୍ ପ୍ରମୁଖ ସହ ଶତାଧିକ କର୍ମୀ ଯୋଗଦେଇଥିଲେ।

# କୁଲୁଥକାନୀ ଶୀତଳଷଷ୍ଠୀ ଯାତ୍ରା କମିଟିର ବୈଠକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର କୁଲୁଥକାନୀ କମ୍ୟୁନିଟି ସେଣ୍ଟର ଠାରେ କଳ୍କେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାତ୍ର କମିଟି ସଂଯୋଜକ ଅରବିନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଚଳିତବର୍ଷ କଳ୍କେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାର ଆୟୋଜନର ବିଭିନ୍ନ ଦିଗ ନେଇ ଆଲୋଚନା ହୋଇଥିଲା । ବିଶେଷ କରି କଳ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଶୁଭ ବିବାହ ପାଇଁ କନ୍ୟା ପିତାମାତା ଚୟନ, ଯାତ୍ରା ପାଇଁ ସାଂସ୍କୃତିକ କଳାକାର ମାନଙ୍କୁ ନିମନ୍ତ୍ରଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ଉଦିତ୍ ଚନ୍ଦ୍ର ପାଟ୍ଟଯୋଶୀ, ରବି ପଣ୍ଡା, ବିପିନ ଭୋଇ, କୃଷ୍ଣଚନ୍ଦ୍ର ରାଉତ, ଦୁଃଖିଶ୍ୟାମ ନାଏକ, ଦୁର୍ଗାଚରଣ ମହାରଣା, ବିକ୍ରମାଦିତ୍ୟ ସିଂଦେବ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଧବଳେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଇନ୍ଦ୍ରମଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଣ ମୌସୁମୀ ସମୟରେ ପାଣି ଛାଡୁନି ଛତିଶଗଡ଼

ଝାରସୁଗୁଡ଼ା,(ସବ୍ୟୁ) : ଛତିଶଗଡ ଷଡଯନ୍ତ୍ରରେ ବଳି ପଡିଯିବ ଅଣ ମୌସୁମୀ ଚାଷ। ଶୁଖିଗଲାଣି ମହାନଦୀ। ଗତବର୍ଷ ତୁଳନାରେ ଅଧିକ ଦୁଇଫୁଟ ଖସିଆସିଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର । ତେବେ ଗତବର୍ଷ ଏହି ସମୟରେ ହୀରାକୁଦ ଜଳସ୍ତର ୬୧୫ଫୁଟ୍ ଥିବାବେଳେ ଚଳିତ ବର୍ଷ ୬୧୧ ଫୁଟକୁ ଖସିଆସିଛି । ସେପଟେ ସାଙ୍ଘାତିକ ଭାବେ ଜଳ ଭଣ୍ଡାରକୁ ଖସୁଛି ଜଳ ପ୍ରବେଶର ମାତ୍ରା। କଲମା ବ୍ୟାରେଜର ସମସ୍ତ ଗେଟ୍ ଛତିଶଗଡ଼ ବନ୍ଦ କରିଦେଇଥିବାରୁ ମାତ୍ର ୧୫୦୦ ଘନଫୁଟ ଜଳ ଜଳ ଭଣ୍ଡାରକୁ ପ୍ରବେଶ କରୁଛି । ଗୋଟିଏ ପଟେ ଓଡ଼ିଶା ଦେଇ ପ୍ରବାହିତ ହେଉଥିବା ମହାନଦୀ ଶୁଖିଲା ପଡିଥିବା ବେଳେ ଛତିଶଗଡ଼ରେ ଲହଡ଼ି ମାରୁଛି ପାଣି। ଶକ୍ତି ଜିଲ୍ଲାର ଚନ୍ଦ୍ରପୁର ଅଞ୍ଚଳ କିଭଳି ପାଣି ଲହଡ଼ି ମାରୁଥିବା ଓଡ଼ିଶା ଚାଷୀ ହତାସା ଭିତରେ ରହିଛନ୍ତି।ତେବେ ଗୋଟିଏ ପଟେ ମହାନଦୀର ସମସ୍ତ ଧାର ଶୁଖି ଯାଇଥିବାବେଳେ ଅନ୍ୟପଟେ ଛତିଶ ଗଡ଼ରେ ଲହଡ଼ି ମାରୁଛି ପାଣି। କିନ୍ତୁ ଏପଟେ ଏପ୍ରିଲ ମାସରୁ ଶୁଖିଗଲାଣି ଓଡ଼ିଶାର ଜୀବନ ରେଖା ମହାନଦୀ। ଏନେଇ ଚିନ୍ତାରେ ପଡିଲେଣି ମହାନଦୀକୁ ଭରସା କରୁଥିବା ଲୋକେ। ଚାଷ କିଭଳି ହେବ, ପାଣି କେଉଁଠୁ ପାଇବେ ସେ ଚିନ୍ତାରେ ନଦୀ କୂଳିଆ ଲୋକେ ।


# କଳାହାଣ୍ଡି ଜିଲ୍ଲା ବଣିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି




ଭବାନୀପାଟଣା,(ସବ୍ୟୁ): ଜମ୍ମୁ ଓ କଶ୍ମୀର ପହଲଗାମ ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ମାନଙ୍କୁ କଳାହାଣ୍ଡି ଜିଲ୍ଲା ବଣିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି ।

ସ୍ଥାନୀୟ ରେଡକ୍ରସ କଲ୍ୟାଣ ମଣ୍ଡପ ଠାରୁ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବିଭିନ୍ନ ବର୍ଗ ଓ ସମ୍ପ୍ରଦାୟର ବ୍ୟକ୍ତିମାନେ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇ ମୃତକ ମାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଦେବାସହ ଆତଙ୍କବାଦୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ମୃତକଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ଦେବଗଡ ପୌରପରିଷଦ ହୋଲଡ଼ିଂ ଟ୍ୟାକ୍ସ କମିଲା




ଦେବଗଡ,(ସବ୍ୟୁ): ଦେବଗଡ ଜିଲ୍ଲାର ଏକମାତ୍ର ଦେବଗଡ ପୌରପରିଷଦ ପକ୍ଷରୁ ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସକୁ ହ୍ରାସ କରାଯାଇଛି । ୨୦୧୫ ମସିହାରେ ତତ୍କାଳୀନ କାଉନସିଲ ବୈଠକରେ ସହରର ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧି ନିଷ୍ପତ୍ତି ନିଆଯାଇଥିଲା। ସେତେବେଳର ନିର୍ବାଚିତ କାଉନସିଲ ନିଷ୍ପତ୍ତି ଅନୁଯାଇ ହୋଲ୍ଡିଂ ଟ୍ୟାକ୍ସ ବହୁଗୁଣ ବୃଦ୍ଧି କରାଯାଇଥିବା ବେଳେ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିଥିଲେ। ପରେ ଏନେଇ ହାଇକୋର୍ଟରେ ବିଭିନ୍ନ ବ୍ୟକ୍ତି ଓ ସଂଗଠନ ପକ୍ଷରୁ ୧୧ ଗୋଟି ମାମଲା ରୁଜୁ କରାଯାଇଛି।

ଏହି ସବୁ ମାମଲାର ଶୁଣାଣୀ ସରିନଥିବା ବେଳେ ବର୍ତ୍ତମାନର ନିର୍ବାଚିତ କାଉନସିଲ ବୈଠକରେ ହୋଲ୍ଡିଂ ଟ୍ୟାକ୍ସ ହ୍ରାସ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ଅଣ ବ୍ୟବସାୟିକ ଗୃହର ହୋଲ୍ଡିଂ ଟ୍ୟାକ୍ସ ୫୦ ଶତକଡା ହ୍ରାସ କରାଯାଇଥିବା ପୌରପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଦେବଗଡ ପୌରପରିଷଦ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଳ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୌରପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଓ ବିଭିନ୍ନ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ।

# ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

ଟିଟିଲାଗଡ଼,(ସବ୍ୟୁ): ଜାମ୍ମୁ କାଶ୍ମୀରର ପହଲଗାଁ ଠାରେ ଆତଙ୍କବାଦୀଙ୍କ ଦ୍ୱାରା ପର୍ଯ୍ୟଟକଙ୍କୁ ନୃଶଂସ ଭାବରେ ହତ୍ୟା କରାଯାଇଛି । ଏହାର ପ୍ରତିବାଦରେ ଟିଟିଲାଗଡ଼ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ସଂଯୋଜକ ଆଇନଜୀବୀ ରାଜେଶ ବାବୁଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରୁ ଶୋଭାଯାତ୍ରା ବାହାରି ଭାରତ ମାତା କି ଜୟ, ପାକିସ୍ଥାନ ମୁର୍ଦାବାଦ ଆଦି ନାରା ସହ ସହର ପରିକ୍ରମା ପରେ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତଙ୍କବାଦୀଙ୍କ କୁଶ ପୁତ୍ତଳିକାକୁ ଚପଲ, ଜୋତା ମାଡ଼ ତଥା ଦାହ କରାଯାଇଥିଲା । ଟିଟିଲାଗଡ଼ ବିଧାୟକ ନବିନ ଜୈନ ଆତଙ୍କବାଦୀଙ୍କ ଦେହରେ ଅଗ୍ନୀ ସଂଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବାର ସଂଘ ସଭାପତି ସଞ୍ଜୟ ବେହେରା, ପୌରାଧକ୍ଷା ମମତା ଜୈନ, ଆରଏସଏସ, ବିଶ୍ୱ ହିନ୍ଦୁ ପରିଷଦ, ଆଦିବାସୀ କଲ୍ୟାଣ ଆଶ୍ରମ, ଦୁର୍ଗା ବାହିନୀ, ବଜରଙ୍ଗ ଦଳ, ପତଞ୍ଜଳି ଯୋଗ ସମିତି ପ୍ରମୁଖ ଅନେକ ସଂଗଠନର ସୁଦର୍ଶନ ଦାଶ, ସେବକ ଚରଣ ଦାଶ, କୃଷ୍ଣଚନ୍ଦ୍ର ବାବୁ, ଟିକେଲାଲ ବେହେରା, ଉମ୍ବରୁଧର କର୍ମୀ, ଈଶ୍ୱର ଜୈନ, ମୋହନ ଲାଲ ଜୈନ, ଅରବିନ୍ଦ ପାଣିଗ୍ରାହୀ, ଲଳିତା ଲାଠ, ନନ୍ଦ ମହଲା, କ୍ଷୀରସିନ୍ଧୁ ସାହୁ, ଚିତ୍ତରଞ୍ଜନ ସାହୁ, ଲାଦେବ ପ୍ରସାଦ ଗୁପ୍ତା, ବର୍ଷା ରଣା, ସୁନିଲ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଆତଙ୍କୀବାଦୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଥିଲେ । ଏହି ମର୍ମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଆଦର୍ଶ ପ୍ରୀୟଦର୍ଶନୀ ବଳଙ୍କୁ ପ୍ରଦାନ କରିଥିଲେ ।

# ମେ ୧୦ରେ ଆନ୍ତଃକ୍ଲବ ବାଳକ ହକି ପ୍ରତିଯୋଗିତା


ଝାରସୁଗୁଡ଼ା, (ସବ୍ୟୁ): ଗତ ତିନି ବର୍ଷ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ଜାତୀୟ ଖେଳ ହକିକୁ ଜିଲ୍ଲାରେ ଲୋକପ୍ରିୟ କରିବା ପାଇଁ ଚେଷ୍ଟା ଜାରି ରଖିଛି। ଜିଲ୍ଲାରେ ଥିବା ସ୍କୁଲ ଗୁଡିକରେ ହକି ଖେଳ ପ୍ରତି ପିଲା ମାନଙ୍କୁ ଆଗ୍ରହ ସୃଷ୍ଟି କରି ଜୋନସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଛି । ଆନ୍ତ ରାଜ୍ୟ ୫-ଏ ସାଇଟ ହକି ଜୁନିୟର ବାଳିକା ପ୍ରତିଯୋଗିତା ସଫଳତା ସହିତ ଚଳିତ ମାସ ୨୦ ତାରିଖରେ ମଧ୍ୟ ଶେଷ କରିଛି। ଆସନ୍ତା ମେ ମାସ ୧୦ ,୧୧ ଓ ୧୨ ତାରିଖରେ ଆନ୍ତଃ କ୍ଲବ ୫-ଏ ସାଇଟ ହକି ଜୁନିୟର ବାଳକ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ୧୯ ବର୍ଷ ବୟସ ରୁ କମ୍ ବର୍ଗର ବାଳକ ହକି ଖେଳାଳି ମାନେ ଝାରସୁଗୁଡ଼ା ଜିଲ୍ଲାର କ୍ଲବ ଓ ସ୍କୁଲ ମାଧ୍ୟମରେ ଅଂଶ ଗ୍ରହଣ କରିବେ । ଏହି ଦଳରେ ୫ଜଣ ଖେଳାଳି ୩ ଜଣ ଅତିରିକ୍ତ ଖେଳାଳି ଓ ଜଣେ କୋଚ ରହିବେ । ବିଜୟୀ ଦଳକୁ ୮ ହଜାର ଟଙ୍କା ଓ ରନର୍ସ ଦଳକୁ ୫ ହଜାର ଟଙ୍କା ପ୍ରଦାନ କରାଯିବ ।

ଚଳିତ ମାସରେ ସର୍ବ ଭାରତୀୟ ୫-ଏ ସାଇଟ୍ ହକି ଜୁନିୟର ବାଳିକା ପ୍ରତିଯୋଗିତା ସଫଳ ହେବା ପରେ ୫-ଏ ସାଇଟ ହକି ଖେଳର ଚାହିଦା ବୃଦ୍ଧି ପାଇଛି। ଏହାକୁ ଉପଲବ୍ଧି କରି ଆନ୍ତ କ୍ଲବ ୫-ଏ ସାଇଟ ହକି ଜୁନିୟର ବାଳକ ଲିଗ୍ ପ୍ରତିଯୋଗିତା କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ଆଗେଇ ଆସିଛି। ଆଗାମୀ ଦିନରେ ୫ଏ ସାଇଟ୍ ହକି ଚାହିଦା ଓଡିଶାରେ ବଢିବ। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି କେବଳ ଏହି ଖେଳ ଗୁଡିକ ଅପରାହ୍ନ ୪-୩୦ ରୁ ସନ୍ଧ୍ୟା ୬ଟା ମଧ୍ୟରେ ସର୍ବ ଭାରତୀୟ ହକି ନିୟମ ଅନୁସାରେ ଅନୁଷ୍ଠିତ ହେବ। ପୂର୍ବତନ ଭାରତୀୟ ମହିଳା ଦଳର କ୍ୟାପଟେନ୍ ଓ ବର୍ତ୍ତମାନ ଭାରତୀୟ ମହିଳା ଦଳର ଚୟନକର୍ତ୍ତା ସୁଭଦ୍ରା ପ୍ରଧାନ ଏହାର ଉପଦେଷ୍ଟା ରହିଛନ୍ତି।

ଇଚ୍ଛୁକ ସ୍କୁଲର ପ୍ରଧାନ ଶିକ୍ଷକ ଓ କ୍ଲବ ମାନେ କେ.ବିଜେ ସ୍କୁଲ ଲଇକେରା ର ଖେଳ ଶିକ୍ଷକ ଜିତେନ୍ଦ୍ର କୁମାର ମହନ୍ତ ଙ୍କ ମୋବାଇଲ ନମ୍ବର ୮୮୯୫୪୮୯୬୨୧, ସୁଶାନ୍ତ କୁମାର ବେହେରା ଙ୍କ ୯୦୪୦୦୦୦୯୨୯ ଓ ସୁଜିତ ଲାକ୍ରାରେ ୮୦୧୮୬୩୭୪୧୭ ରେ ଯୋଗାଯୋଗ କରି ପାରିବେ ବୋଲି ହକି ଆସୋସିଏସନ ଓଡିଶାର ଉପ-ସଭାପତି ଜୀବନ ମହାନ୍ତି ଜଣାଇଛନ୍ତି।

# ସମ୍ବଲପୁର ଚିଡ଼ିଆଖାନାରେ ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ସମ୍ବଲପୁର,(ସବ୍ୟୁ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସହରର ବୁଢ଼ୀହିଲ୍ ସ୍ଥିତ ସମ୍ବଲପୁର ଚିଡିଆଖାନାର ପଶୁପକ୍ଷୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗ୍ରୀଷ୍ମ ଦାଉରୁ ପଶୁପକ୍ଷୀମାନଙ୍କୁ ସୁରକ୍ଷା , ସେମାନଙ୍କ ସ୍ୱାସ୍ଥ୍ୟ ଓ ଆରାମକୁ ନଜରରେ ରଖି ଥଣ୍ଡା ପରିବେଶ ପାଇଁ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ପଶୁପକ୍ଷୀ ରହୁଥିବା ଖୁଆଡର ଛାତ ଓ କାନ୍ଥରେ ନଡା, ବାଉଁଶ ଆସ୍ତରଣ ଆଦି ଦିଆଯାଇଛି । ଏମାନଙ୍କୁ ଶୀତଳତା ଅନୁଭବ ପ୍ରଦାନ କରିବା ପାଇଁ ବିଭିନ୍ନ ଏନ୍‌କ୍ଲୋଜରରେ ଜଳ ସିଞ୍ଚନ, ଏୟାର କୁଲର ସହ ଖରାଦିନିଆ ଖାଦ୍ୟ ପରିବେଷଣ କରାଯାଉଛି । ସମସ୍ତ ଖୁଆଡରେ ବଡବଡ ଜଳକୁଣ୍ଡ ବ୍ୟବସ୍ଥା କରାଯାଇଛି । ସେଥିରେ ପାଣି ରଖାଯାଉଛି । ଚିତାବାଘ, ଭାଲୁ ଏବଂ ଅନ୍ୟ ଭାଲୁ ପ୍ରଜାତିର ଜନ୍ତୁଙ୍କ ପାଇଁ ଏୟାର କଣ୍ଡିସନ୍‌ର ବ୍ୟବସ୍ଥା କରାଯାଇଛି । ଚିତାବାଘ ଓ ଭାଲୁମାନଙ୍କ ପାଇଁ ବରଫ ଖଣ୍ଡମାନ



ରଖାଯାଇଛି । ପଶୁପକ୍ଷୀଙ୍କ ପିଇବା ପାଇଁ ସ୍ୱତନ୍ତ୍ର ପାଣିର ବ୍ୟବସ୍ଥା କରାଯାଇଛି । ପିଇବା ପାଣିରେ ସ୍ୱତନ୍ତ୍ର ମେଡିସିନ ମିଶ୍ରଣ କରାଯାଉଛି । ଏଥିସହ ଖାଦ୍ୟପେୟରେ ମଧ୍ୟ କିଛିଟା ପରିବର୍ତ୍ତନ କରାଯାଇଛି । ଜୁନ୍ ମାସ ଶେଷ ପର୍ଯ୍ୟନ୍ତ ତୃଣଭୋଜି ପ୍ରଶରୀଙ୍କୁ ତରଭୁଜ, କାକୁଡି, ଆଖୁରସ ପ୍ରତ୍ୟେକ ଦିନ ଦିଆଯାଉଛି । ଯେପରିକି ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ସ୍ୱତନ୍ତ୍ର ପଶୁ ଚିକିତ୍ସକଙ୍କ ନିରୀକ୍ଷଣରେ ପଶୁପକ୍ଷୀ ରହୁଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଚିଡିଆଖାନାରେ କେବଳ ହରିଣ ରହୁଥିଲେ । ବର୍ତ୍ତମାନ ଏକାଧିକ ପ୍ରଜାତିର ଜୀବଜନ୍ତୁ ରହୁଛନ୍ତି । ୧୨ ହେକ୍ଟରରୁ ଊର୍ଦ୍ଧ୍ୱ ପରିମିତ ଜମିରେ ଥିବା ଏହି ଚିଡିଆଖାନାରେ ୨୬ଟି ଏନ୍‌କ୍ଲୋଜର ରହିଛି । ଏଠାରେ ୧୭ଟି ପ୍ରଜାତିର ୩୫୦ରୁ ଊର୍ଦ୍ଧ୍ୱ ପଶୁପକ୍ଷୀ ଅଛନ୍ତି । ରାତ୍ରୀଚର ପ୍ରାଣୀଙ୍କ ପାଇଁ ନକ୍ଟରନାଲ ହାଉସ ଓ ବାଘ ଖୁଆଡରେ ଗ୍ଲାସ ଏନ୍‌କ୍ଲୋଜର ତିଆରି ହୋଇଛି ।

ଅନ୍ୟ ପକ୍ଷରେ ଏହି ଚିଡ଼ିଆଖାନାରେ ବିଭିନ୍ନ ସୌନ୍ଦର୍ଯ୍ୟୀକରଣ ଓ ଭିତ୍ତିଭୂମି ବିକାଶ ଯୋଗୁଁ ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏଠାକୁ ୨୦୨୩-୨୪ରେ ୨ଲକ୍ଷ୧୦ହଜାର ପର୍ଯ୍ୟଟକ ଆସିଥିଲେ । ମୋଟ ୨୧ଲକ୍ଷ ୩୮ହଜାର ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା । ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ୨ଲକ୍ଷ୫୦ହଜାର ପର୍ଯ୍ୟଟକ ଆସିଥିଲେ । ତେବେ ୨୫ଲକ୍ଷ୩୦ହଜାର ଟଙ୍କା ରୋଜଗାର ହୋଇଥିବା ହୀରାକୁଦ ଡିଏଫଓ ଅଂଶୁପ୍ରଜ୍ଞା ଦାଶ ସୂଚନା ଦେଇଛନ୍ତି ।

# ଯଦି ଆବଶ୍ୟକ ପଡ଼େ, ଆମେ ଅସ୍ତ୍ର ଉଠାଇବୁ: ହିନ୍ଦୁ ଏକତା ମଞ୍ଚ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଧରମବନ୍ଧା ପଞ୍ଚାୟତ ଠାରେ ହିନ୍ଦୁ ଏକତା ମଞ୍ଚର ଡାକରାରେ ବିକ୍ଷୋଭ ପ୍ରଦର୍ଶନ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତ ୨୨ ଏପ୍ରିଲ ଦିନ ଜାମ୍ମୁ କାଶ୍ମୀରର ପହଲଗାମରେ ହୋଇଥିବା ୨୭ ଜଣ ପର୍ଯ୍ୟଟକଙ୍କୁ ହତ୍ୟା ବିରୁଦ୍ଧରେ ଏକ ରାଲି କରିଥିଲେ । ରାଲି ନେହେରୁ ଛକ ଦେଇ ବସ୍ତି ପରିକ୍ରମା କରି ଧରମବନ୍ଧା ଥାନାକୁ ଯାଇଥିଲା । ପୋଲିସ ଥାନା ଇନଚାର୍ଜ ଟଙ୍କଗିରି ଭୋଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହା ସହିତ, ଉକ୍ତ ପ୍ରତିବାଦ ସଭାରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ସଞ୍ଚାଳକ ଉଦୟ ସିଂହ ମାଝୀ, ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ଭାନୁ ପ୍ରତାପ ଦଣ୍ଡସେନା, ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ବିଶିଷ୍ଟ



ସାମାଜିକ କର୍ମୀ ଓମ୍ ପ୍ରକାଶ କଲାର, ଗାୟତ୍ରୀ ପ୍ରଜ୍ଞା ପୀଠର ଗ୍ରାମ ହୋମଲାଲ ପଟେଲ ପ୍ରମୁଖ ସାମିଲ ଥିଲେ । ଶୋଭାଯାତ୍ରାରେ ନଳିନୀ ମାଝୀ, ରାଜେଶ୍ୱରୀ ଠାକୁର, କମଲ ସିଂ ଠାକୁର, ନରେନ୍ଦ୍ର ସାହୁ, ସୁମେଶ ଦେବାଙ୍ଗନ, ସତୀଶ ଜୈନ, ରମେଶ ଜୈନ, ଖେଲେଶ୍ୱର ଦଣ୍ଡସେନା, ପୁଷ୍କର ନାଥ କଲାର, ଭୋଲାରାମ ଦଣ୍ଡସେନା, ବସନ୍ତ ଯାଦବ, ଭୋଜରାଜ କଲାର, ହୋମଲାଲ ପାଣ୍ଡେ, ବିଶ୍ୱବିଜୟ ପଟେଲ, ହୁମନ୍ ଯାଦ, ଦୀନେଶ ଜୈନ, ଧର୍ମେନ୍ଦ୍ର ଜୈନ, ଦେବେନ୍ଦ୍ର ତିୱାରୀ, ଅଙ୍କିତ ଜୈନ, ସୁରେନ୍ଦ୍ର ତିୱାରୀ, ନୁନ୍ କରଣ ଜୈନ, ଗଣେଶ ସାହୁ, ଆଶା ରାମ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

# ପାରଳା ମହାରାଜାଙ୍କ ଜୟନ୍ତୀ ପାଳିତ

କୋରାପୁଟ,(ସବ୍ୟୁ): କୋରାପୁଟ ସଦର ମହକୁମାଠାରେ ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାଶିଷ ଗୌଡ଼, ଅଧ୍ୟାପକ ରବି ଶତପଥି, ସମାଜସେବୀ ରୂପକ ତୁରୁକ,କାମାକ୍ଷା ପ୍ରସାଦ ମାଝୀ, ଲଳିତ ମୋହନ ପଟ୍ଟନାୟକ, ସିଦ୍ଧାର୍ଥ ପଟ୍ଟନାୟକ,ସାମ୍ବାଦିକ ତ୍ରିଲୋଚନ ମହାରଣା, ଅରୁଣ କୁମାର ଦାଶ,ଦେବଶ୍ରିତ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ଓଡିଶାକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶରେ ସାମିଲ କରିବା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଉପସ୍ଥିତ ବକ୍ତା ମାନେ ମତପ୍ରକାଶ କରିଥିଲେ। ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସତ୍ୟ ନାରାୟଣ ପ୍ରଧାନ, ସନ୍ତୋଷ କୁମାର ସେଠୀ ଏବଂ ଏ.କେ.ବେହେରା ଯୋଗଦେଇ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

ଭବାନୀପାଟଣା,(ସବ୍ୟୁ): ରାଜ୍ୟସ୍ତରୀୟ ବିଶ୍ୱ ମେଲେରିଆ ଦିବସ ୨୦୨୫ ଭବାନିପାଟଣା ସ୍ଥିତ ଟାଉନ୍ ହଲ୍ ଠାରେ ଓଡ଼ିଶା ରାଜ୍ୟ ଜନ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ଼ା. ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ରେ ଆଭାସୀ ମାଧ୍ୟମରେ ଯୋଡିହୋଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟରେ ସଂପୂର୍ଣ୍ଣ ଭାବେ ମ୍ୟାଲେରିଆ ନିରାକରଣ କିପରି କରାଯିବ ସେ ଦିଗରେ ମତ ରଖିଥିଲେ । ବିଶେଷ କରି ମ୍ୟାଲେରିଆ ପ୍ରବଣ ଜିଲ୍ଲା କଳାହାଣ୍ଡି,ରାୟଗଡା, କୋରାପୁଟ, ମାଲକାନଗିରି, ବୌଦ ଇତ୍ୟାଦି ଜିଲାରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇ ଏହାର ସମ୍ପୂର୍ଣ୍ଣ ନିରାକରଣ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ,ସାଂସଦଙ୍କ ପ୍ରତିନିଧି ଭାବେନ୍ଦ୍ର ପଣ୍ଡା, ବିଧାୟକ ସଦରଙ୍କ ପ୍ରତିନିଧି ଧନୁର୍ଜ୍ୟ ଗହିର, ଓଡ଼ିଶା ରାଜ୍ୟ ଭେକ୍ଟର ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅତିରିକ୍ତ ନିର୍ଦ୍ଦେଶକ ଡ଼ା. ପ୍ରଭାକର ସାହୁ, ଡ଼ା. ଅମରେନ୍ଦ୍ର ମହାନ୍ତି ନିର୍ଦ୍ଦେଶକ ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ସୂଚନା ପ୍ରତିଷ୍ଠାନ ଓଡ଼ିଶା ,ମୁଖ୍ୟ ବକ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ମିନତୀ ଲତା ଦାସ, ଡ଼ା. ରଞ୍ଜନ ମିଶ୍ର ଅତିରିକ୍ତ ଜିଲ୍ଲା ଜାତୀୟ ଭେକ୍ଟର ଭାରତ ରିଗ ନିୟନ୍ତ୍ରଣ ଶାଖା କଳାହାଣ୍ଡି, ଡ଼ା. ରାକେଶ କୁମାର ସାହୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼ା. ଦେବୀ ପ୍ରସାଦ ମହାପାତ୍ର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ, ଡ଼ା. ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ବିଭାଗ, ଡ଼ା. ଲୋମପାଦ ନାୟକ ବିଭାଗୀୟ ମୁଖ୍ୟ ଏସ.ପି.ଏମ. ରେଣ୍ଡୋ ମାଝୀ ଭେଜକ ମହାବିଦ୍ୟାଳୟ ଏବଂ ହସ୍ପିଟାଲ କଳାହାଣ୍ଡିର ସମସ୍ତ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀ, ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀମାନେ, ଅଶାକର୍ମୀ, ସହଯୋଗ କରିଥିଲେ । ଅତିଥିମାନେ କଳାହାଣ୍ଡି ଜିଲ୍ଲାରୁ ମ୍ୟାଲେରିଆ ରୋଗକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ସହିତ ଓଡ଼ିଶାକୁ ମ୍ୟାଲେରିଆ ମୁକ୍ତ ରାଜ୍ୟ ଭାବରେ ଗଢ଼ିବା ପାଇଁ ପ୍ରତ୍ୟେକ ଜ୍ୱର ରୋଗୀଙ୍କ ରକ୍ତ ପରୀକ୍ଷା ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ଜନସଚେତନତା ସୃଷ୍ଟି କରିବା ନିଜ ନିଜ ପରିବେଶକୁ ମ୍ୟାଲେରିଆ ମୁକ୍ତ ରଖିବା ସହ ଶୋଇବା ସମୟରେ ନିୟମିତ ମଶାରୀ ବ୍ୟବହାର କରିବା ଦିଗରେ କାର୍ଯ୍ୟ କଲେ ସଫଳ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀ ଙ୍କ ଫଟୋଚିତ୍ର ପୂଜାର୍ଚ୍ଚନା, ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ସହ ଓଡିଶା ସରକାରଙ୍କ ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଡ଼.ମୁକେଶ ମହଲିଙ୍ଗଙ୍କ ଆଭାସି ଉଦଘାଟନୀ ମାଧ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ କରଯାଇଥିଲା ।

# ଚିକିତ୍ସାଧୀନ ଅବସ୍ଥାରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ
# ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ନାହୁପଲା ପଞ୍ଚାୟତ କନ୍ଦ୍ରାଭଟା ଗାଁର ସୁରେଶ ପାତ୍ରଙ୍କ ଝିଅ ସପ୍ନା ପାତ୍ର (୧୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବଲାଙ୍ଗିର ଜିଲ୍ଲା ଭୀମଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାରେ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତା ଜଣକ ଖପ୍ରାଖୋଲ କେ ଜି ବି ଭି ର ଅଷ୍ଟମ ଶ୍ରେଣୀ ଛାତ୍ରୀ ଥିଲେ। କେଜିବିଭି ହଷ୍ଟେଲରେ ଅବହେଳା ପାଇଁ ଝିଆରୀର ମୃତ୍ୟୁ ହୋଇଥିବା ମୃତ ଛାତ୍ରୀଙ୍କ କାକା ଖଗେଶ୍ୱର ପାତ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ଠାରେ ଅଭିଯୋଗ କରିଛନ୍ତି। ସୁଚନା ଅନୁସାରେ ଛାତ୍ରୀ ଜଣକ କେଜିବିଭି ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ଜ୍ୱର ହେବାରୁ ହଷ୍ଟେଲ କତୃପକ୍ଷ ଜ୍ୱର ବଟିକା ଦେଇଥିଲେ । ପରେ ତାଙ୍କ ବାପା ଘରକୁ ନେଇ ଚିକିତ୍ସା କରାଇଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟ ହୋଇଥିବା ଜଣାଯାଇଛି। ଏନେଇ କେଜିବିଭି ହଷ୍ଟେଲ ଓ୍ୱାଡେନ ଅନିତା ମହାପାତ୍ରଙ୍କୁ ପଚାରିବାରୁ ଛାତ୍ରୀକୁ ପ୍ରଥମେ ଜ୍ୱର ହୋଇଥିଲା । ତାକୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଜ୍ୱର ବଟିକା ଦିଆଯାଇଥିଲା। ସପ୍ତାହେ ତଳେ ତାଙ୍କ ।ପା ଆସି ଝିଅକୁ ଘରକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ୍ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଛୁ। ଛାତ୍ରୀଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ୨୯ରେ ଭଗବାନ ପର୍ଶୁରାମ ଜନ୍ମୋତ୍ସବ
# ଶୋଭାଯାତ୍ରାରେ ଯୋଗଦେବେ ଶତାଧିକ ସଂଗଠନ

ବଲାଙ୍ଗିର,(ସବ୍ୟୁ): ଅପ୍ରେଲ ୨୯ ତାରିଖରେ ଭଗବାନ ପର୍ଶୁରାମଙ୍କ ଜନୋତ୍ସବ ପାଳିତ ହେବ । ଏହି ଦିନ ସକାଳୁ ନରସିଂହ ମନ୍ଦିରଠାରେ ପୂଜା ଓ ଯଜ୍ଞର ଆୟୋଜନ କରାଯିବ। ସହିତ ସଂଧ୍ୟାରେ ଜିଲ୍ଲା ବ୍ରାହ୍ମଣ ମହାସଂଘ ଓ ପର୍ଶୁରାମ ଜନ୍ମୋତ୍ସବ ପାଳନ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରାଯିବାକୁ ସ୍ଥିର ହୋଇଛି ।

ଶୋଭାଯାତ୍ରାରେ ସହରର ଶତାଧିକ ସଂଗଠନ ସାମିଲ ହେବେ ବୋଲି ସ୍ଥାନୀୟ ନରସିଂହ ମନ୍ଦିରଠାରେ ଆୟୋଜକ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଶୋଭାଯାତ୍ରା ୨୯ ତାରିଖ ସଂଧ୍ୟାରେ ନରସିଂହମନ୍ଦିର ଠାରୁ ବାହାରି ସହର ପରିକ୍ରମା କରିବ। ଆୟୋଜକ କମିଟିର ଆବାହକ ସୁଧିର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପର୍ଶୁରାମବାହିନୀର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ଆଚାର୍ଯ୍ୟ,ବଲାଙ୍ଗିର ବ୍ରାହ୍ମଣ ମହାସଂଘର ସଭାପତି ଜୟରାମ ମିଶ୍ର ଓ ଶିବଶଙ୍କର ଖ୍ୱାସ ଯୋଗଦେଇ ପର୍ଶୁରାମ ଜନ୍ମୋତ୍ସବ ପାଳନ ଉପରେ ସୂଚନା ଦେଇଥିଲେ । ନରେନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଥିଲେ ଯେ ଭଗବାନ ବିଷ୍ଣୁଙ୍କର ଷଷ୍ଠ ଅବତାର ଭାବରେ ଭଗବାନ ପର୍ଶୁରାମ ଜନ୍ମନେଇ ସହସ୍ରବାହୁ ଭଳି ଦୁରାଚାରୀଙ୍କୁ ଦମନ କରିଥିଲେ । ମହାଦେବଙ୍କ ପର୍ଶୁପ୍ରାପ୍ତ ହୋଇ ମହାବଳି ହୋଇପାରିଥିବା ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବକୁ ଧୁମଧାମରେ ପାଳନ କରାଯିବାକୁ ସ୍ଥିର କରାଯାଇଛି ।ସେଥିପାଇଁ ସବୁବର୍ଗର ସଂଗଠନମାନେ ସାମିଲ ହେବାକୁ ଅନୁରୋଧ କରାଯାଇଛି । ସମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣ ମହାସଂଘର ସୁଧିର ତ୍ରିପାଠୀ, କିଶୋର ପୁରୋହିତ, ପର୍ଶୁରାମ ନାୟକ, ଶିବନାରାୟଣ ରଥ, ସୁଭାଷ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

# ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ନର୍ଲା, (ସବ୍ୟୁ): ଜାମ୍ମୁ-କାଶ୍ମିର ରାଜ୍ୟ ଅନନ୍ତନାଗ ଜିଲ୍ଲାର ପହଲଗାମରେ ୨୮ ଜଣ ପର୍ଯ୍ୟଟକଙ୍କୁ ଯେଉଁ ଭଳି ଭାବେ ଆତଙ୍କବାଦୀ ମାନେ ବର୍ବୋରଚିତ ଭାବେ ଗୁଳି କରି ହତ୍ୟା କରିଛନ୍ତି। ସେହି ଲୋମହର୍ଷଣକାରୀ ଘଟଣାକୁ ନେଇ ସାରା ଦେଶରେ ବିରୋଧ କରାଯାଉଛି । ଏହାକୁ ନେଇ ନର୍ଲା ହିନ୍ଦୁ ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ୟଶ୍ୟରେ ଏକ ଦାବିପତ୍ର ନର୍ଲା ବିଡ଼ିଓଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ନର୍ଲା ଚାରି ଛକରୁ ଏକ ବାଇକ ଶୋଭାଯାତ୍ରାରେ ଆସି ପାକିସ୍ଥାନ ବିରୋଧୀ ମୁର୍ଦ୍ଦାବାଦ ନାରାଦେଇ ନର୍ଲା ବ୍ଲକ ପରିସରରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ସାଧାରଣ ଲୋକଙ୍କୁ ଆତଙ୍କବାଦୀର ବର୍ବୋରଚିତ ଆକ୍ରମଣ ବିରୋଧରେ ସଚେତନ କରାଇ ଭାରତ ଏକ ଶାନ୍ତିପୂର୍ଣ୍ଣ ଦେଶ ବୋଲି କହିଥିଲେ । ନର୍ଲା ହିନ୍ଦୁ ସମାଜ ପକ୍ଷରୁ ଅଜୟ ନାଏକ, ବଦ୍ରି ପ୍ରସାଦ ମିଶ୍ର,ସୁଧୀର ଧଙ୍ଗଡ଼ାମାଝୀ, ମନ୍ମୟ ଚାନ୍ଦ, ସମୀର ନାଏକ, ବୁଦ୍ଧ ନାଏକ, ଇନ୍ଦ୍ର ମାଝୀ, ନୀଳକଣ୍ଠ ବେହେରା,ତ୍ରିଥ ବାସୀ ବୁଦ୍ଧିଆ ସହ ହିନ୍ଦୁ ସମାଜର ବହୁ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ ।

## ଦେବଗଡ ସେବା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଦେବଗଡ,(ସବ୍ୟୁ): ଗତ ଅପ୍ରିଲ ୨୨ ତାରିଖ ପହେଲଗାଓଁ ଠାରେ ଆତଙ୍କବାଦୀ ମାନଙ୍କ ବର୍ବରୋଚିତ ଗୁଳିକାଣ୍ଡ ଯୋଗୁଁ ଭାରତର ବିଭିନ୍ନ ଅଞ୍ଚଳର ବହୁ ନିରିହ ପର୍ଯ୍ୟଟକ ପ୍ରାଣ ହରାଇଥିଲେ । ଉକ୍ତ ଘଟଣାକୁ ଦେବଗଡ ସେବା ସଂଘ ଦୃଢ଼ ନିନ୍ଦା କରିବା ସହ ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛି। ମୃତକଙ୍କ ଆତ୍ମାଙ୍କ ସଦଗତୀ ନିମନ୍ତେ ଶୁକ୍ରବାର ଦେବଗଡ ସେବା ସଂଘ ପକ୍ଷରୁ ସ୍ଥାନୀୟ ସଭାଗୋଲି ଛକରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା । ଦେବଗଡ ସେବା ସଂଘ ସମ୍ପାଦକ ଉମା ଶଙ୍କର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ପୌର ପରିଷଦ ଭାରପ୍ରାପ୍ତ ନଗରପାଳ ପ୍ରଜିତ କୁମାର ଭୋଜ, ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ର, ଅନୁଜ କୁମାର ପ୍ରଧାନ, ପୁର୍ବତନ ତହସିଲଦାର ଧରଣୀଧର ନାଏକ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର, ପୁର୍ବତନ କାଉନସିଲର ସୁଶିଲ କୁମାର ନାୟକ , ପୁର୍ବତନ ସମବାୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ , ବରିଷ୍ଠ ଆଇନଜୀବୀ ବିକାଶ ପ୍ରଧାନ, ସୁରେନ ନାଏକ, ଲିଙ୍ଗରାଜ ବିଶ୍ୱାଳଙ୍କ ସମେତ ବହୁ ବୁଦ୍ଧିଜୀବୀ, ସମାଜସେବୀତଥା ଦେବଗଡ ସେବା ସଂଘର ବହୁ ସକ୍ରୀୟ ସଦସ୍ୟ ଉପସ୍ଥିତ ଥିଲେ।

# ପଞ୍ଚାୟତିରାଜ ଦିବସରେ ସରପଞ୍ଚ ବୀରବର ସମ୍ବର୍ଦ୍ଧିତ

ଟିଟିଲାଗଡ଼, (ସବ୍ୟୁ): ଟିଟିଲାଗଡ଼ ଉପଖଣ୍ଡ ସିହିନୀ ସରପଞ୍ଚ ତଥା ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବିରବର ସାହୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି । ପୁର୍ବରୁ ସରପଞ୍ଚ ଶ୍ରୀ ସାହୁ ଦୁଇ ଦୁଇ ଥର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଶ୍ରେଷ୍ଠ ସରପଞ୍ଚ ଭାବରେ ପୁରସ୍କୃତ ସହ ନିଜ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ଆଣି ପାରିଛନ୍ତି ।

ଜାତୀୟ ସ୍ତରରେ ଅନୁଷ୍ଠିତ ପଞ୍ଚାୟତି ଦିବସ ଅବସରରେ ବଲାଙ୍ଗିର ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସମାରୋହରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ, ବଲାଙ୍ଗିର ଜିଲାପାଳ ଶିବାଜୀ ଗୌରବ ଇସଲୱାର ଏବଂ ଜିଲା ପରିଷଦ ସିଇଓ ପ୍ରଭାତ ମହାପାତ୍ରଙ୍କ ଉପସ୍ଥିତିରେ ସରପଞ୍ଚ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସିହିନୀ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ୫ ଲକ୍ଷ ୭୯ ହଜାର ୭୧୦ ଟଙ୍କାର ପ୍ରୋତ୍ସାହନ ରାଶି ମନ୍ତ୍ରୀ ପ୍ରଦାନ କରିଥିଲେ ।

# ଗଞ୍ଜେଇ ଜବତ, ଜଣେ ଗିରଫ

ସିନାପାଲି,(ସବ୍ୟୁ): ନୂଆପଡା ଜିଲ୍ଲା ସିନାପାଲି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୧୦ କେଜି ଗଞ୍ଜେଇ ଜବତ କରି ଜଣକୁ ଗିରଫ କରିଛନ୍ତି। ସୂଚନା ଯୋଗ୍ୟ ଯେ ସିନାପାଲି ଅବକାରୀ ବିଭଗ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଥାନା ଅଧିକାରୀ ସିଦ୍ଧାନ୍ତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଗଣ୍ଡାବାହାଲି ରାସ୍ତା ରେ ୧୦ କେଜି ଗଞ୍ଜେଇ ସହ କାପସୀ ଗ୍ରାମର ସୁରେଶ କୋକ (୩୭)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନା ମଞ୍ଜୁର ହେବାରୁ ବିଭାଗୀୟ ଜେଲ ହାଜତକୁ ପଠାଯାଇଛି । ଏହି ଚଢ଼ାଉରେ ସିନାପାଲି ଅବକାରୀ ବିଭଗ ସିଦ୍ଧାନ୍ତ ପାତ୍ରଙ୍କ ସମେତ ଏଏସଆଇ ସୁନା ମାଝୀ. କନେଷ୍ଟବଳ ମଳୟ ମହାଲିଙ୍ଗ, ରିତାଞ୍ଜଳୀ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ଆଉ ଶୋଷଣର ଶିକାର ହେବେନି ମହୁଲ ଗୋଟାଳି
# ପରିଶ୍ରମର ଉଚିତ୍ ମୂଲ୍ୟ ମିଳିବ- ଜିଲ୍ଲାପାଳ

ନୂଆପଡା, (ସବ୍ୟୁ): ଜିଲ୍ଲାରେ ମହୁଲ ଫୁଲର ଉଚିତ୍ ମୂଲ୍ୟରେ କ୍ରୟ ବିକ୍ରୟ ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ବିଭାଗ କର୍ମଚାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ, ଜିଲ୍ଲାର ମହୁଲ କ୍ରେତା ଓ ଗୋଟାଳି ତଥା ବିକ୍ରେତା ମାନେ ଯୋଗଦେଇଥିଲେ । ବହୁ ଦିନରୁ ଅଭିଯୋଗ ହେଉଥିଲା ଏବଂ ଗଣ ମାଧ୍ୟମରେ ପ୍ରସାରିତ ହେଉଥିଲା ଯେ ଜିଲ୍ଲାର ଗରିବ ମହୁଲ ଗୋଟାଳି ତଥା ଆଦିବାସୀ ମାନେ ବହୁ ପରିଶ୍ରମ କରି ମହୁଲ ଫୁଲ ସଂଗ୍ରହ କରୁଥିଲେ ମଧ୍ୟ ତାର ଉଚିତ ମୂଲ୍ୟ ପାଇପାରୁ ନାହାନ୍ତି ।

ବ୍ୟବସାୟୀ ଏବଂ ମଧ୍ୟସ୍ଥି ମାନେ ବହୁ କମ୍ ଦାମରେ ଏହାକୁ କିଣି ଅନେକ ଲାଭ କରୁଥିଲା ବେଳେ ଗରିବ ଗୋଟାଳି ମାନେ ଏହାର ପରିଶ୍ରମ ମୂଲ୍ୟବି ପାଉ ନାହାଁନ୍ତି । ଏହି ସମସ୍ୟାକୁ ଜିଲ୍ଲାପାଳ ଗମ୍ଭୀରତାର ସହ ଗ୍ରହଣ କରି ବୈଠକ ଆୟୋଜନ କରିବା ପାଇଁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ଗରିବ ଚାଷୀ ଆଦିବାସୀ ବହୁ କଷ୍ଟରେ ସମଗ୍ର ପରିବାର ନିୟୋଜିତ ହୋଇ ମହୁଲ ସଂଗ୍ରହ କରୁଛନ୍ତି। କେତେବେଳେ ସେମାନେ ଭାଲୁର ଶିକାର ହେଉଛନ୍ତି ତ କେତେବେଳେ ଅଂଶୁଘାତର। ସେମାନେ ଏହାର ଉଚିତ୍ ମୂଲ୍ୟ ପାଇବା ଅତ୍ୟନ୍ତ ଆବଶ୍ୟକ। ବ୍ୟବସାୟୀ ମାନେ କମ୍ ଦାମରେ ଏହାକୁ କିଣି ଲାଭ ପାଉଛନ୍ତି କିନ୍ତୁ ଜିଲ୍ଲା ପ୍ରଶାସନ ବଦନାମ ହେଉଛି । ଏଭଳି ଆଉ ଚଳିବ ନାହିଁ। ମହୁଲ ଫୁଲର କେଜି ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୪୭ ଟଙ୍କା ରହିବ । ଏଥିରୁ କମ୍ ମୂଲ୍ୟରେ ବେପାରୀ କିଣିଲେ ସେମାନଙ୍କ ଲାଇସେନ୍ସ ରଦ୍ଦ ହେବ । ପ୍ରତିଦିନ ମହୁଲ କ୍ରୟ ବିକ୍ରୟ ସମ୍ବନ୍ଧୀୟ ରିପୋର୍ଟ ଜିଲ୍ଲାପାଳଙ୍କୁ ଅବକାରୀ ବିଭାଗ ପ୍ରଦାନ କରିବେ। ଜିଲ୍ଲାପାଳଙ୍କ ଏହି ସମୟୋଚିତ ପଦକ୍ଷେପ ଜିଲ୍ଲାର ହଜାର ହଜାର ମହୁଲ ଗୋଟାଳି ମାନଙ୍କୁ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ସ୍ୱଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ବାର୍ଷିକ ସଭା

ପଦ୍ମପୁର, (ସବ୍ୟୁ): ବରଗଡ ଜିଲ୍ଲା ପଦ୍ମପୁର ସହରର କୁସୁନାପାଲି ଠାରେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ରାଜବୋଡାସମ୍ବର ବ୍ଲକ ସ୍ତରୀୟ ବାର୍ଷୀକ ସଭା ତଥା ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଲାଟ ସଭାପତି ହୃଷିକେଶ ବରିହା, ଯୁବସଂଗଠନ ଭୋଜରାଜ ସିଂ ବରିହା ଯୋଗଦେଇ ବିଂଝାଲ ସମାଜର ଅଗ୍ରଗତି ତଥା ଉନ୍ନତି ବିଷୟରେ ଆଲୋକପାତ କରିଥିଲେ । ଏହା ସହ ସମାଜର ପୁଅ ଝିଅ ମାନେ ଶିକ୍ଷା କ୍ଷେତ୍ରରେ କିଭଳି ଅଗ୍ରଗତି ହେବେ ଏବଂ ସମ୍ପୂର୍ଣ୍ଣ ଯୁବ ସମାଜ ଶିକ୍ଷିତ ହୋଇ ପାରିବେ ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ପରେ ରାଜବୋଡାସମ୍ବର ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ରାଜବୋଡାସମ୍ବର ବ୍ଲକ ସଭାପତି ଭାବରେ କରୁଣାକର ବରିହା, ଉପସଭାପତି ଭାବରେ ଡୋଳାମଣି ବରିହା, ସମ୍ପାଦକ ଭାବରେ ଶତ୍ରୁଘ୍ନ ବରିହା, ସହସମ୍ପାଦକ ଭାବରେ ଖଗେଶ୍ୱର ବରିହା, କୋଷାଧ୍ୟକ୍ଷ ଭାବରେ ମାଧବ ବରିହା ଏବଂ ତୁଳାରାମ ଲୁହାର, ପ୍ରେମାନନ୍ଦ ବରିହା, ଶ୍ୟାମସୁନ୍ଦର ବରିହା ପ୍ରମୁଖ ଯୋନ ସଭାପତି ଭାବରେ ମନୋନୀତ ହୋଇଥିଲେ । ବୈଠକରେ ରାଜବୋଡାସମ୍ବର ବ୍ଲକ ତଥା ଆଖପାଖ ଅଞ୍ଚଳର ଶତାଧିକ ବିଂଝାଲ ସମାଜର ସଦସ୍ୟ ମାନେ ଯୋଗଦେଇଥିଲେ ।

# ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ

ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଠାରେ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ୬୦ତମ ଜିଲ୍ଲା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି । ଷ୍ଟାଡିୟମରେ ମଶାଲ ସ୍ଥାପନ ପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ଏହି ଦୁଇ ଦିବସୀୟ କ୍ରୀଡା ପ୍ରତିଯୋଗିତାକୁ ଉଦ୍ଘାଟିତ କରିଥିଲେ । ମହାନଗର ନିଗମ ଉପ କମିଶନର ସୁଦର୍ଶନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଲୁହାଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଚ୍ଛା ଫିଙ୍ଗା ଆଦି କ୍ରୀଡା ଆୟୋଜିତ ହୋଇଥିଲା । ଜିଲ୍ଲା



କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, କ୍ରୀଡା ସମ୍ପାଦକ ବିକାଶ ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସମେତ ସୁବୋଧ ସାହୁ, ମନୋଜ ଭୋଇ, ଶାନ୍ତନୁ ନନ୍ଦ, ଲକ୍ଷ୍ମୀଚନ୍ଦ୍ର ମହାକୁଡ, କୁନ୍ଦନ ପ୍ରଧାନ, ଜଗବନ୍ଧୁ ବେହେରା, ବିନୋଦ ଟପ୍ପୋ, ବିଶ୍ୱଜିତ୍ ପଣ୍ଡା, ହର୍ଷ ସାହୁ, ରତ୍ନମଣି ସାହୁ ଓ ରାଜା ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲା କ୍ରୀଡା ସଂଘ ସହ ଅନୁବନ୍ଧିତ ଶିକ୍ଷାନୁଷ୍ଠାନ, କ୍ଲବ ଆଦି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ବିଭିନ୍ନ ବର୍ଗରେ ୬୭୦ଜଣ ଅଂଶଗ୍ରହଣ କରିଛନ୍ତି ।

# ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ୧୯୮୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ




ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ୧୯୮୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ପ୍ରାକ୍ତନ ଛାତ୍ର ଭଗବାନ ମହାନ୍ତି ଓ ରାମରତନ ମେହେରଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୁରାତନ ଛାତ୍ର ଧଳା ସାର୍ଟ ପିନ୍ଧି ପରିବାର ସହିତ ଏକତ୍ରିତ ହୋଇଥିଲେ। ବିଦ୍ୟାଳୟର ଋଣ ପ୍ରତିଶୋଧର ପ୍ରତିବଦ୍ଧତା ନେଇ ସମସ୍ତେ ଆଲୋଚନା କରିଥିଲେ। ଏହି ଅବସରରେ ୧୯୮୩ ମାଟ୍ରିକ ବ୍ୟାଚର ଛାତ୍ରମାନେ ବର୍ତ୍ତମାନର ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପାତ୍ର ଓ ଅନ୍ୟ ଶିକ୍ଷକ,କର୍ମଚାରୀଙ୍କ ଉପସ୍ଥିତରେ ଗୋଟିଏ କମ୍ପ୍ୟୁଟର,ଗୋଟିଏ ସାଉଣ୍ଡ ସିଷ୍ଟମ,୪ଟି ଚେୟାର, ୭ଟି ଗଡ଼ରେଜ୍ ଭଳି ହାରାହାରି ୧ ଲକ୍ଷ ୮୦ ହଜାର ଟଙ୍କାର ଅନୁସାଙ୍ଗିକ ସାମଗ୍ରୀ ବିଦ୍ୟାଳୟକୁ ପ୍ରଦାନ କରିଥିଲେ। ବୈଠକରେ ଛାତ୍ରଜୀବନର ଅଭୁଲା ସ୍ମୃତି ସମସ୍ତଙ୍କୁ ଜୀବନ୍ତ କରିଥିଲା। ପ୍ରତିବର୍ଷ ବନ୍ଧୁ ମିଳନରେ ନିଜ ନିଜର ପରିବାର ସହିତ ଆଲୋଚନା ହୋଇ ଏକ ନିଆରା ଢଙ୍ଗରେ ଏହାକୁ ପାଳନ କରାଯାଇଥାଏ। ଏହି ଅବସରରେ ଶନିବାର ମଧ୍ୟ ଛାତ୍ର ରାମରତନ ମେହେରଙ୍କ ଜନ୍ମଦିନ ଥିବାରୁ କେକ କାଟି ଜନ୍ମଦିନ ପାଳନ କରି ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାଚର ଛାତ୍ର ତଥା ଏବେ ବିଭିନ୍ନ ପଦପଦବୀରେ ଥିବା ସୂର୍ଯ୍ୟନାରାୟଣ ଦାଶ, ଭଗବତ ପଧାନ,ଧନଞ୍ଜୟ ପଧାନ, ପୀତାମ୍ବର ମେହେର, ଆଦିକନ୍ଦ ଖମାରୀ, କିଶୋର ନାୟକ,ପ୍ରବୀର କମ୍ପ,ବିଭୁତିନନ୍ଦ ଦାସ, ବସନ୍ତ ବାଗ,ଶ୍ରୀପତି ଷାଣ୍ଡ,ବଂଶୀଧର ବାଗ, ସବ୍ୟସାଚୀ ମିଶ୍ର, ସୁଦର୍ଶନ ଲୁହା,ବୃନ୍ଦାବନ ଶତପଥୀଙ୍କ ସହ ହାଇସ୍କୁଲର ଶିକ୍ଷକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡା, ଜିଲ୍ଲା-ଝାରସୁଗୁଡା**

**ନୋଟିସ**

**ମ୍ୟୁଟେସନ୍ ଅପିଲ କେସ ନଂ-୧୧୧/୨୦୧୯**
**ଶ୍ରୀ ଗିରିଧାରୀ ସାହୁ vrs ଶ୍ରୀମତୀ ମମତା ସରକାର**
**ନଂ 221 ତାରିଖ : ୨୨.୦୪.୨୦୨୫**

ମୌଜା : ଝାରସୁଗୁଡା ଟାଉନ ୟୁନିଟ ୦୫ ଥାନା : ଝାରସୁଗୁଡା ଥାନା

**ପ୍ରାପ୍ତେଷୁ,**
ଶ୍ରୀମତୀ ମମତା ସରକାର
ସ୍ୱା- ସୁଜିତ ସରକାର, ବା/ଗ୍ରାମ-ସାରବାହାଲ
ପୋଷ୍ଟ/ଥାନା/ତହସିଲ/ଜିଲ୍ଲା-ଝାରସୁଗୁଡା

ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମ୍ୟୁଟେସନ୍ ଅପିଲ କେସ ନଂ-୧୧୧/୨୦୧୯ ଯାହାକି ମ୍ୟୁଟେସନ୍ କେସ୍ ନଂ-୧୭୪୯/୨୦୦୭ ର ଆଦେଶ ବିରୁଦ୍ଧରେ ଆଗତ କରାଯାଇଅଛି ଏବଂ ଯେଉଁଥିରେ ଆପଣ ଅପରପକ୍ଷରେ ଅଛନ୍ତି, ତାର ଶୁଣାଣି ତା. ୦୬.୦୫.୨୦୨୫ ରିଖ ଘ. ୦୮.୦୦ AM କୁ ଧାର୍ଯ୍ୟ କରାଯାଇଅଛି ।

ତେଣୁ ଆପଣଙ୍କୁ ମାମଲାର ଶୁଣାଣି ପାଇଁ ପ୍ରାସଙ୍ଗିକ କାଗଜପତ୍ର / ଡକ୍ୟୁମେଣ୍ଟ ସହିତ ଉପରୋକ୍ତ ତାରିଖ ଏବଂ ସମୟରେ ବ୍ୟକ୍ତିଗତ ଭାବରେ କିମ୍ବା ଆପଣଙ୍କ ଓକିଲଙ୍କ ମାଧ୍ୟମରେ ଏହି କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଉଛି, ନଚେତ୍ ଆଇନ ଅନୁଯାୟୀ ମାମଲାର ନିଷ୍ପତ୍ତି ନିଆଯିବ ।

**ସବ୍ୟସାଚୀ ପଣ୍ଡା**
**ଉପଜିଲ୍ଲାପାଳ, ଝାରସୁଗୁଡା**

# ଓଡ଼ିଆ ସାହିତ୍ୟର ଉଜ୍ଜ୍ୱଳ ତାରକା ମନୋଜ ଦାସ



## ଡା. ଅନୀତା ପଣ୍ଡା

ଇତିହାସ, ପୌରାଣିକ ତଥା ଆଧୁନିକ ଜଗତର କାହାଣୀ, ମହାକାବ୍ୟ ଏବଂ ପବିତ୍ର ଗ୍ରନ୍ଥର ଶିକ୍ଷା ପ୍ରାପ୍ତ ହେବାର ମାଧମ ହେଉଛି ସାହିତ୍ୟ । ଯାହାକୁ ନିଜର ସାଧନା ବଳରେ ଭାରତ ଭୂମିରେ ବିସ୍ତୃତ କରିଛନ୍ତି ମନୋଜ ଦାସ । କେବଳ ଭାରତ ବର୍ଷରେ ନୁହନ୍ତି ବା ମାତୃଭାଷାରେ ନୁହନ୍ତି, ସମଗ୍ର ବିଶ୍ୱରେ ସେ କଥାକାର ରୂପେ ପରିଚିତ । ସଂକ୍ଷେପରେ କହିବାକୁ ଗଲେ ପାଠକମାନଙ୍କ ଉପରେ ତାଙ୍କ ଲେଖାର ପ୍ରଭାବ ଅବର୍ଣ୍ଣନୀୟ । ଶ୍ରୀ ଦାସ କହିଥିଲେ, ଗଳ୍ପ ମାଧମରେ ଜଣେ ଲେଖକ ତା'ର ଅନ୍ତର୍ନିହିତ ଚିନ୍ତାଧାରାକୁ ବ୍ୟକ୍ତ କରି ପାରିଥାଏ । ବାସ୍ତବରେ ତାଙ୍କ ଦ୍ୱାରା ଲିଖିତ ଓଡ଼ିଆ ଗଳ୍ପମାନ ଗଳ୍ପ ଚେତନାର ନୂତନ ଦିଗ୍‌ବଳୟକୁ ସ୍ପର୍ଶ କରିଛି ।

ସେଇ ପ୍ରଜ୍ଞାବାନ ମନୋଜ ଦାସଙ୍କର ଜନ୍ମ ଫେବୃଆରୀ ୨୭ ତାରିଖ ୧୯୩୪ ମସିହାରେ ବାଲେଶ୍ୱର ଜିଲ୍ଲାର ଉପକୂଳବର୍ତ୍ତୀ ଭୋଗରାଇ ଉପକଣ୍ଠସ୍ଥ ଶଂଖାରୀ ଗ୍ରାମରେ ହୋଇଥିଲା । ପିଲାଦିନ ଶୈଶବ ତାଙ୍କର ବାଲ୍ୟ କାଳକୁ ସୁଚାରୁ ରୂପେ ପରିପୁଷ୍ଟିତ କରୁଥିଲେ ମଧ ସାଧାରଣ ପିଲାମାନଙ୍କଠାରୁ ସେ ଭିନ୍ନ ଥିଲେ । ସେ ଥିଲେ ସ୍ପଷ୍ଟବାଦୀ । କେଉଁ ବି ବିଷୟଟିଏ ତାଙ୍କ ହୃଦୟ ସ୍ପର୍ଶ କରୁଥିଲା ତ ସେ ତା'ର ପରିପ୍ରକାଶ କରି ଦେଉଥିଲେ । ବାଲ୍ୟ କାଳରୁ ମ୍ୟାଜିକ ଦେଖାଇବା, ଗୀତ ଲେଖି ଗୀତ ଗାଇବା, ହାରମୋନିୟମ ଓ ବଂଶୀ ବାଦନ କରିବା, ହସ୍ତରେଖା ପଠନ କରିବା ଆଦି କର୍ମରେ ସେ ନିଜକୁ ନିଯୁକ୍ତ କରୁଥିଲେ । କୈଶୋର ଅବସ୍ଥାରୁ କମ୍ୟୁନିଜିମ୍ ବାଦରେ ଅଧିକ ନିଷ୍ଠା ରଖିବାଠାରୁ ଆରମ୍ଭ କରି ସାହିତ୍ୟ ପ୍ରତି ଅନୁରକ୍ତି, ପତ୍ରିକା ସଂପାଦନା ତାଙ୍କର କାର୍ଯ୍ୟ କଳାପକୁ ଅଦ୍ୱିତୀୟ ସ୍ଥାନ ଦେଇଥିଲା । ଛାତ୍ର ଜୀବନରେ ସେ ବାମପନ୍ଥୀ ଚିନ୍ତାଧାରା, ବିଶେଷ କରି ଷ୍ଟାଲିନ୍‌ଙ୍କ ଚିନ୍ତାଧାରା ପ୍ରତି ଆକୃଷ୍ଟ ହୋଇଥିଲେ। କିନ୍ତୁ ଯେତେବେଳେ ବାମପନ୍ଥୀ ଚିନ୍ତାଧାରାରୁ ତାଙ୍କର ମୋହ ଭଙ୍ଗ ହେଲା, ସେ ଆଧ୍ୟାତ୍ମିବାଦ ପ୍ରତି ଆକୃଷ୍ଟ ହେଲେ । ପିଲାଦିନୁ ଭିତରେ ଲୁଚି ରହିଥିବା ମାନବବାଦ ତାଙ୍କ ସାହିତ୍ୟର ଅବଲମ୍ବନ ଥିଲା । ତାହା ହିଁ ତାଙ୍କୁ ଆଧ୍ୟାତ୍ମିବାଦ ଆଡ଼କୁ ଆକର୍ଷିତ କରିଥିଲା । ମଣିଷ ଜୀବନକୁ ମନୋଜ ଦାସ ତାଙ୍କ ଦିବ୍ୟ ଚେତନା ଚକ୍ଷୁରେ ଅଧ୍ୟୟନ କରି ସେଥିରୁ ଦୁଃଖ ଦୁର୍ଦ୍ଦଶା ଦୂର କରିବା ପାଇଁ ସେ ବିପ୍ଳବ ପଥର ଅନୁଗାମୀ ହୋଇଥିଲେ । ଓଡ଼ିଆ କଥା ସାହିତ୍ୟର ପ୍ରତୀକ ଏବଂ ଆଧୁନିକ ଓଡ଼ିଆ ଗଳ୍ପର ଜନ୍ମଦାତା ଫକୀର ମୋହନଙ୍କ ଲେଖାଗୁଡ଼ିକ ଦ୍ୱାରା ମନୋଜ ଦାସ ବିଶେଷ ଭାବରେ ପ୍ରଭାବିତ । ଏପରିକି ସେ ତାଙ୍କର ଛାତ୍ରଜୀବନରେ ନିଜର ଅଗ୍ରଜ ଶ୍ରୀ ମନ୍ମଥ ଦାସଙ୍କ ସହ ଯେଉଁ ଆବାସରେ ରହୁଥିଲେ ତାହା ଫକୀରମୋହନଙ୍କର ଥିଲା । ଏହି ବିଷୟରେ ଅବଗତ ହେବା ପରେ ସେ ବହୁ ଭାବପ୍ରବଣ ହୋଇ ଉଠିଥିଲେ ।

ସଂକ୍ଷେପରେ କହିବାକୁ ହେଲେ ୧୯୪୮ ମସିହାରୁ ବିଭିନ୍ନ ପତ୍ରପତ୍ରିକାରେ ସେ ଲେଖାଲେଖି ଆରମ୍ଭ କରିଥିଲେ । ପନ୍ଦର ବର୍ଷ ବୟସରେ ତାଙ୍କର ପ୍ରଥମ କବିତା ସଂକଳନ 'ଶତାବ୍ଦୀର ଆର୍ତ୍ତନାଦ' ଏବଂ ପରେ ପରେ 'ବିପ୍ଳବୀ ଫକୀର ମୋହନ' ପ୍ରକାଶିତ ହୋଇଥିଲା । କୈଶୋର ଜୀବନର ଏତାଦୃଶ କୃତି ତାଙ୍କୁ ସେହି ବର୍ଷ ହିଁ ''ଦିଗନ୍ତ' ପତ୍ରିକାର ଆରମ୍ଭ ଏବଂ ସମ୍ପାଦନା କରିବାର ସାହସ ପ୍ରଦାନ କରିଥିଲା । ୧୯୫୧ ମସିହାରେ ବାଲେଶ୍ୱର ଜିଲ୍ଲା ସ୍କୁଲରୁ ମ୍ୟାଟ୍ରିକ (ଏକାଦଶ ) ପାସ କରି ପ୍ରଥମ ଗଳ୍ପ ସଂକଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ କରିଥିଲେ । ୧୯୫୨-୫୪ ମସିହାରେ ସେ ଉଦୀୟମାନ ଛାତ୍ର ନେତା ରୂପେ ବାଲେଶ୍ୱର ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଏବଂ ରାଜ୍ୟ ଛାତ୍ର ସଂଘର ଉପସଭାପତି ରୂପେ ନିର୍ବାଚିତ ହୋଇଥିଲେ। 'ବାମପନ୍ଥୀ ଚିନ୍ତାଧାରା' ଯୋଗୁ କଟକ ରେଭେନ୍ସା କଲେଜରେ ଅଧ୍ୟୟନରୁ ବଞ୍ଚିତ ହୋଇ ସେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ୧୯୫୩ରେ ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ 'ଜୀବନର ସ୍ୱାଦ' ପ୍ରକାଶିତ ହୋଇଥିଲା । ଏସବୁ ପରେ ମନୋଜ ଦାସ ଇଂରାଜୀ ପତ୍ର ପତ୍ରିକାରେ ଲେଖା ପ୍ରକାଶନର ପ୍ରାରମ୍ଭ ୧୯୫୪ ମସିହାରେ କରିଥିଲେ । ସେହି ସମୟରେ ପ୍ରକାଶିତ ହୋଇଥିଲା ତାଙ୍କର କ୍ଷୁଦ୍ର ଗଳ୍ପ ସଂକଳନ 'ବିଷ କନ୍ୟାର କାହାଣୀ' ଏବଂ କବିତା ସଙ୍କଳନ 'ପଦଧ୍ୱନି' । ୧୯୫୫ରେ କଟକରେ ସେ ଏଲ୍.ଏଲ.ବି ପାଠ୍ୟକ୍ରମରେ ଯୋଗଦାନ କରିଥିଲେ । ତାଙ୍କର ରାଜନୈତିକ ଆନ୍ଦୋଳନ ଏବଂ ଅଗ୍ନିବର୍ଷୀ ଭାଷଣ ପାଇଁ କଟକ ପୋଲିସ ଦ୍ୱାରା ସେ ଗିରଫ ହୋଇଥିଲେ । ଜେଲରୁ ଖଲାସ ହେବା ପରେ ମଧ ସେ ତାଙ୍କର କାର୍ଯ୍ୟକଳାପ ଜାରି ରଖିଥଲେ । ୧୯୫୭ ମସିହାରେ ତାଙ୍କର ତିନିଟି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ, ହେଲା ରେଭେନ୍ସା କଲେଜରେ ଏମ୍. ଏ ପାଠ୍ୟକ୍ରମରେ ପ୍ରବେଶ, ରାଜ୍ୟ ଛାତ୍ର ସଂଘର ସାଧାରଣ ସମ୍ପାଦକ ଏବଂ ତାଙ୍କର ପ୍ରଥମ ଭ୍ରମଣ କାହାଣୀ 'ଇଣ୍ଡୋନେସିଆ ଅନୁଭୂତି'ର ପ୍ରକାଶନ । ପଚିଶ ବର୍ଷ ବୟସରେ ତାଙ୍କର ବିବାହ କୁଜଙ୍ଗ ରାଜ ପରିବାରର କନ୍ୟା 'ପ୍ରତିଜ୍ଞା'ଙ୍କ ସହ ସମ୍ପନ୍ନ ହୋଇଥିଲା ଏବଂ ଶ୍ରୀ ଦାସ ଖ୍ରୀଷ୍ଟ କଲେଜରେ ଇଂରାଜୀ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ । ୧୯୬୩ ମସିହାରେ ଏହି ଦମ୍ପତିଙ୍କ ଉପରେ ଅଚାନକ ଏକ ବଜ୍ରାଘାତ ହୋଇଥିଲା । ତାଙ୍କର କୋମଳ ଶିଶୁ ପୁତ୍ରଟି ସବୁଦିନ ପାଇଁ ଆଖି ବୁଜିଦେଇଥିଲା । ଯାହା ତାଙ୍କର ଗତିପଥରେ ଏକ ବିରାଟ ପରିବର୍ତ୍ତନ ଆଣିଦେଇଥିଲା । ଦୁହେଁ ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଆଶ୍ରମରେ ଯୋଗଦାନ କରି ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପନା କରିଥିଲେ । ତାହାରି ମଧରେ ଶ୍ରୀ ଦାସଙ୍କର ସାହିତ୍ୟ ଯାତ୍ରା, ବିଭିନ୍ନ ପୁସ୍ତକ ପ୍ରକାଶନ, ବହୁ ସମ୍ମାନ ପ୍ରାପ୍ତି ହୋଇଥିଲା ।

ସାହିତ୍ୟ ଜଗତରେ ଶ୍ରୀ ଦାସଙ୍କର ଅନବଦ୍ୟ କୃତିର ବିଶ୍ଲେଷଣ କଲେ ବହୁ କିଛି ମାର୍ମିକ ଭାବର ଅନୁଭୂତି ପ୍ରାପ୍ତ ହୋଇଥାଏ । ଶିଶୁର ନିଷ୍ପାପ ନିରୀହ କୋମଳ ହୃଦୟର ପ୍ରତିଟି ଅଙ୍ଗନକୁ ଉପଲବ୍ଧି କରି ଯତ୍ନର ସହ ତାହାକୁ ଚିତ୍ରଣ କରିବାରେ ତାଙ୍କର ଦକ୍ଷତା ଅନନ୍ୟ । ଶ୍ରୀ ଦାସଙ୍କ ଜୀବନର ପ୍ରଥମ ଦୁଇଟି କବିତାର ମୂଲ୍ୟାୟନ କରାଯାଉ । ପ୍ରଥମଟି ଥିଲା 'ସୂର୍ଯ୍ୟୋଦୟ', ଯାହା ସେ ଭାରତ ସ୍ୱାଧୀନତା ଉପରେ ଆନନ୍ଦ ସାଗରରେ ବିଚରଣ କରି ଲେଖିଥିଲେ । ଦ୍ୱିତୀୟଟି ହେଲା 'ସୂର୍ଯ୍ୟାସ୍ତ' ୧୯୪୮ ମସିହାରେ ଜାତିର ପିତାଙ୍କ ମହାପ୍ରୟାଣ ଉପରେ । କିଶୋର ମନର ଅବ୍ୟକ୍ତ ବେଦନାର ସାରାଂଶ ଦୁଇଟି ସାରମର୍ମୀ କବିତା ତାଙ୍କୁ କବିତା ଜଗତକୁ ଓଟାରି ନେଇଥିଲା । ଶ୍ରୀ ଦାସଙ୍କର ସାହିତ୍ୟ ସର୍ଜନାର ଆରମ୍ଭ କବିତାରୁ । 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶିତ ହେବାବେଳେ ସେତେବେଳେ ତାଙ୍କର ବୟସ ମାତ୍ର ପନ୍ଦର ବର୍ଷ। ଏତେ ଅଳ୍ପ ବୟସରେ ମଧ ସେ ସମାଜର ଧନୀ ଦରିଦ୍ରଙ୍କ ମଧ୍ୟରେ ବୈଷମ୍ୟ ଲକ୍ଷ୍ୟ କରିଥିଲେ । ପୁଣି ପାଞ୍ଚ ବର୍ଷ ପରେ ଅନ୍ୟ କବିତାରେ ଥିଲା 'ପଦଧ୍ୱନି' । ଦୁଇଟିଯାକ ପୁସ୍ତକ ପାଠ କଲେ ଓଡ଼ିଶାର ଦାରିଦ୍ର୍ୟକୁ ଯେ ସେ ମର୍ମେ ମର୍ମେ ଅନୁଭବ କରି ଜନତାର ସୁଖ ଦୁଃଖରେ ସାମିଲ ହୋଇଥିଲେ, ତାହା ସ୍ପଷ୍ଟ ହୋଇଥାଏ । 'ନନ୍ଦାବତୀର ମାଝି' କବିତା ପୁସ୍ତକରେ ତାଙ୍କର ବାମପନ୍ଥୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଉଠିଥିଲା । 'ତୁମ ଗାଁ ଓ ଅନ୍ୟାନ୍ୟ କବିତା' ପୁସ୍ତକ ଖୁବ୍ ବିଳମ୍ବରେ (୧୯୯୨) ପ୍ରକାଶ ପାଇଥିଲେ ମଧ କବିତାଗୁଡ଼ିକ ବିଶେଷ କରି ତାଙ୍କର ଯୁବାବସ୍ଥାରୁ ଲିଖିତ, ଯାହା ତାଙ୍କର ଗ୍ରାମ୍ୟ ଜୀବନ ଉପରେ ଆଧାରିତ।



ଖ୍ରୀଷ୍ଟ କଲେଜରେ ପଢ଼ିବା ସମୟରେ ମନୋଜ ଦାସ ଥିଲେ ସଂପୂର୍ଣ୍ଣ କମ୍ୟୁନିଷ୍ଟ । ଅନେକ କମ୍ୟୁନିଷ୍ଟ ହୁଅନ୍ତି ପଲିଟିକ୍ସରେ ପଶିବା ପାଇଁ, କେତେକ ହୋଇଥାନ୍ତି ଚାଷୀ ମୂଲିଆଙ୍କୁ ଭୁଟେଇ ନିଜ ଭୂସମ୍ପତ୍ତିର ସୁରକ୍ଷା କରିବା ପାଇଁ ଅବା ଅନ୍ୟ କେତେଜଣ ହୋଇଥାନ୍ତି ପଚା ଅଣ୍ଡା ପ୍ରଭୃତି ବ୍ୟବହାର କରି ଅନ୍ୟର ସଭା ଭଙ୍ଗ କରିବା ପାଇଁ । ମାତ୍ର ମନୋଜ ଦାସଙ୍କର କମ୍ୟୁନିଷ୍ଟ ମନୋବୃତ୍ତି କ'ଣ ପାଇଁ ତାହା ବହୁ ସମୟରେ ବୋଧଗମ୍ୟ ନୁହେଁ । ୧୯୬୧ ମସିହାର ବଜ୍ରପାତରେ ଏକ ଶିଶୁ ସନ୍ତାନର ମୃତ୍ୟୁ ଶ୍ରୀ ଦାସଙ୍କ ଗତିବିଧିରେ ବହୁ କିଛି ପରିବର୍ତ୍ତନ ଆଣିଥିଲା । ସମୟ କ୍ରମେ ମନୋଜ ଦାସ ତାହା ଖୁବ୍ ଭଲ ରୂପେ ଉପଲବ୍ଧି କରିଥିଲେ ଅରବିନ୍ଦ ଆଶ୍ରମରେ। ଉଚ୍ଚ ନୀଚ ଭେଦଭାବ ନାହିଁ । ଚାରି ବର୍ଣ୍ଣର ଟଣା ଟଣି ନାହିଁ । ଶ୍ରେଣୀ ସଂଘର୍ଷ ନାହିଁ । ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଆଶ୍ରମବାସୀ ବୀତସ୍ପୃହ । ଅନ୍ୟର ମତକୁ ଦବେଇ ଦେଇ ନିଜ ମତକୁ  ଜାହିର କରିବାପାଇଁ ପ୍ରୟାସ ନାହିଁ । ସେଠାରେ କେହି କାହାକୁ ସନ୍ଦେହ ଚକ୍ଷୁରେ ଦେଖି ନ ଥାନ୍ତି । ଆଶ୍ରମର ମଙ୍ଗଳ ପାଇଁ ସମସ୍ତେ ସୁଶୃଙ୍ଖଳିତ ହୋଇ ଆନନ୍ଦରେ କର୍ତ୍ତବ୍ୟ ସଂପନ୍ନ କରିଥାନ୍ତି । ସେଠାକୁ ଆସିବା ପାଇଁ କେହି କାହାକୁ ବାଧ କରି ନ ଥାନ୍ତି । ପ୍ରେମର ଚୁମ୍ବକରେ ସମସ୍ତେ ଓଟାରି ହୋଇ ଆସିଥାନ୍ତି । ମନେହୁଏ ଶ୍ରୀ ଦାସଙ୍କର ସାହିତ୍ୟ ସମୃଦ୍ଧି ପାଇଁ ଏଇ ପରିବେଶଟି ହିଁ ଅନୁକୂଳ ଥିଲା ।

ଶ୍ରୀ ଦାସଙ୍କର ଲେଖାମାନ ପାଠ କଲେ ଦେଖିବାକୁ ମିଳିଥାଏ ଶୀର୍ଷକ ମାନଙ୍କର ବିଶେଷତା । ଯେପରିକି କାହାଣୀ ଶବ୍ଦ, ଆଲୋକ ଓ ଆନନ୍ଦର କାହାଣୀ, ଧୂମାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ, ଅବଲୋକରା କାହାଣୀ, ଉତ୍ତର ଉପତ୍ୟକାର କାହାଣୀ, ବିଷକନ୍ୟାର କାହାଣୀ ପ୍ରଭୃତି । ଏସବୁ କାହାଣୀର ନିର୍ମିତ କୌଶଳ ମଧ କାହାଣୀଧର୍ମୀ । କାହାଣୀକୁ ବାଦ୍ ଦେଲେ ଦେଖା ଯାଇଥାଏ 'ସନ୍ଧାନରେ' । ଯେପରିକି 'ବିଲୁପ୍ତ ଲାଙ୍ଗୁଡ଼ର ସନ୍ଧାନରେ'ଠାରୁ ଆରମ୍ଭ କରି 'ଶେଷ ତାନ୍ତ୍ରିକର ସନ୍ଧାନରେ' ପର୍ଯ୍ୟନ୍ତ । ତୃତୀୟଟି ଥିଲା ସ୍ମୃତି ଯେପରିକି 'ସ୍ମୃତି ବିସ୍ମୃତିର ଲୁଚୁକାଳି', 'ସ୍ମୃତି ସ୍ତବକ', 'ସ୍ମୃତିର ପ୍ରଦୀପ' ଇତ୍ୟାଦି । ଯାହା ସବୁ ତାଙ୍କର ବିଗତ ଜୀବନ କାଳରେ ଘଟି ଯାଇଥିବା କେତେଗୋଟି ଅନୁଭୂତି ମାତ୍ର ।  ଶ୍ରୀ ଦାସଙ୍କ ସାହିତ୍ୟ ସର୍ଜନାର ଅନ୍ୟ ଦିଗ ହେଲା 'ବିଷ୍ଣୁଶର୍ମା'ଙ୍କ ପଞ୍ଚତନ୍ତ୍ର ଢାଞ୍ଚାରେ ଲେଖାମାନ ବହୁ ପଶୁ ପକ୍ଷୀମାନଙ୍କୁ ଆଧାର କରି, ଯାହା ମାଧମରେ ସେ ନିଜ ମନ ଗହ୍ୱରର ବ୍ୟଙ୍ଗ, ଆବେଗତା, ସାମାଜିକ ଆବିଳତାର ପରିପୃଷ୍ଟି କରିଥାନ୍ତି । ସେଇ ପଶୁ ପକ୍ଷୀମାନେ କେବେ ମାଙ୍କଡ, କେତେବେଳେ ବାଘ, କେତେବେଳେ ଶିଆଳ ତ ପୁଣି କେବେ ଶାଗୁଣା ବା ଗୁଣ୍ଡୁଚି ରୂପରେ ଆବିର୍ଭୂତ ହୋଇଥାଆନ୍ତି । ପଶୁ ପକ୍ଷୀଙ୍କ ଜରିଆକୁ ବାଦ୍ ଦେଲେ କେବେ କେବେ ମଧ ସେ ଲଣ୍ଠନ, ମହମବତୀ କିମ୍ବା ଅନ୍ୟକିଛି ମାଧମକୁ ଆପଣେଇ ଥାଆନ୍ତି । ମାନସିକ ସନ୍ତୁଳନ ରକ୍ଷା ତଥା ବଜାୟ ରଖିବାକୁ ଏହି ସବୁ ପ୍ରକାଶୋନ୍ମୁଖୀ ଶକ୍ତିଗୁଡ଼ିକ ଯେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ, ଏଥିରେ ସନ୍ଦେହ ନାହିଁ।

ଏକ ଧାରରେ ମନୋଜ ଦାସ ଥିଲେ ଉଚ୍ଚକୋଟୀର ଲେଖକ, ସଂପାଦକ, ଶିକ୍ଷାବିତ୍, ଛାତ୍ରନେତା, ଆଧ୍ୟାତ୍ମିକ ଚେତନାର ଭାଷ୍ୟକାର ଏବଂ ବାଗ୍ମୀ। ତାଙ୍କର ଦ୍ୱିଭାଷୀ ସୃଜନ ସଂସାର ଯେମିତି ବ୍ୟାପକ, ସେମିତି ବହୁବିଧ । ତାଙ୍କଦ୍ୱାରା ପ୍ରକାଶିତ ଶତାଧିକ ପୁସ୍ତକମାନ ଏ ସବୁର ଜ୍ୱଳନ୍ତ ପ୍ରମାଣ । ତାଙ୍କ ଦ୍ୱାରା ସମ୍ପାଦିତ କଳା- ସଂସ୍କୃତ ଧର୍ମୀ ପତ୍ରିକା 'ଦିଗନ୍ତ' ଏବଂ ଲୋକପ୍ରିୟ ପତ୍ରିକା 'ଦ ହେରିଟେଜ' ଭାରତରେ ପ୍ରତିଷ୍ଠିତ । ଆହୁରି ମଧ ବିଭିନ୍ନ ସମ୍ବାଦପତ୍ର ମାନଙ୍କର ସ୍ତମ୍ଭକାର ରୂପେ ସେ ମୃତ୍ୟୁ ଯାବତ୍ ପରିଚିତ ଥିଲେ । ତାଙ୍କଦ୍ୱାରା ରଚିତ ଉପକଥା, ରୂପକଥା, ଭ୍ରମଣ କାହାଣୀଗୁଡ଼ିକର ଲୋକପ୍ରିୟତାର ଉଲ୍ଲେଖ ନିଷ୍ପ୍ରୟୋଜନ । ବାସ୍ତବରେ ସ୍ୱର୍ଗୀୟ ଦାସ ଥିଲେ ଜଣେ ବହୁମୁଖୀ ପ୍ରତିଭାଧାରୀ । ତାଙ୍କର ମ୍ୟାଜିକ ବିଦ୍ୟା, ଗୀତ ଗାଇବା, ହାର୍ମୋନିୟମ ବଜାଇବା ପିଲାଦିନେ ତାଙ୍କୁ ସମବୟସୀମାନଙ୍କ ଗହଣରେ ବହୁ ଲୋକପ୍ରିୟ କରି ପାରିଥିଲା । 'ଶେଷ ତାନ୍ତ୍ରିକର ସନ୍ଧାନରେ' ଏବଂ ଶ୍ରୀ ଅରବିନ୍ଦଙ୍କ ଦ୍ୱାରା ଲିଖିତ 'ସାବିତ୍ରୀ'ର ଓଡ଼ିଆ ଅନୁବାଦ ସେଇ ଯୁଗ ପୁରୁଷଙ୍କର ଦୁଇଟି ଅନ୍ତିମ ପୁସ୍ତକ । ଜନ୍ମ ଥିଲେ ମୃତ୍ୟୁ ଅନିର୍ବାର୍ଯ୍ୟ । ଦୀର୍ଘ ଗୋଟିଏ ବର୍ଷ ସ୍ୱାସ୍ଥ୍ୟଜନିତ ସମସ୍ୟା ସହ ମୁକାବିଲା କରୁଥିଲେ ମଧ ସାହିତ୍ୟକୁ ସେ ଦୂରେଇ ଦେଇ ନ ଥିଲେ । ୨୦୨୧ ମସିହା ଅପ୍ରେଲ ୨୭ ତାରିଖ ସନ୍ଧ୍ୟା ୮ଟା ବାଜି  ୧୫ ମିନିଟ୍‌ରେ ଏହି ଅଦ୍ୱିତୀୟ ସ୍ରଷ୍ଟା ମନୋଜ ଦାସ ଧରଣୀ ବକ୍ଷରୁ ନିଷ୍କ୍ରାନ୍ତ ହୋଇ ସୁଦୂର ଆକାଶରେ ଏକ ଉଜ୍ଜ୍ୱଳ ତାରକାର ସ୍ଥାନ ଗ୍ରହଣ କରିଥିଲେ । ସାହିତ୍ୟ ଜଗତରୁ ଲିଭିଗଲା ଏକ ଉଜ୍ଜ୍ୱଳମୟ ତାରକା । ସେଇ ଯୁଗଦର୍ଶୀ ପୁରୁଷଙ୍କ ଚରଣରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି।

**ନୂଆଦିଲ୍ଲୀ**
**ମୋ : ୯୮୧୮୯୮୬୩୦୩**

# ସାରଳା ଦାସ ଓ ସାରଳା ମହାଭାରତ

## ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡ଼ିଆ ଭାଷା ସାହିତ୍ୟର ଜନକ, ଉତ୍କଳବ୍ୟାସ ଭାବେ ପରିଚିତ ମାଟିର ମହାକବି ସାରଳା ଦାସଙ୍କ ସାଧନାସିକ୍ତ ସାରସ୍ୱତ ଅବଦାନ ଯଥାର୍ଥରେ ଅତୁଳନୀୟ । ନମ୍ରତା, ସରଳତା ଓ ସମର୍ପଣତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଏହି ମହାକବି ସ୍ୱୀୟ ପ୍ରତିଭା ସ୍ଫୁରଣରେ ମା' ସାରଳାଙ୍କ ଅପାର୍ଥିବ କୃପାର ଅଯାଚିତ ଅବଦାନକୁ ପାଥେୟକରି ନିଜର ମହାନୁଭବତାର ଯେଉଁ ଆଲେଖ୍ୟ ରଖିଯାଇଛନ୍ତି ତାର ପଟ୍ଟାନ୍ତର ନାହିଁ । ପଞ୍ଚଦଶ ଶତାବ୍ଦୀର ଏହି ମହାକବି ତତ୍କାଳୀନ ସଂସ୍କୃତ ଭାଷାର ପ୍ରାଧାନ୍ୟ ଓ ବ୍ରାହ୍ମଣ ସମାଜର ପ୍ରାଦୁର୍ଭାବକୁ ପ୍ରତିହତ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ଆଗେଇ ଆସି ଓଡ଼ିଆ ଭାଷାରେ ସଂସ୍କୃତ ସମକକ୍ଷ କାବ୍ୟ ରଚନା କରି ନିଜର ଅନନ୍ୟ ପ୍ରତିଭାର ନିଦର୍ଶନ କରିଥିଲେ । ଉତ୍କଳର ବରପୁତ୍ର ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏ ନାହିଁ । କାରଣ ନିଜ ଗ୍ରନ୍ଥମାନଙ୍କରେ ନିଜ ପରିଚୟ ସେ ସ୍ପଷ୍ଟ ଭାବରେ ଦେଇନାହାନ୍ତି । ତେବେ ମାଟିର ଏହି ବିସ୍ମୟ ପ୍ରତିଭା ସାରଳା ଦାସ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (୧୪୩୫-୬୮) ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ । ପ୍ରଚଳିତ ଜନଶ୍ରୁତି ଓ ତାଙ୍କ ରଚନା ସମୂହରେ ବିକ୍ଷିପ୍ତ ଭାବେ ରହିଥିବା କେତେକ ପଂକ୍ତିକୁ ବିଚାରକୁ ନେଲେ ଝଙ୍କଡ ପ୍ରଗଣାସ୍ଥିତ ସାରୋଳ ଗ୍ରାମ ଅନ୍ତର୍ଗତ କାଳିନାଗ ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ ।

ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ । ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି। ଏପରି ଏକ ବୈପ୍ଳବିକ ପଦକ୍ଷେପ ନେଇ ଉଭୟ ବାଲ୍ମିକୀ ଓ ବ୍ୟାସଙ୍କୁ ନୂତନ ଭଙ୍ଗୀରେ ରୂପାନ୍ତର କରି ତତ୍କାଳୀନ ନିଷ୍ପ୍ରଭ ବାଣୀଭଣ୍ଡାରକୁ ଜନଜୀବନ ସହିତ ଜଡିତ କରି ନିଜର ପାରଦର୍ଶିତା ପ୍ରମାଣ କରିଥିଲେ । ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା - ରାମାୟଣ, ମହାଭାରତ ଓ ଭାଗବତ ।

ଏଠାରେ ରାମାୟଣ ହେଉଛି 'ବିଲଙ୍କା ରାମାୟଣ', ଭାରତ ହେଉଛି 'ମହାଭାରତ' ଓ ଶିରୀ ଭାଗବତ ହେଉଛି 'ଦେବୀ ଭାଗବତ' ବା 'ଚଣ୍ଡୀପୁରାଣ' । ଏଥି ସହିତ ବାଲ୍ମିକୀ ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ 'ସପ୍ତକାଣ୍ଡ ରାମାୟଣ' ପ୍ରଭୃତି ମଧ ତାଙ୍କ ଲେଖନୀରୁ ନିଃସୃତ ହୋଇଅଛି । ମାତ୍ର ସପ୍ତକାଣ୍ଡ ରାମାୟଣ ବିଷୟରେ ଅଧିକ ଆଲୋଚନା ହୋଇପାରି ନାହିଁ । ସାରଳା ଦାସ ପ୍ରଦାନ କରିଥିବା ତଥ୍ୟ ଅନୁସାରେ 'ବିଲଙ୍କା ରାମାୟଣ' ପ୍ରଥମ । ଶିବପାର୍ବତୀଙ୍କ କଥୋପକଥନ ଛଳରେ ସମଗ୍ର ଗ୍ରନ୍ଥଟିର କଥାବସ୍ତୁ ପରିକଳ୍ପିତ । ଗ୍ରନ୍ଥର ଭାଷା ଅତି ସରଳ ଓ ସର୍ବଜନବୋଧ । 'ସାରଳା ମହାଭାରତ' କବିଙ୍କ ଗ୍ରନ୍ଥମାନଙ୍କ ମଧ୍ୟରେ ବୃହତ୍ତମ । ଏପରିକି ଏହା ଆକାରରେ ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ ଠାରୁ ମଧ ବଡ । ବ୍ୟାସଙ୍କ ମହାଭାରତରେ ଶ୍ଳୋକ ସଂଖ୍ୟା ଏକଲକ୍ଷ ହୋଇଥିବା ବେଳେ ସାରଳା ଦାସଙ୍କ ପଦ ସଂଖ୍ୟା ଏକଲକ୍ଷ ଚାଳିଶ ହଜାର । 'ଚଣ୍ଡୀ ପୁରାଣ' ମହାଭାରତର ପରବର୍ତ୍ତୀ ରଚନା । ଶୁକ-ପରୀକ୍ଷିତ ସମ୍ବାଦ ଆକାରରେ ଓ ମହିଷାସୁର ବଧ ପ୍ରସଙ୍ଗକୁ ଉପଜୀବ୍ୟ କରି ଏହା ରଚିତ । ଲକ୍ଷ୍ମୀ ନାରାୟଣ ବଚନିକା ପୋଥି ଆକାରରେ ରହିଛି । ଦାଣ୍ଡିବୃତ୍ତରେ ରଚିତ ଏହି ଗ୍ରନ୍ଥଟି ମହାଲକ୍ଷ୍ମୀଙ୍କ ବନ୍ଦନାରେ ଆରମ୍ଭ ହୋଇଅଛି । ଲକ୍ଷ୍ମୀ-ନାରାୟଣଙ୍କ କଥୋପକଥନ ଶୈଳୀରେ ଏହା ରଚିତ ।

ସାରଳା ଦାସ ମହାଭାରତ ଓଡ଼ିଆ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ମୂଳ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ । ମୂଳ ଗ୍ରନ୍ଥଟିର କଙ୍କାଳକୁ ମାତ୍ର ଗ୍ରହଣ କରି ସାରଳା ଦାସ ସେଥିଲେ ସ୍ୱ-କଳ୍ପନା ଶକ୍ତି ବଳରେ ରକ୍ତମାଂସ ସଂଯୋଗ କରିଛନ୍ତି । ସାରଳା ମହାଭାରତର ଏପରି କୌଣସି ଦିଗ ନାହିଁ, ଯେଉଁଥିଲେ ସାରଳା ଦାସଙ୍କ ଜାତୀୟତାର ଛାପ ଦେଖିବାକୁ ମିଳେନାହିଁ । ତାଙ୍କ ବିରଚିତ ମହାଭାରତରେ ଓଡ଼ିଶାର ମଠମନ୍ଦିର, ଧର୍ମପୀଠ, ଭୂଗୋଳ, ଜନପଦ, ପର୍ବତ, ନଦ ନଦୀ, ଅରଣ୍ୟ, କିମ୍ବଦନ୍ତୀ, ଲୋକକଥା ଓ ଲୋକ ବିଶ୍ୱାସକୁ ଜୀବନ୍ତ ରୂପରେ ରୂପାୟିତ କରିଛନ୍ତି ତାହା ତାଙ୍କ ଅସାମାନ୍ୟ ବୌଦ୍ଧିକ ଚେତନାର କଥା କହେ । ମହାଭାରତରେ ସାରଳା ଦାସ ୧୮ଟି ପର୍ବ ରଖିଛନ୍ତି ଯେଉଁଥିରେ ଆଦିପର୍ବ, ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ, ଶଲ୍ୟପର୍ବ, ଗଦାପର୍ବ, କାଇଁଶିକା ପର୍ବ, ନାରୀପର୍ବ, ଶାନ୍ତିପର୍ବ, ଅଶ୍ୱମେଧ ପର୍ବ, ଆଶ୍ରମିକା ପର୍ବ, ମୂଷଳୀ ପର୍ବ ଓ ସ୍ୱର୍ଗାରୋହଣ ପର୍ବ ରହିଛି । ସାରଳ ମହାଭାରତ ପ୍ରବଚନ, ନୀତିକଥା ଓ ଲୋକକଥାର ଖଣି । ଏଗୁଡିକ ମଧ୍ୟରୁ କେତେକ ତଦାନୀନ୍ତନ ସମାଜରେ ପ୍ରଚଳିତ କେତୋଟି ସଂସ୍କୃତାଦି ଗ୍ରନ୍ଥରୁ ସଂଗୃହୀତ ଓ କେତୋଟି ସାରଳା ଦାସଙ୍କ କଳ୍ପନା ପ୍ରସୂତ । ସାରଳା ମହାଭାରତ ଦାଣ୍ଡିବୃତ୍ତରେ ରଚିତ । ଓଡିଆ ସାହିତ୍ୟରେ ସର୍ବପ୍ରଥମେ ସାରଳା ଦାସ ଦାଣ୍ଡବୃତ୍ତ ବ୍ୟବହାର କରିଥିଲେ । ଏହି ବୃତ୍ତର ଲକ୍ଷଣ ହେଉଛି ଏହାର ପାଦଦ୍ୱୟ ଅକ୍ଷର ସଂଖ୍ୟା ସବୁବେଳେ ସମାନ ନଥାଏ । କୌଣସି ପାଦରେ ସର୍ବାଧିକ ୩୨ ଅକ୍ଷର ଥିବା ସ୍ଥଳେ ଅନ୍ୟ କୌଣସି ପାଦରେ ସର୍ବନିମ୍ନ ୯ ଅକ୍ଷର ଥିବା ପରିଲକ୍ଷିତ ହୁଏ । ଏହି ବୃତ୍ତକୁ ସାରଳା ଦାସ ନିଜର ଅନ୍ୟାନ୍ୟ ରଚନାବଳୀରେ ବ୍ୟବହୃତ କରିଥିଲେ ।

ସାରଳା ଦାସ ଉତ୍କଳର ଆଦିକବି ହୋଇଥିବାରୁ ତାଙ୍କ ରଚନାବଳୀ ଦ୍ୱାରା ପରବର୍ତ୍ତୀ କବି ଓ ସାହିତ୍ୟିକମାନେ ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି । ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ରେ ସାରଳା ଦାସଙ୍କ ମହାଭାରତର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳେ । ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ମଧ ତାଙ୍କ କଥାବସ୍ତୁ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ସେହିପରି ଦୀନକୃଷ୍ଣ ଦାସଙ୍କ 'ସୁଭଦ୍ରା ପରିଣୟ', ଭକ୍ତଚରଣ ଦାସଙ୍କ 'ମଥୁରାମଙ୍ଗଳ'ରେ ସାରଳା ଦାସଙ୍କୁ ଅନୁସରଣ କରିଥିଲେ । ଆଧୁନିକ ଯୁଗସ୍ରଷ୍ଟା କବିବର ରାଧାନାଥ ରାୟ ସାରଳା ଦାସଙ୍କ ମହାଭାରତରୁ କଥାବସ୍ତୁ ଆହରଣ କରି 'ବାଣହରଣ', 'ବେଣୀ ସଂହାର' ଆଦି ପୌରାଣିକ କାବ୍ୟମାନ ରଚନା କରିଥିଲେ । ଏହିପରି ବ୍ୟାସକବି ଫକୀର ମୋହନ ମଧ ନିଜ ଗଦ୍ୟ ରଚନାରେ ସାରଳାଙ୍କ ଭାଷା ବ୍ୟବହାର କରି ଓଡ଼ିଆ ଭାଷାର ପ୍ରକାଶକ୍ଷମ ଶକ୍ତି ପ୍ରଦର୍ଶନ କରିଥିଲେ । କେବଳ ଓଡ଼ିଶାରେ ନୁହେଁ, ଓଡ଼ିଶା ବାହାରର ସାହିତ୍ୟିକମାନେ ମଧ ସାରଳା ମହାଭାରତର ଭାବ-ସମ୍ପଦରେ ମୁଗ୍ଧହୋଇ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଫଳସ୍ୱରୂପ ବଙ୍ଗଳା ଭାଷାରେ ସାରଳା ମହାଭାରତ ରଚିତ ହୋଇଥିଲା । ସବୁଦିଗରୁ ବିଚାର କଲେ ଦୀର୍ଘ ପାଞ୍ଚଶହରୁ ଉର୍ଦ୍ଧ୍ୱ ବର୍ଷ ଧରି ବହୁ ପୁରାଣ କାବ୍ୟ, ଯାତ୍ରା, ସୁଆଙ୍ଗ ପ୍ରଭୃତି ସାରସ୍ୱତ ସ୍ରଷ୍ଟାମାନେ ସାରଳା ଦାସଙ୍କ ରଚନାବଳୀ ଦ୍ୱାରା ପ୍ରଭାବିତ ହୋଇଆସୁଛନ୍ତି । ତେଣୁ, ତାଙ୍କୁ କେବଳ କବି ନୁହେଁ, ଓଡିଆ ସାହିତ୍ୟରେ ଆଦିକବିର ମାନ୍ୟତା ଦିଆଯାଇଛି ।  ଏସବୁ ସତ୍ତ୍ୱେ ଝଙ୍କଡବାସିନୀ ଦେବୀ ସାରଳାଙ୍କ କୃପାରୁ ତାଙ୍କର କବିତ୍ୱ ସୃଷ୍ଟି ହୋଇଥିଲା ବୋଲି ସାରଳା ଦାସ ମହାଭାରତରେ ଉଲ୍ଲେଖ କରିଛନ୍ତି । ଏହା କବିଙ୍କର ନମନୀୟ କବି ପ୍ରତିଭାର ନିଦର୍ଶନ ଅଟେ ଓଡିଆ ଭାଷାର ମୂଳଦୁଆ ପକାଇଥିବା ଏହି ଯଶସ୍ୱୀ ସ୍ରଷ୍ଟା ଉତ୍କଳୀୟ ନବଜାଗରଣର ମୁଖ୍ୟ ପୁରୋଧା ଥିଲେ  ।

**ସଭାପତି,ସାରସ୍ୱତ ପରିଷଦ, ଜଗତସିଂହପୁର,**
**ମୋ - ୯୯୩୭୧୫୧୦୫୨**

# କବିତା

## ସାହା ଏକା ତାକୁ ହରି

### ରତ୍ନକାନ୍ତି ମିଶ୍ର

ବାଟବଣା ହୁଏ ଗରିବର ସ୍ୱପ୍ନ
ଅନ୍ଧକାର ସବୁ ଦିଗ
ଜୀର୍ଣ୍ଣଶୀର୍ଣ୍ଣ ତା'ର ଜୀବନ ନଉକା
ବାହିବାକୁ ନୁହେଁ ଯୋଗ୍ୟ ।
ଜୀବନ ସଂଗ୍ରାମେ ରତ ଥାଇ ସଦା
ସମୟ ତ ଯାଏ ବିତି
ଦୁଃଖ ପରା ତା'ର ଚିର ସହଚର
ଲେଖିଛି ସତେ ନିୟତି ।
ଲୋଡା ହୁଏନା ତା' ଉଆସ ନଗର
ଭଙ୍ଗା କୁଡିଆ ତା ନିଧି
ଜୀଇଁବାକୁ ଚାହେଁ ମାଟି ମାଆ କୋଳେ
ଢୋକେ ପିଇ ଖଣ୍ଡେ ପିନ୍ଧି ।
ବାର ସିଆଁ ଫଟା ଲୁଗାରେ ଦିଶଇ
ଅଧା ଫୁଙ୍ଗୁଳାର ଦେହ
ଖରା ବର୍ଷା ଶୀତ ସହେ ନିର୍ବିକାରେ
ଜୀବନେ ଜଗାଇ ମୋହ ।
ଭୋକ ଉପାସରେ ସନ୍ତୁଳିତ ହୁଏ
ସଂସାର ଲାଗଇ ରିକ୍ତ
ଆଶା ନିରାଶାର ଦୋ ଛକିରେ ଠିଆ
ସତେ ଗୋଟେ ପାଳଭୂତ ।
ଦରଫୁଟା ତା'ର ଆଶା ଫୁଲ କଢି
ସତେ କେଡ଼େ ହତଭାଗ୍ୟ
ଫୁଟିବା ଆଗରୁ ଝଡି ପଡେ ତା'ର
ସୁଖ ସ୍ୱପ୍ନ ଅନିଭୋଗ ।
ତଥାପି ଗରିବ ଲଢିବା ଶିଖିଛି
ଯିବ ନାହିଁ କେବେ ଡରି
ଆସିବ ସୁଦିନ ହସିବ ଜୀବନ
ସାହା ଏକା ତାକୁ ହରି ।

**ଆଳି, କେନ୍ଦ୍ରାପଡା**
**ମୋ-୮୨୪୯୭୯୯୯୬୧**

## କିଏ କେତେବେଳେ ଚାଲିଯିବ

### ନିରଞ୍ଜନ ସାହୁ

କିଏ ଜାଣେ ପ୍ରିୟା ଆଗେ ଚାଲିଯିବ
କହିବା ସମ୍ଭବ ନୁହେଁ
ସେମିତିଆ ଭାଗ୍ୟ ଆମର ନାହିଁ ଯେ
ସାଥି ହୋଇଯିବା ଦୁହେଁ  ।
ମୁହିଁ ଯଦି ଆଗେ ଚାଲିଯିବି ପ୍ରିୟା
ଦୁଃଖ ତ କରିବ ମନ
ତଥାପି ସେମିତି ଦୁଃଖ କରିବନି
ମୁଁ ନୁହେଁ ତୁମରି ଧନ
ଯାହା ଭାବ ପଛେ କିଛି କହିବନି
କାହା ଆଗେ ନିଜ ମୁହେଁ  ।
ଅବଶ୍ୟ କେହି ବି ତୁମକୁ କହିବେ
ମୁହିଁ ଚାଲିଗଲି ବୋଲି
ତା ' ସାଥେ କଦାପି କଥା ହେବିନାହିଁ
ଏ ବାବଦେ ମନ ଖୋଲି
ଆଜି ବି ନିରବେ ଭାବନାରେ ହଜି
ତୁମ ସାଥେ ନିଆଁ ପୁହେଁ  ।

**ନିହଲ ପ୍ରସାଦ ,   ଗଁଦିଆ ପାଟଣା**
**ଢେଙ୍କାନାଳ,ମୋ- ୯୯୩୮୭୪୧୫୮୩**

## ପ୍ରଣୟ-ଗୀତି

### ସୁହଂସ ଭୋଇ

ଗୋଟି ଗୋଟି କରି ସହରର ସବୁ
ବତି ଲିଭିଗଲା ପରେ
ଏକା ଏକା ବସି ପ୍ରଣୟର ଗୀତି
ଲେଖେ ଜହ୍ନ ଆଲୁଅରେ
ଦୂର ଆକାଶକୁ ଚାହିଁଦେଖେ ଯେବେ
ଖେଳୁଥାଅ ତାରାମେଳେ
ହାତଠାରି ଡାକିଦେଲେ ଲୁଚିଯାଅ
ଲାଜେ ବାଦଲର କୋଳେ
ମନ ମୋର କହେ ଏ ମଧୁ ବେଳାରେ
ଧରାଦିଅ କେବେ ଥରେ ।
ରାତିର ପ୍ରହରେ ଭାବନା ଭିତରେ
ଖୋଜିଲି ତୁମକୁ କେତେ
ଛୁଇଁ ଦେଇଗଲା ହାଲୁକା ପବନ
ମତୁଆଲା କରି ମତେ
ପ୍ରୀତିର କଳିକା ପାଖୁଡା ମେଲିଲା
ହୃଦୟର ବଗିଚାରେ ।
ଯୋଡି ଶବ୍ଦଶିଳା ଗଢିଲି ସଉଧ
ନିଶବଦେ ଅନୁରାଗେ
କବିତାରେ ଯଦି ନାୟିକା ନ ଥିଲେ
ଅଧାଗଢା ପରି ଲାଗେ
ଉଦାସ ଅଳସ ନିରଳସ ଭରେ
ସାଥି ବିନା ଜୀବନରେ ।

**ପହଣ୍ଡି, ବିଜେପୁର, ବରଗଡ଼**
**ମୋ-୯୪୩୭୫୨୨୪୫୫**

## ପହିଲି ବୈଶାଖ

### ରାମଚନ୍ଦ୍ର ବେହେରା

ବିଷୁବ ରେଖାକୁ ଛୁଇଁଲେ ଭାସ୍କର
ଦୀପ୍ତିକୁ ଉଜ୍ଜ୍ୱଳ କରି
ପ୍ରଚଣ୍ଡ ରୌଦ୍ରରେ କମ୍ପିଲା ବସୁଧା
ଶୁଖିଲା ସବୁଜ ଶିରୀ
ଗ୍ରୀଷ୍ମ କଲା ଆଗମନ
ଜଳ ସଂକରାନ୍ତି ବିରାଜିଲା ମର୍ତ୍ତ୍ୟେ
ପହିଲି ବୈଶାଖ ଦିନ ।
ଆମ ଉତ୍କଳରେ ନୂଆ ବର୍ଷ ବୋଲି
ରହିଛି ଏହାର ମାନ
ସାରା ଦେବାଳୟେ ପଣା ଲାଗିହେଲା
ପୁଣି ନାମ ସଂକୀର୍ତ୍ତନ
ହେବ ପୂଣ୍ୟ ଝାମୁଯାତ
ଜଳନ୍ତା ନିଆଁରେ ପାଟୁଆ ଚାଲିବେ
ହେବ ତାଂକ ବ୍ରତ ଅନ୍ତ ।
ପବନ ସୂତଙ୍କ  ଜନ୍ମଦିନ ଆସେ
ଏହି ପବିତ୍ର ଦିନରେ
ଶ୍ରଦ୍ଧାଳୁ ପୂଜନ୍ତି ସତ୍ୟନିଷ୍ଠ ଚିତ୍ତେ
ଧୂପ ଦୀପ ନୈବେଦ୍ୟରେ
ଶୁଭେ ଶଙ୍ଖ ହୁଳହୁଳି
ତାପ ମୁକ୍ତି ପାଇଁ ପ୍ରଭୁଙ୍କୁ ଡାକନ୍ତି
ବିନମ୍ର ପ୍ରଣତି ଢାଳି ।
ସଭିଏଁ ସଜାନ୍ତି ଛୋଟ ଛାମୁଡିଆ
ପବିତ୍ର ଚଉଁରା ଶିରେ
ଚନ୍ଦନ ଚର୍ଚ୍ଚିତ ବସନ୍ତରା ଠେକି
ଝୁଲେ ତୁଳସୀ ଉପରେ
ଝରେ ବୁନ୍ଦା ବୁନ୍ଦା ପାଣି
ଶୀତଳ ପରଶେ ହୋଇ ଅଭିଭୂତା
ହସଇ ତୁଳସୀ ରାଣୀ ।
ଓଡିଆ ସଂସ୍କୃତି ଓଷା ବ୍ରତ ନୀତି
ଖୁସି ଭରିଦିଏ ମନେ
ବାର ମାସେ ଆସେ
ତେର ନୂଆ ପର୍ବ
ପାଳନ୍ତି ରାଇଜେ ଜନେ
ପହିଲି ବୈଶାଖ ତିଥି
ସଭିଙ୍କ  ପରାଣେ ଭକ୍ତିଭାବ ଭରେ
ଅପୂର୍ବ ତା ପୂଜାବିଧି ।

**ତେନ୍ତୁଳିପଦା,ଜଗତସିଂହପୁର**
**ମୋ-୬୩୫୫୬୩୪୩୪୬**

## ଆଜି ବି ଝୁରୁଛି

### ଜଗଦୀଶ ସାହୁ

ବାପଘର ଯେବେ ଯାଏ ମୋ ଘରଣୀ
ପିଲାଛୁଆ ସାଥେ ନେଇକି
ଇଚ୍ଛା ହୁଏ ମୋର ତୁମକୁ ଭେଟନ୍ତି
ତୁମ ଶାଶୁଘରେ ଯାଇକି   ।
ସେଇ କଥା ଭାବି ନିଦ ଆସେନାହିଁ
ଛଟପଟ ହୁଏ ରାତିରେ
ତୁମର ପୁରୁଣା ଚିଠି ଓ ଫୋଟୋକୁ
ଜାବୁଡି ଧରି ମୋ ଛାତିରେ
ମନକୁ ବୁଝେଇ ଶୋଇପଡ଼େ ତୁମ
ପସନ୍ଦର ଗୀତ ଗାଇକି
ବାପଘର ଯେବେ -- ।
ସଜବାଜ ହୋଇ ବାହାରିଲି ଦିନେ
ମାଆ କଲା ମୋତେ ଆକଟ
ମୋ ପାଇଁକି ତୁମ ସୁଖ ସଂସାରରେ
ଯେମିତି ନ ଆସୁ ସଙ୍କଟ
ଆଜି ବି ଝୁରୁଛି ତୁମକୁ ଗୋ ପ୍ରିୟା
ପଚାର ମୋ ସାଇଭାଇକି   ?
ବାପଘର ଯେବେ --।

**ସଂଜପଡା, ହିନ୍ଦୋଳ**
**ଢେଙ୍କାନାଳ,**
**ମୋ-୯୦୭୮୧୮୫୬୧୬**



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗଣମାଧ୍ୟମ...

କାର୍ଯ୍ୟ କରିବାକୁ କୁହାଯାଇଛି । ପ୍ରତିରକ୍ଷା ଅଭିଯାନ କିମ୍ବା ବାହିନୀର ଗତିବିଧି ସମ୍ବନ୍ଧୀତ ସୂଚନା ସୂତ୍ର ଆଧାରିତ ଅନୁସାରେ ପ୍ରକାଶ କରାନଯାଉ । କୌଣସି ବାସ୍ତବ ସମୟର କଭରେଜ୍ ସିଧାପ୍ରଶାରଣ କିମ୍ବା ପ୍ରକାଶନକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ । ଅତିତର ଦାୟିତ୍ୱପୂର୍ଣ୍ଣ ରିପୋର୍ଟିଂକୁ ଗୁରୁତ୍ୱପୂର୍ଣ୍ଣ ଭାବେ ରେଖାଙ୍କିତ କରାଯାଇଛି । ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବାରେ ଗଣମାଧ୍ୟମ, ଡିଜିଟାଲ ପ୍ଲାଟ୍‌ଫର୍ମ ଏବଂ ବ୍ୟକ୍ତିଗତ ବ୍ୟବହାରକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଆଇନ୍‌ଗତ ବାଧବାଧକତା ବ୍ୟତିତ ଆମର କାର୍ଯ୍ୟଗୁଡ଼ିକ ଚାଲୁଥିବା ଅପରେସନ୍ କିମ୍ବା ସୁରକ୍ଷା ବାହିନୀର ସୁରକ୍ଷାକୁ ବିପଦରେ ପକାଇବ ନାହିଁ ତାହା ନିଶ୍ଚିତ କରିବା ଆମର ସାମୁହିକ ଦାୟିତ୍ୱ । ଟିଭି ଚ୍ୟାନେଲ୍‌ଗୁଡ଼ିକ ଟେବୁଲ୍ ଟେଲିଭିଜନ ନେଟ୍‌ୱାର୍କ ସଂଶୋଧନ ନିୟମ ୨୦୨୧ର ୬(୧)ପିକୁ ଆଳନ କରିବାକୁ ପରାମର୍ଶ ଦିଆଯାଇଛି । ଗଣମାଧ୍ୟମର କଭରେଜ୍ ସରକାରଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀଙ୍କ ସାମୟିକ ବ୍ରିଫିଂ ପର୍ଯ୍ୟନ୍ତ ସୀମିତ ରହିବ । ଟିଭି ଚ୍ୟାନେଲ୍‌ଗୁଡ଼ିକ କୌଣସି ଆତଙ୍କବାଦ ବିରୋଧୀ ଅଭିଯାନ ଓ ସୁରକ୍ଷାବାହିନୀର କାର୍ଯ୍ୟକଳାକୁ ସିଧା ପ୍ରଶାରଣ ନ କରିବାକୁ ପରାମର୍ଶ ଦିଆଯାଇଛି । ଅପରେସନ୍ ସମାପ୍ତ ନ ହେବା ପର୍ଯ୍ୟନ୍ତ ଗଣମାଧ୍ୟମର କଭରେଜ୍ ସରକାରୀ ନିଯୁକ୍ତ ଅଧିକାରୀଙ୍କ ବ୍ରିଫିଂରେ ସୀମିତ ରହିବ । ସମସ୍ତ ଅଂଶୀଦାରଙ୍କୁ ସତର୍କତା, ସମ୍ବେଦନଶୀଳତା ଏବଂ ଦାୟିତ୍ୱର ସହ ରିପୋର୍ଟିଂ ଜାରି ରଖିବାକୁ ଏବଂ ଦେଶର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବାକୁ ଅନୁରୋଧ କରାଯାଇଛି ।

## ସୀମାବର୍ତ୍ତୀ...

ପରେ ସୀମା ନିକଟବର୍ତ୍ତୀ ଗାଁଗୁଡ଼ିକର ଲୋକମାନେ ନିଜର ସୁରକ୍ଷା ପାଇଁ ଏବେ ମାଟିତଳେ ଥିବା ବଙ୍କର ପ୍ରସ୍ତୁତ କରୁଛନ୍ତି । ବିଶେଷକରି ସାଲ୍‌ଟୋରୀ, କର୍ମାହା ଗାଁଗୁଡ଼ିକ ପାକିସ୍ତାନର ଆଉଟ୍‌ପୋଷ୍ଟ ନିକଟରେ ରହିଛି । ତେଣୁ ଏଠିକାର ଲୋକମାନେ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏବେ ବଙ୍କରଗୁଡ଼ିକୁ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ଏହି ବଙ୍କରଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳ ମଧ୍ୟରେ ନିର୍ମାଣ ହୋଇଥିବାରୁ ଏହାକୁ ମୋଦି ବଙ୍କର ବୋଲି କୁହାଯାଉଛି ।

ବଙ୍କରଗୁଡ଼ିକୁ ଯେଉଁଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯାଇପାରିବ ଓ ଲୋକମାନେ ତାଙ୍କ ପରିବାର ସହ ସୁରକ୍ଷିତ ରହିବେ ସେ ନେଇ ପଦକ୍ଷେପ ନିଆଯାଉଛି । କିଛିଦିନ ହେବ ସ୍ଥାନୀୟ ବାସନ୍ଦାମାନେ ଏହି ବଙ୍କରକୁ ଭୁଲି ଯାଇଥିଲେ । ଏବେ ଏହାକୁ ପୁନର୍ବାର ସଫା କରାଯାଉଛି । କାରଣ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି । ଉପତ୍ୟକା ଅଞ୍ଚଳରେ ସଦ୍‌ଭାବ ଖୁବ୍‌ଶୀଘ୍ର ଫେରିବ ବୋଲି କାର୍ମାହା ବାସୀନ୍ଦାମାନେ ସୂଚନା ଦେଇଛନ୍ତି । ସେମାନେ ଉଲ୍ଲେଖ କରିଛନ୍ତି ଯେ ଆମେ ସରକାରଙ୍କ ସହ ରହିଛୁ । ଆତଙ୍କୀ ଆକ୍ରମଣକୁ ଆମେ ନିନ୍ଦା କରୁଛୁ । ଆମେ ସେନା ଓ ପ୍ରଶାସନକୁ ସହଯୋଗ କରିବୁ । ଯେତେବେଳେ ସେ ଆମର ଆବଶ୍ୟକତା ଅନୁଭବ କରିବେ ଆମେ ସବୁ ପ୍ରକାର ସହାୟତା ଯୋଗାଇ ଦେବୁ । ପୂର୍ବରୁ ଏହି ଅଞ୍ଚଳରେ ଗୁଳିଗୁଳା ବିନିମୟ ହୋଇଛି । ଆମ ଗାଁଗୁଡ଼ିକ ଏଲ୍‌ଓସି ନିକଟରେ ଅବସ୍ଥିତ । ଆମ ପରିବାର ସହ ନିରାପଦରେ ରହିବା ପାଇଁ ଆମେ ଏବେ ବଙ୍କରକୁ ସଫା କରୁଛୁ । କେନ୍ଦ୍ର ସରକାରଙ୍କୁ ଆମେ ଧନ୍ୟବାଦ ଦେଉଛୁ ଯେ ସେମାନେ ଆମକୁ ବଙ୍କର ଯୋଗାଇ ଦେଇଛନ୍ତି । ସୀମା ନିକଟରେ ଅସ୍ତ୍ରବିରତୀ ଜାରି ରହିଥିଲା । ମାତ୍ର ଏବେ ଏହାର ଉଲ୍ଲଂଘନ ହୋଇଛି । ସରକାର ମଧ୍ୟ ପୂର୍ବରୁ ଆର୍ଥିକ ଓ ବୈଷୟିକ ସହାୟତା ଏହି ବଙ୍କର ନିର୍ମାଣ ପାଇଁ ଦେଇଥିଲେ । ବିଶେଷକରି ସମ୍ବେଦନଶୀଳ ଅଞ୍ଚଳ ପୁଞ୍ଚ, ରାଜୋରୀ, ବରମୂଲା, କୁପାରା ଅଞ୍ଚଳରେ ଏହି ବଙ୍କରଗୁଡ଼ିକ ନିର୍ମାଣ କରାଯାଇଛି । ଉତ୍ତେଜନାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି ।

## ପାକିସ୍ତାନ...

କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବୁ। ମୋ ସ୍ତ୍ରୀ ପାକିସ୍ଥାନ ଯିବେ। ସରକାରଙ୍କ ଅନୁମତି ମିଳିବା ପରେ ପୁଣି ସେ ଆମ ଘରକୁ ଫେରିବେ। ନିଜାମୁଦ୍ଦିନ୍ ଏହା କରିବା ସହ ତାଙ୍କ ଫଟୋ କିମ୍ବା ସ୍ତ୍ରୀଙ୍କ ଫଟୋ ଉତ୍ତୋଳନ କରିବାକୁ ବାରଣ କରିଥିଲେ। ଏ ସମ୍ପର୍କରେ ଡିସିପି ଜଗମୋହନ ମିନା ମଧ୍ୟ ସାମ୍ବାଦିକମାନଙ୍କୁ ସୂଚନା ଦେଇ ନଗ୍‌ମା ଇସୁଫ୍‌ଙ୍କୁ ନୋଟିସ୍ କରାଯିବା କଥା କହିଛନ୍ତି।

ବାଲେଶ୍ୱରରେ ରହୁଥିବା ଜଣେ ବୟସ୍କା ମହିଳାଙ୍କୁ ମଧ୍ୟ ବାଲେଶ୍ୱର ପୋଲିସ ମୁଖ୍ୟାଳୟରୁ ନୋଟିସ୍ ହୋଇଛି ଭାରତ ଛାଡିବା ପାଇଁ। ତାଙ୍କ କହିବା ଅନୁଯାୟୀ ସେ ବାହା ହୋଇ ଦୀର୍ଘ ଦିନ ରହିବା ପରେ ତାଙ୍କ ପିଲାଙ୍କ ନାତି-ନାତୁଣୀ ହେଲେଣି। ସେ ପାକିସ୍ଥାନ କିପରି ଯିବେ ? ପାକିସ୍ଥାନରେ ରହୁଥିବା ବାପଘର ପରିବାର ସହ ତାଙ୍କର ଯୋଗାଯୋଗ ନାହିଁ।ତେଣୁ ସରକାର ଯେଉଁ ନିଷ୍ପତ୍ତି କରିଛନ୍ତି ତାହା ମାନିବାକୁ ମୋର ସମ୍ବଳ ନାହିଁ। ସେହିପରି ବଲାଙ୍ଗିରରେ ବାହା ହୋଇ ପରିବାର ସହ ରହୁଥିବା ସାରଦା ଭାଇ ମଧ୍ୟ ବଲାଙ୍ଗିର ପୋଲିସ ମୁଖ୍ୟାଳୟରୁ ନୋଟିସ୍ ପାଇଛନ୍ତି। ସେ ଟାଉନ୍ ଥାନା ଅନ୍ତର୍ଗତ ଠିକାଦାର ପଡାରେ ସପରିବାରେ ରହୁଛନ୍ତି। ତାଙ୍କ ପିଲାମାନେ ବାହା ହୋଇ ସାରିଲେଣି। ତାଙ୍କ କହିବା କଥା ପାକିସ୍ଥାନରେ ରହୁଥିବା ବାପଘର ସହ ମୋର କୌଣସି ଯୋଗାଯୋଗ ନାହିଁ। ମୁଁ ସେଠାକୁ ଯିବି ବା କିପରି ? ଯେଉଁ ମହିଳାମାନେ ଓଡିଶାର ନାଗରିକଙ୍କୁ ବାହା ହୋଇ ଓଡିଶାର ବୋହୂ ହେବା ସହ ସେମାନଙ୍କ ପିଲା ଛୁଆ ବଡ ହୋଇଗଲେଣି। ସେମାନଙ୍କୁ ପୋଲିସ ଯେଉଁ ନୋଟିସ୍ ଦେଇଛି ତାହା ସେମାନେ ପାଳନ କରିବା କେତେକ କ୍ଷେତ୍ରରେ ସମ୍ଭବ ହେଉନାହିଁ। କେବଳ ଭୁବନେଶ୍ୱର ମହିଳା ଭାରତ ଛାଡିବେ ବୋଲି ସହମତି କରିଥିବା ତାଙ୍କ ସ୍ୱାମୀ କହିଛନ୍ତି।

କଟକରେ ରହୁଥିବା ଜଣେ ପୁରୁଷ ଲୋକଙ୍କୁ ମଧ୍ୟ କଟକ ଡିସିପିଙ୍କ ପକ୍ଷରୁ ଭାରତ ଛାଡିବାକୁ ନୋଟିସ୍ ହୋଇଛି। ତାଙ୍କ ସହ ଯୋଗାଯୋଗ କରିବା ସମ୍ଭବ ହୋଇନଥିବାରୁ ତାଙ୍କ ବିସ୍ତୃତ ବିବରଣୀ ଜାଣି ହୋଇନାହିଁ। ଓଡିଶାରେ ରହୁଥିବା ୧୨ ଜଣଙ୍କ ମଧ୍ୟରୁ ଶନିବାର ସୁଦ୍ଧା ୪ ଜଣ ଚିହ୍ନଟ ହୋଇସାରିଲେଣି। ସେମାନଙ୍କ ମଧ୍ୟରୁ ୩ ଜଣ ଓଡିଶାର ବୋହୂ। ଦୁଇ ଜଣ ଭାରତ ଛାଡିବାକୁ ଅସମର୍ଥ ବୋଲି ଗଣମାଧ୍ୟମକୁ କହିଥିବା ବେଳେ ଭୁବନେଶ୍ୱରରେ ରହୁଥିବା ନଗ୍‌ମା ଇସୁଫ୍ ସରକାରୀ ନିର୍ଦ୍ଦେଶକୁ ପାଳନ କରିବେ ବୋଲି ତାଙ୍କ ସ୍ୱାମୀ କହିଛନ୍ତି। ଚିହ୍ନଟ ହୋଇନଥିବା ଅନ୍ୟ ୮ ଜଣଙ୍କୁ ଚିହ୍ନଟ କରିବା ପାଇଁ ଓଡିଶା ପୋଲିସ ତଲାସି ଜାରି ରଖିଛି ।

## ପ୍ରଶାନ୍ତଙ୍କ...

ଏନ୍‌ଆଇଏ ଟିମ୍ ପହଲଗାମ୍ ଆତଙ୍କୀ ହମଲାର ତଦନ୍ତ କରୁଥିବାରୁ କେବଳ ପ୍ରଶାନ୍ତ ନୁହଁନ୍ତି, ସବୁ ମୃତକଙ୍କ ଘରକୁ ଯାଇ ପଚରାଉଚରା କରି ବୟାନ୍ ରେକର୍ଡ କରୁଥିବା ସୂଚନା ମିଳିଛି। ପ୍ରଶାନ୍ତଙ୍କ ଘରୁ ଏନ୍‌ଆଇଏ ଟିମ୍ ଯିବା ପରେ ତାଙ୍କ ଭାଇ ଗଣମାଧ୍ୟମକୁ ଦେଇଥିବା ସୂଚନାରୁ ଜଣାପଡିଥିଲା ଯେ, ସେମାନେ ଘଟଣା ଦିନର ସମସ୍ତ କଥା ପଚାରିଥିଲେ। ଯିଏ ଗୁଳି କଲେ ସେମାନଙ୍କ ଚେହେରା କିପରି ଥିଲା ଓ କଣ ପଚାରିବା ପରେ ପ୍ରଶାନ୍ତଙ୍କ ଉପରକୁ ଗୁଳି ଚଳାଇଲେ ବୋଲି ତାଙ୍କ ସ୍ତ୍ରୀଙ୍କୁ ପଚାରିଥିଲେ। ସେହିପରି ପୁଅ କଣ ଦେଖିଥିଲା ବୋଲି ତାଙ୍କୁ ମଧ୍ୟ ପଚାରିଥିଲେ। ଏହିପରି ଦୁଇଘଣ୍ଟା ଧରି ଅନେକ ପ୍ରଶ୍ନ ଏନ୍‌ଆଇଏ ଟିମ୍ ପଚାରିଥିବା ପ୍ରଶାନ୍ତଙ୍କ ଭାଇ ଗଣମାଧ୍ୟମକୁ କହିଛନ୍ତି। ଆତଙ୍କୀ ହମଲାର ତଦନ୍ତ ଏନ୍‌ଆଇଏ କରୁଥିବାରୁ ଆମେ ତଦନ୍ତରେ ସହଯୋଗ କରିଥିଲୁ ବୋଲି ତାଙ୍କ ଭାଇ କହିବା ସହ ଅଧିକ କିଛି କହିପାରିନଥିଲେ।

## ଆଜିଠୁ...

ସେପଟେ ପଶ୍ଚିମ ଓଡ଼ିଶାରେ ତାତି ଜାରି ରହିଛି । ଆଜି ବି ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୪.୭ ଡିଗ୍ରୀ ଥିବା ବେଳେ ବୌଦ୍ଧରେ ୪୪.୫ ଡିଗ୍ରୀ, ସମ୍ବଲପୁରରେ ୪୩ ଡିଗ୍ରୀ, ସୋନପୁର ଓ ବଲାଙ୍ଗୀରରେ ୪୨.୨ ଡିଗ୍ରୀ, ଟିଟିଲାଗଡ଼ରେ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଆସନ୍ତା ୧ ତାରିଖ ଯାଏ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । କେତେକ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ ୩୦-୪୦ କିମି ବେଗରେ ପବନ ବୋହିପାରେ । ୨୭ ଓ ୨୮ ତାରିଖରେ ଝଡ଼ବର୍ଷାର ପ୍ରଭାବ ଅଧିକ ରହିପାରେ । ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଆସନ୍ତାକାଲି(ରବିବାର) ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, କୋରାପୁଟ ଓ ଗଞ୍ଜାମ ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାରାଇଛି । ଏହିସବୁ ଜିଲ୍ଲାଗୁଡ଼ିକରେ ଝଡ଼ ତୋଫାନ ବର୍ଷା ସହିତ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କିମି ରହିବ । ଏହାସହ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲାଗୁଡ଼ିକରେ ସ୍ଥାନେସ୍ଥାନେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମି ରହିବ ।

ସୋମବାର ଅର୍ଥାତ ୨୮ ତାରିଖରୁ ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କେନ୍ଦୁଝର, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ କାଳବୈଶାଖୀ ବର୍ଷା ଲାଗି ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ କମିବା ସହିତ କାଳବୈଶାଖୀ ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## କେନ୍ଦ୍ରୀୟ...

ଡେପୁଟେସନ୍‌ରେ ଯିବା ଚୂଡାନ୍ତ ହୋଇଛି । ସେ ବିଏସ୍‌ଏଫ୍‌ର ଡିଆଇଜି ଭାବେ ନିଯୁକ୍ତି ପାଇବେ । ରବିକାନ୍ତ ଓ ମିତ୍ରଭାନୁ ମହାପାତ୍ରଙ୍କୁ ଗୃହ ବିଭାଗରେ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଥିଲା । ସେମାନେ ଆଇପିଏସ୍ ମେସ୍‌ରେ ରହୁଥିଲେ ।

## ୩୫ ବର୍ଷ...

ସହରର ଠିକାଦାରପଡ଼ାରେ ରହୁଛୁ । ଏହା ମଧ୍ୟରେ ମୋର ଗୋଟିଏ ପୁଅ ଓ ଝିଅ ଜନ୍ମ ହୋଇ ଉଭୟଙ୍କ ବାହାଘର ମଧ୍ୟ ହୋଇସାରିଛି । ମୋ ପରିବାର ଏବେ ସମ୍ପ୍ରସାରିତ ହୋଇସାରିଛି । ସେମାନଙ୍କ ପିଲାଛୁଆ ହୋଇଥିବାରୁ ମୁଁ ଆଇ ମାଁ ହୋଇସାରିଛି । ବଲାଙ୍ଗିରକୁ ମୋ ଘର କରିସାରିଛି । ମୋ ପରିବାର ଛାଡ଼ି ମୁଁ ପାକିସ୍ଥାନ କାହିଁକି ଯିବି । ସେଠାରେ ମୋର କିଏ ଅଛି । ପାକିସ୍ତାନରେ ମୋର ନିଜର ଲୋକ ବୋଲି କେହି ନାହାନ୍ତି । ମୁଁ ପାକିସ୍ଥାନର କାହାକୁ ଜାଣିଛି ବୋଲି କହିଛନ୍ତି ଶାରଦା । ପାକିସ୍ତାନ ଛାଡ଼ିବା ପରଠାରୁ ସେଠାକୁ ଆଉ ଯାଇ ନାହିଁ। ନା ମୁଁ କାହା ସହିତ ଫୋନରେ କଥା ହେଉଛି ନା ପାକିସ୍ତାନ କେବେ ଯାଉଛି।

ଶାରଦା କହିଛନ୍ତି ଯେ ମୋର ନିର୍ବାଚନ ପରିଚୟପତ୍ର ଓ ଆଧାରକାର୍ଡ ଅଛି। ନିର୍ବାଚନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ମତଦାନ କରୁଛି । ସ୍ୱାମୀ ଭାରତୀୟ, ପିଲା ମାନେ ବି ଭାରତୀୟ। ମୁଁ ଏବେ ବି ପାକିସ୍ତାନୀ ଭିସାରେ ରହୁଛି। ସରକାରଙ୍କୁ ନିବେଦନ କରୁଛି ମୋର ପରିବାର ଠାରୁ ମୋତେ ଅଲଗା କରନ୍ତୁ ନାହିଁ । ୧୯୯୧ରୁ ତାଙ୍କର ପାସପୋର୍ଟ ଅବଧି ସରିଯାଇଛି । ଶାରଦାଙ୍କୁ ପୁଅ ବୁଲୁ କୁକ୍ରେଜା କହିଛନ୍ତି ଯେ ମାଆଙ୍କ ନାଗରିକତ୍ୱ ପାଇଁ ଅନେକ ଚେଷ୍ଟା କରି ଆବଶ୍ୟକ କାଗଜାତ ପ୍ରସ୍ତୁତ କରି ନିର୍ଦ୍ଦେଷ୍ଟ ସ୍ଥାନରେ ଦାଖଲ କରିଛୁ । ମୋ ମାଆଙ୍କ ଅନ୍ୟ ଭାଇ-ଭଉଣୀଙ୍କ ଭାରତୀୟ ନାଗରିକତ୍ୱ ମିଳିସାରିଥିବା ବେଳେ କେବଳ ମାଆ ଏଥିରୁ ବଞ୍ଚିତ କରନ୍ତୁ । ବାର୍ଦ୍ଧକ୍ୟ ସମୟରେ ଆମକୁ ଛାଡ଼ି ମ୍ୱା କେମିତି ଦେଶ ଛାଡ଼ିବେ । ଏ ଦିଗରେ କେନ୍ଦ୍ର ସରକାର ଆମକୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି କହିଛନ୍ତି ।

# କଳି ସମାଧାନ ହେଲା କାଳ : ଛୁରୀ ମାଡରେ ଛାତ୍ର ମୃତ



ସମ୍ବଲପୁର (ସବ୍ୟୁ) : ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ଚେରୁଆପଡ଼ାରେ ଛୁରୀରେ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ଚେରୁଆପଡ଼ାର ଶ୍ରୀରାମ ଭୋଇଙ୍କ ପୁତ୍ର ରେଙ୍ଗାଲି ପଲିଟେକ୍ନିକ ମହାବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ର ଉତ୍ତମ ଭୋଇ(୧୯) ବୋଲି ଜଣାପଡିଛି । ଏନେଇ ଆକ୍ରମଣକାରୀ ଯୁବକ କାହ୍ନା ବଗର୍ତ୍ତି(୨୦)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ସୂଚନାଯୋଗ୍ୟ, କୌଣସି କଥାକୁ ନେଇ କିଛି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ସାଙ୍ଗମାନଙ୍କ ମଧ୍ୟରେ ହେଉଥିବା ଗଣ୍ଡଗୋଳର ସମାଧାନ କରିବାକୁ ଉତ୍ତମ ସେମାନଙ୍କ ନିକଟରେ ପହଞ୍ଚିଥିଲା। ଉଭୟଙ୍କୁ ବୁଝାଶୁଝା କରିବାକୁ ପ୍ରୟାସ କରିଥିଲେ । ମାତ୍ର ତାଙ୍କ କଥାକୁ କେହି ଗୁରୁତ୍ୱ ନ ଦେବାକୁ ଗଣ୍ଡଗୋଳର ସମାଧାନ ହୋଇ ପାରି ନଥିଲା । ଫଳରେ ସେ ମନ ଦୁଃଖରେ ଆସି ସାଙ୍ଗମାନଙ୍କ ସହିତ ନିକଟରେ ହାଉସିଂବୋର୍ଡ ପଡ଼ିଆରେ ବସି କଥାବାର୍ତ୍ତା କରୁଥିଲେ । ଏହି ସମୟରେ ହଠାତ ଅଭିଯୁକ୍ତ କାହ୍ନା ସେଠାରେ ପହଞ୍ଚି ପାଖରେ ରଖିଥିବା ଏକ ଛୁରିରେ ଉତ୍ତମଙ୍କୁ ଆକ୍ରମଣ କରି ସେଠାରୁ ଫେରାର ହୋଇ ଯାଇଥିଲା । ଆକ୍ରମଣରେ ଉତ୍ତମଙ୍କ ବେକ କଟିଯାଇ ସେ ଗୁରୁତର ଆହତ ହୋଇଥିଲେ। ପ୍ରଚୁର ରକ୍ତଶ୍ରାବ ହେଉଥିବା ଦେଖି ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିସାଳୟକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅପରପକ୍ଷେ ଉତ୍ତମଙ୍କୁ ଆକ୍ରମଣ କରି ଫେରାର ହେବାକୁ ଉଦ୍ୟମ କରୁଥିବା କାହ୍ନାଙ୍କୁ ତାଙ୍କ ସାଙ୍ଗମାନେ ଗୋଡ଼ାଇ ଗୋଡ଼ାଇ ନିସ୍ତୁକି ମାଡ଼ ମାରିଥିଲେ। ଏହି ମସୟରେ ସେହିବାଟ ଦେଇ ଯାଉଥିବା ପୋଲିସ ପାଟ୍ରୋଲିଂ ଦଳ ତାଙ୍କୁ ଉଦ୍ଧାର କରି ଟାଉନଥାନାରେ ଅଟକ ରଖିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ଘଟଣାକୁ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ଜଣାପଡିଛି ।

# ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ



ବୌଦ୍ଧ (ସବ୍ୟୁ) : ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ଆଧାରରେ ବୌଦ୍ଧ ଜିଲ୍ଲାର ମନମୁଣ୍ଡା ପୁଲିସ ଷ୍ଟେସନ୍ ଅନ୍ତର୍ଗତ ମାତାକୁପା ସଂରକ୍ଷିତ ଜଙ୍ଗଲରେ ରେ ଏସଓଜି, ଡିଭିଏଫ ଏବଂ ବୋମା ନିଷ୍କ୍ରିୟ କାରୀ ଦଳର ଏକ ମିଳିତ ଦଳ ବ୍ୟବହାର କରି ବୌଦ୍ଧ ଏସପି ରାହୁଲ ଗୋଏଲଙ୍କ ଦ୍ୱାରା ୨୫ତାରିଖରେ ଏକ ଅପରେସନ୍ ଆରମ୍ଭ ହୋଇଥିଲା । ସୂଚନା ଆଧାରରେ ମନମୁଣ୍ଡା ପୁଲିସ ଥାନା ଅନ୍ତର୍ଗତ କାନାଗୁନ୍ ଗ୍ରାମରୁ ପ୍ରାୟ ୧ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଏକ ମାଓବାଦୀ ଡମ୍ପିଂ ପଏଣ୍ଟ ଅବସ୍ଥିତ ଥିଲା। ୨୬ ତାରିଖ ସକାଳ ପ୍ରାୟ ୮.୩୦ ସମୟରେ ସୁରକ୍ଷା ବାହିନୀ ଡମ୍ପିଂ ପଏଣ୍ଟ ନିକଟରେ ପହଞ୍ଚିଥିଲେ। ଉପଲବ୍ଧ ବିଡି ଟିମ୍ ସହାୟତାରେ ଡମ୍ପ ୟାର୍ଡକୁ ଯାଞ୍ଚ କରିଥିଲେ ଏବଂ ସୁରକ୍ଷା କୁ ପ୍ରାଥମିକତା ଦେଇ ମାଓ ସାମଗ୍ରୀଗୁଡିକୁ ଉଦ୍ଧାର କରିଥିଲେ । ସୁରକ୍ଷା ବାହିନୀ ସେଠାରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଉଦ୍ଧାର କରିଛି । ସେଗୁଡିକ ହେଲା ଡେଟୋନେଟର -୩୬ ଟି, ଜିଲେଟିନ - ୩୩ ଟି, . ଲାଲ ତାର - ୨ ମିଟର, ଘୁଙ୍ଗୁର - ୫ ଯୋଡ଼ା, ଢୋଲ ୧ ଟା, ମାଓ ୟୁନିଫର୍ମ -୧ ଯୋଡ଼ା, କଳା ଟି-ସାର୍ଟ -୧ ଟା, ଷ୍ଟେଥୋସ୍କୋପ୍ - ୦୧ ଟା, କଳା ବେଲ୍ଟ - ୦୧ ଟା, ବ୍ରାଉନ୍ ଜୋତା - ୧ ଯୋଡ଼ା, ମଶାରୀ ୬ ଟି, ରନ୍ଦା - ୦୧ ଟି, ଆରୀ ପାତି ୩ ଟି, ବ୍ୟାଟେରୀ ଚାର୍ଜର ୧ ଟା, ବଟ୍ ପ୍ଲେଟ୍ ୧ ଟି, ଆରୀପାତି ଫ୍ରେମ ୧ ଟି, କିଛି ମାଓ ପୁସ୍ତିକା ଏବଂ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି ଛ ଏହି ସମ୍ପର୍କରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଛି ବୋଲି ବୌଦ୍ଧ ପୁଲିସ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି ।

# ବିଶିଷ୍ଟ ସ୍ଥପତି ଡଃ ଅଜୟ ଚନ୍ଦ୍ର ରାୟଙ୍କ ପରଲୋକ



ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ସ୍ଥପତି ପ୍ରଫେସର ଡଃ ଅଜୟ ଚନ୍ଦ୍ର ରାୟ ସ୍ୱର୍ଗବାସ କରିଛନ୍ତି । ଭୁବନେଶ୍ୱରସ୍ଥିତ ସମ୍ ଅଲ୍ଟିମେଟ୍ ମେଡିକାଲରେ ଦୀର୍ଘ ଦେଢ ମାସ ହେବ ସେ ଚିକିତ୍ସିତ ହେଉଥିଲେ ।ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା । ଶେଷ ଶର୍ଯ୍ୟା ନିକଟରେ ତାଙ୍କ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ସେ୧୯୪୩ ମସିହା ମେ ମାସ ୨ ତାରିଖରେ ଅନୁଗୁଳରେ ଜନ୍ମଗ୍ରହଣ କରିଥିଲେ । ଡଃ ରାୟ ଥିଲେ ଜଣେ ପ୍ରତିଷ୍ଠିତଶିକ୍ଷାବିତ୍, ସମ୍ମାନୀୟ ପରାମର୍ଶଦାତା ଏବଂ ସିଭିଲ୍ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସୁଦକ୍ଷ ବ୍ୟକ୍ତିତ୍ୱ । ଡଃ ରାୟ ୧୯୭୮ମସିହାରେ ଖଡ଼ଗପୁରର ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀରୁ ସିଭିଲ ଇଞ୍ଜିନିୟରିଂରେ ତାଙ୍କର ଏମ୍‌ଟେକ୍‌ଏବଂ ପିଏଚ୍‌ଡି ହାସଲ କରିଥିଲେ । ସେ କୃଷି ବୈଷୟିକ ଏବଂ ପ୍ରଯୁକ୍ତିବିଦ୍ୟାମହାବିଦ୍ୟାଳୟ (ସିଏଇଟି)ରେ ଜେନେରାଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଏବଂ ଭୁବନେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂଏବଂ ଟେକ୍ନୋଲୋଜି (ସିଇଟି) ରେ ସିଭିଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ପ୍ରଫେସର ରାୟଙ୍କ ପରଲୋକରେ ଇଣ୍ଡିଆନ୍ ଆର୍କିଟେକ୍ ଆସୋସିଏସନ୍ ଗଭୀର ଦୁଃଖ ଓ ଶୋକ ପ୍ରକାଶ କରାଯିବା ସହିତତାଙ୍କର ପରିବାର ବୃନ୍ଦ, ସହକର୍ମୀ, ଛାତ୍ର ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ସମବେଦନାଜଣାଇବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ ।

# ବରଯାତ୍ରୀଙ୍କ ପରିସ୍ରା ବସିବାକୁ ନେଇ ସାହି ବିବାଦ : ୪ ଆହତ, ୬ ଅଟକ

ବାରଙ୍ଗ (ସବ୍ୟୁ) : ଶୁକ୍ରବାର ରାତିରେ ତ୍ରିଶୂଳିଆ ଗ୍ରାମରେ ଏକ ବରଯାତ୍ରୀଙ୍କ ଶୋଭାଯାତ୍ରା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଦୁଇଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ହୋଇଛି।ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛ। ପ୍ରକାଶଯେ,ତ୍ରିଶୂଳିଆ ଗ୍ରାମର ସ୍ୱର୍ଗତ ସୁବାଷ ମୁଦୁଲିଙ୍କ ଝିଅ ବାହାଘର ପାଇଁ ଯାଜପୁର ଅଂଚଳରୁ ଶୁକ୍ରବାର ରାତିରେ ବରଯାତ୍ରୀ ଆସିଥିଲେ।ଗାଁ ମୁଣ୍ଡରେ ଏକ ଲସି ସର୍ବତ ଦୋକାନ ସମ୍ମୁଖରେ ଜଣେ ମଦ୍ୟପ ବରଯାତ୍ରୀ ପରିସ୍ରା କରିଥିଲେ। ଏହି ଘଟଣାକୁ ସେଠାରେ ଉପସ୍ଥିତ ଥିବା ତ୍ରିଶୂଳିଆ ଗ୍ରାମ ସିଂ ସାହିର କିଛି ଯୁବକ ବାରଣ କରିଥିଲେ। ଏହାକୁ ନେଇ ବରଯାତ୍ରୀ ଦଳ ଓ ଯୁବକମାନଙ୍କ ମଧ୍ୟରେ ସାମାନ୍ୟ ପାଟିତୁଣ୍ଡ ହୋଇଥିଲା।ବରଯାତ୍ରୀ ଦଳ ଝିଅ ଘର ପାଖରେ ପହଞ୍ଚିବାପରେ ମୁଦୁଲି ସାହିର ୧୦ ରୁ ୧୨ଜଣ ଯୁବକ ସିଂସାହିରେ ପଶି ବରଯାତ୍ରୀଙ୍କ ଖରାପ ବ୍ୟବହାର କରିଥିବା ଯୁବକଙ୍କ ଘର ପାଖକୁ ଯାଇ ପାଟିତୁଣ୍ଡ କରିଥିଲେ।ଏହାକୁ ସିଂ ସାହିର କିଛି ଯୁବକ ପ୍ରତିରୋଧ କରିବାଦ୍ୱାରା ଉଭୟଙ୍କ ମଧ୍ୟରେ ପ୍ରବଳ ବଚସା। ପରେ ମାଡଗୋଳ ହୋଇଥିଲା।ଯାହାଫଳରେ ଉଭୟ ପକ୍ଷରୁ ୪ଜଣ ଯୁବକ ଆହତ ହୋଇଥିଲେ। ଖବର ପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲା। ପରେ ଉଭୟ ପକ୍ଷଙ୍କ ତରଫରୁ ବିଳମ୍ବିତ ରାତିରେ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଉଭୟ ପକ୍ଷରୁ ୬ଜଣ ଯୁବକଙ୍କୁ ଅଟକରଖି ପଚରା ଉଚରା ଚଳାଇଛି।ସୂଚନାଯୋଗ୍ୟ ଯେ, କାର୍ତ୍ତୀକେଶ୍ୱର ପୂଜା ସମୟରୁ ଦୁଇସାହି ମଧ୍ୟରେ ବିବାଦ ଲାଗିରହିଥିବାର ଜଣାପଡିଛି।

# କନ୍ୟା ଘର୍ ଗାଁରେ ଖଣ୍ଡା ବୁଲାଇ ୨ ଗିରଫ



ବାଙ୍କୀ (ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ବ୍ଲକ୍ ଅନ୍ତର୍ଗତ ବୈଦେଶ୍ୱର୍ ଗ୍ରାମର ଜଣେ କନ୍ୟା ସହିତ ଟିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ବର ସହି ବିବାହ ଉତ୍ସବକୁ ଯାଉଥିବା ତୁମୁଳ କାଣ୍ଡ ଘଟିବା ପରେ ପୋଲିସ ୩ ଗୋଟି ଗାଡି ସହିତ ଦୁଇ ଜଣ ଡ୍ରାଇଭରଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ସୂଚନା ଅନୁସାରେ ବୈଦେଶ୍ୱର୍ ଗ୍ରାମ କୈଳାସ ଖଟୁଆଙ୍କ ଝିଅ ସହିତ ବିବହା କରିବାକୁ ଆସିଥିବା ବିନ୍ଧାଣିମା ଗ୍ରାମର ବରଯାତ୍ରୀ ଦଳ ବୈଦେଶ୍ୱର ଗ୍ରାମ୍ୟ ବ୍ୟାଙ୍କ୍ ଛକ ଦେଇ ରାମନାଥ ଙ୍କ ପୀଠକୁ ଯାଉଥିଲା।ବରଯାତ୍ରୀ ଶୋଭାଯାତ୍ରାରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଗୋଟିଏ କାରରେ ବୈଦେଶ୍ୱର୍ ଗ୍ରାମ ସୁବଳ ଦାଶଙ୍କ ପୁଅ ଓ ବୋହୂ ତାଙ୍କ ଶ୍ୱଶୁର ଘର୍‌କୁ ଯାଉଥିଲେ। ତେବେ ବାଟରେ କାର ସାଇଡ଼ ମରାକୁ ନେଇ ପାଟିତୁଣ୍ଡ ହୋଇଥିଲା। ତେବେ କାରରେ ଯାଉଥିବାବ୍ୟକ୍ତି ବୈଦେଶ୍ୱର୍ ବାସିନ୍ଦାହୋଇ ଥିବାରୁ ବରଯାତ୍ରୀ ଦଳ କାରକୁ ବାଡାଉଥିବା ଯୁବକଙ୍କୁ ବାରଣ କରିଥିଲେ ।ମାତ୍ର କେହି ଶୁଣି ନ ଥିଲେ। ଫଳରେ ଆରମ୍ଭ ହେଲା ହାତାହାତ। ପରେ ଆଗରେ ରହିଥିବା ସ୍କର୍ପିଓ ଗାଡିରୁ ଜଣେ ଯୁବକ ଏକ ଖଣ୍ଡା ଆଣି ଭୟଭୀତ କରି ଶେଷରେ ଖଣ୍ଡାରେ ତିନି ଜଣଙ୍କୁ ଆକ୍ରମଣ କଲା। ସମସ୍ତେ ଆହାତ ହୋଇ କଳାପଥର ଡାକ୍ତରଖନା ରେ ଚିକିତ୍ସିତ ହୋଇ ଫେରିଛନ୍ତି ।ସେପଟେ ଖବର ପାଇ ପୋଲିସ ପହଞ୍ଚି ସ୍କର୍ପିଓ, କାର, ଓ ଡିଜେ ବାଜୁଥିବା ଗାଡ଼ିକୁ ଆଣି ଥାନାରେ ଅଟକ ରଖି ଥିଲା। ଶନିବାର ଦିନ ବିନ୍ଧାଣିମା ଗ୍ରାମ ର ସନ୍ତୋଷ କୁମାର ବେହେରା ଓ ଦିବ୍ୟ ରଞ୍ଜନ ଚିନାରା ଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି ପୋଲିସ।ମାତ୍ର ପ୍ରକୃତ ଯେଉଁ ଯୁବକ ଜଣକ ଖଣ୍ଡାରେ ଆକ୍ରମଣ କରିଛି ସେହି ଖଣ୍ଡାକୁ ପୋଲିସ ଉଦ୍ଧାର କରି ନ ପାରି ଗାଡ଼ିର ଡ୍ରାଇଭରକୁ ଗିରଫ କରିବାରୁ ଗିରଫ ହୋଇଥିବା ଯୁବକ ଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକୃତ ପକ୍ଷେ ଗଣ୍ଡଗୋଳ ଆରମ୍ଭ କରି ଶୋଭାଯାତ୍ରାରେ ଆତଙ୍କ ସୃଷ୍ଟି କରିଥିବା ସମସ୍ତ ଯୁବକ ଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ଅଭିଯୋଗ କାରୀ। ଯେଉଁ ଖଣ୍ଡାଯୁବକ ଧରି ଆକ୍ରମଣ କରୁଥିଲା ସେ ଖଣ୍ଡା ପୋଲିସ ଜବତ କରି ପାରି ନ ଥିବା ବେଳେ ଆଉ ଗୋଟିଏ ଖଣ୍ଡାକୁ ପୁଣି ସ୍କର୍ପିଓ ଗାଡ଼ି ରୁ ଜବତ ହୋଇଥିବାର ସୂଚନା ଦେଇଛନ୍ତି ବାଙ୍କୀ ଏସ ଡି ପି ଓ, ବାଳକୃଷ୍ଣ କଅଁର । ତେବେ ପ୍ରକୃତ ଗଣ୍ଡଗୋଳ କାରୀ ଙ୍କୁ ସି ସି ଟିଭି ଫୁଟେଜକୁ ଆଧାର କରି ତଦନ୍ତ କରି ଗିରଫ କରିବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ ।

# ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

ମୁମ୍ବାଇ : ଉଭୟ ବ୍ୟବସାୟ ଓ ଚିତବିନୋଦନ କ୍ଷେତ୍ରର ଅଗ୍ରଣୀ ଆତିଥେୟତା କମ୍ପାନି ପ୍ରେଷ୍ଟିଜ୍ ହୋଟେଲ୍‌ଭେଂଚର୍ସ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି।ଏହି ଆଇପିଓରେ କମ୍ପାନି ପକ୍ଷରୁ ୧୭୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର୍‌ସେଲ୍‌ରେ ଅଂଶଧନକାରୀମାନେ ୧୦୦୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ଅଫର୍ ଫର୍ ସେଲ୍‌ରେ ପ୍ରେଷ୍ଟିଜ୍ ଇଷ୍ଟେଟ୍‌ସ ପ୍ରୋଜେକ୍ଟସ୍ ଲିମିଟେଡ୍ ପକ୍ଷରୁ ଇକ୍ୱିଟି ସେୟାର ବିକ୍ରି କରାଯିବା।ଏହି ଇସ୍ୟୁରୁ ମିଳିବାକୁ ଥିବା ପାଣ୍ଠିରୁ ପ୍ରେଷ୍ଟିଜ୍ ହୋଟେଲ୍ ଭେଂଚର୍ସ ଲିମିଟେଡ୍ ପକ୍ଷରୁ ୧୧୨୧.୨୭୬ କୋଟିଟଙ୍କାକୁ କିଛି ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରାଯିବ, କମ୍ପାନି ଓ ଏହାର କଂଚାମାଲ ସହାୟକ କମ୍ପାନି ସାଇଚକ୍ର ହୋଟେଲ୍‌ସ ପ୍ରାଇଭେଟ୍ ଲିମିଟେଡ୍ ହାସଲ କରିଥିବା ୩୧୭.୨୪୮ କୋଟି ଟଙ୍କା ଏବଂ ନର୍ଥଲ୍ୟାଣ୍ଡ ହୋଲ୍‌ଡିଂକମ୍ପାନି ପ୍ରାଇଭେଟ୍ ଲିମିଟେଡ୍‌ରେ ନିବେଶ ବାବଦରେ ୭୨୪.୦୨୮ କୋଟି ଟଙ୍କା ବ୍ୟବହାର କରାଯିବ। ଚିହ୍ନଟ ହୋଇନଥିବା ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ସାଧାରଣ କର୍ପୋରେଟ୍ ଉଦ୍ଦେଶ୍ୟରେ କମ୍ପାନି ପକ୍ଷରୁ ପାଣ୍ଠି ବ୍ୟବହାର କରାଯିବା।ପରିଚାଳନା କରୁଛି।ାନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ କୋଟାକ୍ ମହିନ୍ଦ୍ରା କ୍ୟାପିଟାଲ୍ କମ୍ପାନି ଲିମିଟେଡ୍ ।

# ରିଟେଲ ନିବେଶକଙ୍କ ପାଇଁ ଫ୍ଲେକ୍ସି କ୍ୟାପ ଫଣ୍ଡ



ମୁମ୍ବାଇ: ଭାରତୀୟ ଷ୍ଟକ ବଜାର ଏବେ ଏକ ଚମତ୍କାର ମୋଡରେ ରହିଛି। ବିଶ୍ୱ ଟାରିଫ ଯୁଦ୍ଧ ଓ ଅଥନୈତିକଆହ୍ୱାନ ପ୍ରଭାବରେ ସାରା ବିଶ୍ୱରେ ବଜାର ଅତ୍ୟନ୍ତ ଅସ୍ଥିର ରହିଛି। ଅସ୍ଥିରତା ମାପକ ଭାରତ ଭିଆଇଏକ୍ସ (ଅସ୍ଥିରତାସୂଚକାଙ୍କ) ବର୍ତ୍ତମାନ ୨୦୨୫ ଏପ୍ରିଲ ୧୭ ସୁଦ୍ଧା ୧୫.୪୭ ରହିଛି ଯାହା ଦର୍ଶାଉଛି ଯେ ନିବେଶକମାନେ ନିକଟଭବିଷ୍ୟତରେ ମୂଲ୍ୟରେ ଅସ୍ଥିରତାକୁ ସାମ୍ନା କରିବେ।ଏଭଳି ପରିବେଶରେ ଖୁଚୁରା ନିବେଶକମାନଙ୍କୁ ଏଭଳି ରଣନୀତି ଆପଣେଇବାକୁ ପଡ଼ିବ ଯେଉଁଥିରେ ଅଭିବୃଦ୍ଧି ଓବିବିଧକରଣର ମିଶ୍ରଣ ରହିଥିବ। ଫ୍ଲେକ୍ସି କ୍ୟାପ ଫଣ୍ଡ ଏକ ଚମତ୍କାର ସମାଧାନ ଭାବେ ଉଭା ହୋଇଛି। ଏହି ସ୍ୱତନ୍ତ୍ରଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ପାଣ୍ଠିକୁ ଲାର୍ଜ କ୍ୟାପ, ମିଡ କ୍ୟାପ ଓ ସ୍ମଲ କ୍ୟାପ କମ୍ପାନିଗୁଡ଼ିକରେ ବିନା କୌଣସି ପ୍ରତିବନ୍ଧକରେ ନିବେଶ କରାଯାଉଛି। ଏହି ସୁବିଧା ଫଣ୍ଡ ମ୍ୟାନେଜରମାନଙ୍କୁ ସଂପତିକୁ ବଜାରର ଚଳନ ଚକ୍ରଅନୁସାରେ ଚମତ୍କାର ଢଙ୍ଗରେ ଆବଂଟନ କରିବାର ସୁଯୋଗ ପ୍ରଦାନ କରୁଛି। ଯେତେବେଳେ ସ୍ଥିରତା ଦରକାରସେମାନେ ଲାର୍ଜ କ୍ୟାପ ଆଡ଼କୁ ପରିବର୍ତ୍ତିତ ହେବେ। ଯେତେବେଳେ ରିସ୍କ-ରିୱାର୍ଡ ସୁହାଇବ। ଭଳି ସେମାନେ ଉଚ୍ଚଅଭିବୃଦ୍ଧି ଦେଉଥିବା ମିଡ ଓ ସ୍ମଲ କ୍ୟାପ ଆଡ଼କୁ ଢଳିପାରିବେ।ଅସ୍ଥିରତାସମୟରେ ବିକଳ୍ପ କେବଳ ଏକ ଆବଶ୍ୟକା ନୁହେଁ, ଏହା ଏକ ରଣନୀତି ବୋଲି ଟାଟା ଆସେଟ ମ୍ୟାନେଜମେଂଟର ଫଣ୍ଡ ମ୍ୟାନେଜର ମୀତା ସେଟ୍ଟି କହିଛନ୍ତି।ଟାଟା ଫ୍ଲେକ୍ସି କ୍ୟାପ୍ ଫଣ୍ଡ ଦ୍ୱେଦ ନିବେଶ, କ୍ଷେତ୍ର ପରିବର୍ତନ ଦର୍ଶନକୁ ଅନୁସରଣ କରୁଛି ଯେଉଁଠାରେ କମ ମୂଲ୍ୟଥିବା କ୍ଷେତ୍ରକୁ କିଣିବା ଏବଂ ଅଧିକ ମୂଲ୍ୟ ଥିବା କ୍ଷେତ୍ର ବିକ୍ରି କରିବା ଉପରେ ଆମେ ଧ୍ୟାନ ଦେଉଛୁ ଏବଂ ଉଚ୍ଚ ଅଭିବୃଦ୍ଧି ସମ୍ଭାବନା, ସ୍ଥାୟୀ ବ୍ୟବସାୟ ମଡେଲ ଓ କମ ଋଣ ଥିବା କମ୍ପାନି ଚୟନ କରିବା ଲାଗି ବଟମ ଅପ ପଦ୍ଧତି ଉପରେ ଗୁରୁତ୍ୱ ଦେଉଛୁ ।


**AFFIDAVIT**

By virtue of an affidavit sworn in by me in the court of the Executive Magistrate, Bhubaneswar dt. 24.04.2025 CF No. 29 that I smt. Tripura Lenka age about 49years. Wife of Arjun Lenka. Res. Plot No. 189 Jaydeb Vihar PO-RRL, Bhubaneswsr, Dist-Khordha. do here by declared that I myself Tripura Lenka and Chandrika Lenka is one and same person. In the school certificate of my daughter Ayusmita Lenka vide. Sl. No. 23/2025 dt. 07.04.2025 from Govt. Up school IRC village S-6Bhubaneswar my name has been wrongly mentioned as Chandrika Lenka instead of Tripura Lenka. Hence forth I will be known as Tripura Lenka for all purpose.

Sd/- Tripura Lenka



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡୋଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ
# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସଚେତନତା ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲାର ନାକରୁଣ୍ଡି ଏବଂ ଗୁଣପୁର ନାମକ ଦୁଇଟି ଗ୍ରାମରେ ସଚେତନତା ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନରେ ୩୮୦ ରୁ ଅଧିକ ବାସିନ୍ଦାଙ୍କୁ ଆକର୍ଷିତ କରି ଅଭିଜ୍ଞ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଆକର୍ଷଣୀୟ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା । ପୂର୍ବରୁ ସିଜିମାଳି ବକ୍ସାଇଟ୍ ଟିମ୍ ଦ୍ୱାରା ବଣ୍ଟନ କରାଯାଇଥିବା ଔଷଧଯୁକ୍ତ ମଶାରୀ ବ୍ୟବହାର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଏହି ପଥପ୍ରାନ୍ତ ନାଟକଗୁଡ଼ିକ ପ୍ରମୁଖ ମ୍ୟାଲେରିଆ ପ୍ରତିରୋଧ ରଣନୀତି ଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିଥିଲା । ଏହି ପ୍ରଦର୍ଶନ ପରେ ଉପସ୍ଥିତ ଲୋକଙ୍କୁ ନେଇ ଆଲୋଚନା କରାଯାଇଥିଲା, ଯାହା ଗ୍ରାମବାସୀଙ୍କୁ ପ୍ରଶ୍ନ ପଚାରିବା ଏବଂ ଅଭିଜ୍ଞତା ବାଣ୍ଟିବାରେ ସକ୍ଷମ କରିଥିଲା । ଯାହାଦ୍ୱାରା ମ୍ୟାଲେରିଆ ନିୟନ୍ତ୍ରଣ ବିଷୟରେ ଗୋଷ୍ଠି ବୁଝାମଣା ବୃଦ୍ଧି ପାଇଥିଲା । ଏହି କାର୍ଯ୍ୟକ୍ରମ ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟସେବା ଏବଂ ଗୋଷ୍ଠି କଲ୍ୟାଣ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଅଂଶ ବିଶେଷ । କମ୍ପାନୀ ଗତ ବର୍ଷ ସ୍ୱାସ୍ଥ୍ୟ ଶିବିର, ସ୍ୱର୍ଣ୍ଣ ପ୍ରାଶନ ଟୀକାକରଣ ପଦକ୍ଷେପ ଏବଂ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ୪୫,୦୦୦ ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ।




କଳାହାଣ୍ଡି ଜିଲ୍ଲା ଏକଦା ଦାରିଦ୍ର୍ୟ ପାଇଁ କୁଖ୍ୟାତି ଅର୍ଜନ କରିଥିଲା । ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ନଗଣ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମି, କମ୍ ସଚେତନତା ଏବଂ ଅଧିକ ରୋଗ ବୋଝ ଯୋଗୁଁ ସଂଘର୍ଷ କରୁଥିଲା । ଦଶନ୍ଧି ଦଶନ୍ଧି ଧରି ମ୍ୟାଲେରିଆ ଏକ ନିରନ୍ତର ବିପଦ ଭାବରେ ଉଭା ହୋଇଥିଲା, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ମୌଳିକ ପରିମଳ ଅଭାବରୁ କଳାହାଣ୍ଡି ଜିଲ୍ଲାର ଦୂର ଦୂରାନ୍ତର ଗ୍ରାମବାସୀମାନେ ବାରମ୍ବାର ଏହି ରୋଗର ଶିକାର ହେଉଥିଲେ । ତେବେ ଗତ ଦୁଇ ଦଶନ୍ଧି ମଧ୍ୟରେ ଏହି କାହାଣୀ ନାଟକୀୟ ଭାବେ ବଦଳିଛି– ଏହି ଅଞ୍ଚଳରେ ବେଦାନ୍ତ ଆଲୁମିନିୟମର ନିରନ୍ତର ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇଛି । ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି ଯେ ଉତ୍ତମ ସ୍ୱାସ୍ଥ୍ୟସେବା ହେଉଛି ସମୃଦ୍ଧ ଗୋଷ୍ଠି ଏବଂ ସ୍ଥାୟୀ ବିକାଶର ମୂଳଦୁଆ । ଆମର ପ୍ରତିବଦ୍ଧତା ସ୍ୱାସ୍ଥ୍ୟସେବା ପ୍ରଦାନ ଠାରୁ ଊର୍ଦ୍ଧ୍ୱରେ । ଆମେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସୁସ୍ଥତାର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛୁ ଯାହା ତୃଣମୂଳ ସ୍ତରରେ ବ୍ୟକ୍ତିବିଶେଷଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିଥାଏ । ମ୍ୟାଲେରିଆ ପ୍ରତିରୋଧ ହେଉ, ପୁଷ୍ଟିସାଧନ ସଚେତନତା ହେଉ, କିମ୍ବା ଯୋଗ ଏବଂ କର୍କଟ ଶିକ୍ଷା ଭଳି ସାମଗ୍ରିକ ସ୍ୱାସ୍ଥ୍ୟ ପଦକ୍ଷେପ ହେଉ, ଆମର ଲକ୍ଷ୍ୟ ହେଉଛି ସୁସ୍ଥ ଜୀବନଶୈଳୀକୁ ସକ୍ଷମ ଏବଂ ସୁସ୍ଥ ସମ୍ପ୍ରଦାୟ ଗଠନ କରି ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ।

ବେଦାନ୍ତ ଆଲୁମିନିୟମ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ଏବଂ ସଂସ୍କୃତି କ୍ଷେତ୍ରରେ ଉତ୍ସର୍ଗୀକୃତ ହସ୍ତକ୍ଷେପ ମାଧ୍ୟମରେ ସ୍ଥାନୀୟ ଗୋଷ୍ଠିକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ । ଏହି ପ୍ରୟାସ ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ଦିଗରେ ଗୋଷ୍ଠି ଯୋଗଦାନର ଭାବନାକୁ ପ୍ରୋତ୍ସାହିତ କରି ଏହାର ପରିଚାଳନା କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ରେଖାଙ୍କିତ କରିଥାଏ । ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠି ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ ରକ୍ଷାକରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ବାସ୍ତବ ସାମାଜିକ-ଅର୍ଥନୈତିକ ପ୍ରଗତି ଆଡ଼କୁ ନେଇଯିବ । ଯତ୍ନ ଏବଂ ଭାଗିଦାରୀର ନୈତିକତା ଉପରେ ଆଧାରିତ ବେଦାନ୍ତର ସାମାଜିକ ପ୍ରଭାବ ପଦକ୍ଷେପଗୁଡ଼ିକ କଳାହାଣ୍ଡି ଜିଲ୍ଲାର ୬୭ଟି ଗାଁର ଦେ ଲକ୍ଷ ଲୋକ ଏବଂ ଓଡ଼ିଶାର ୫ ଲକ୍ଷ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିବାରେ ସଫଳ ହୋଇଛି ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଶ୍ରଦ୍ଧାଞ୍ଜଳି
# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅବିସ୍ମରଣୀୟ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ । ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ଦୁଇଥର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି ବୋଲି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଶନିବାର ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଭୁବନେଶ୍ୱରସ୍ଥ ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଲେ ଯେ ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳ ଏକତ୍ରୀକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ ଭାବରେ ସର୍ବଜନବିଦିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏକାଧାରରେ ଜଣେ ସୁଯୋଗ୍ୟ ଶାସକ, ଜାତିପ୍ରାଣ, ଦକ୍ଷ ପ୍ରଶାସକ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନନ୍ୟ ବିନ୍ଧାଣି ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଉଲ୍ଲେଖନୀୟ । ବିଖଣ୍ଡିତ ଓଡ଼ିଶା ଏବଂ ଲୁପ୍ତପ୍ରାୟ ଓଡ଼ିଆ ଭାଷାର ପୁନରୁଦ୍ଧାର କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଆପ୍ରାଣ ଉଦ୍ୟମ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଶାସକ ସରୋଜ କୁମାର ସାମଲ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୀବନୀ, କୃତି ଓ କୀର୍ତ୍ତି ଉପରେ ନିଜର ସାରଗର୍ଭକ ବକ୍ତବ୍ୟ ରଖିଥିଲେ ।



ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାରମାନେ ସମସ୍ତେ ଉପାନ୍ତ ଅଂଚଳର । ଉତ୍କଳ ଦିବସ ପାଳନ ଅବସରରେ ଯେଉଁ ଚିରସ୍ମରଣୀୟ ବ୍ୟକ୍ତିତ୍ୱ ଆମ ସାମ୍ନାକୁ ଆସନ୍ତି ସେମାନଙ୍କ ମଧ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଅନନ୍ୟ ଓ ଅନ୍ୟତମ ବ୍ୟକ୍ତି । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଜଣେ ପ୍ରଜାନୁରଞ୍ଜନ ଶାସକ ଥିଲେ । ଭାଷା, ସାହିତ୍ୟ, ସଂସ୍କୃତି ସହିତ ଏକ ଉନ୍ନତ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଥିଲେ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଭକ୍ତିସଂଗୀତ ସଂସଦ, ପାରଳାଖେମୁଣ୍ଡି କଳାକାରମାନଙ୍କ ଦ୍ୱାରା ଭକ୍ତି ସଂଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଆଦିଶକ୍ତି ଟ୍ରଷ୍ଟ ପକ୍ଷରୁ ମାସିକ ନିୟୁଜ ଲେଟର ଅନନ୍ତା ଇଂଲିଶ ଓ ଓଡ଼ିଆରେ ପ୍ରକାଶନ ସମ୍ବନ୍ଧରେ ଆଲୋଚନାଚକ୍ର

ଭୁବନେଶ୍ୱର (ସବ୍ୟୁ): ଆଦିଶକ୍ତି ଟ୍ରଷ୍ଟର ମାସିକ ନିୟୁଜ ପତ୍ରିକା ଅନନ୍ତା (ଇଂଲିଶ ଓ ଓଡ଼ିଆ )ରେ ଆଗାମୀ ଦିନରେ ପ୍ରକାଶ ପାଇବ । ଏହି ଅବସରରେ ଆଗାମୀ ଦିନରେ ସର୍ବ ଭାରତୀୟ ସ୍ତର ରେ ମା ଆଦିଶକ୍ତି ଙ୍କ ପ୍ରଚାର ଓ ପ୍ରସାର କରାଯାଇ ପାରିବ ଚେଷ୍ଟା କରାଯିବ । ସେ ବିଷୟରେ ସମସ୍ତ ଙ୍କ ମତାମତ ପାଇଁ ଏକ ଆଲୋଚନା ଚକ୍ର ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ସଭାପତି ଡ଼ ନାରାୟଣ ମହାପାତ୍ର ଓ ଉମାନାଥ ମିଶ୍ରଙ୍କ ସଂଯୋଜନା ରେ ସହିଦନଗର ସ୍ଥିତ ଆଦିଶକ୍ତି ଟ୍ରଷ୍ଟ ଅଫିସ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ବଡ଼ ଭାଇ ବିଜୟ ପଣ୍ଡା, ସୁଧୀର ଶତପଥୀ, ଚନ୍ଦନ କୁମାର ପାଲିତ, ନିକୁଞ୍ଜ କୁମାର ମହାନ୍ତି, ଜିତେନ୍ଦ୍ର ରଥ ପ୍ରଦୀପ୍ତ ମହାରଣା, ବିଶ୍ୱପ୍ରସାଦ ମହାନ୍ତି, ମଳୟ ରଞ୍ଜନ ମହାପାତ୍ର, ଦେବାଶିଷ ସାହୁ ଶ୍ରୀନିବାସ ରାଓ ସବ୍ୟସାଚୀ ମହାପାତ୍ର ଆଲୋକ ପୃଷ୍ଟି, ଗୋଲଡି ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏଥିପାଇଁ ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।



## ବ୍ରିଟାନିଆ ମ୍ୟାରିଗୋଲ୍ଡ ପକ୍ଷରୁ
# ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଟ.୧୦ ଲକ୍ଷ ଗୋଲଡେନ୍ ଗ୍ରାଣ୍ଟ ସୁଯୋଗ

ଭୁବନେଶ୍ୱର (ସବ୍ୟୁ): ବ୍ରିଟାନିଆ ମ୍ୟାରିଗୋଲ୍ଡ ହର୍ ଷ୍ଟାର୍ଟ ଅପ୍ ସୋ'ର ସିଜିନ୍ ୨ ଲଂଚ୍ ଘୋଷଣା କରିଛି । ଗ୍ରୁପ୍‌ଏମ୍ ମୋସନ୍ ଏଂଟରଟେନମେଂଟ ଆଣ୍ଡ ମାଇଣ୍ଡସେୟାର, ସହିତ ସହମତି କ୍ରମେ ଲଂଚ୍ ହୋଇଛି, ଏହା ହେଉଛି ଜାତୀୟ ସ୍ତରର ପ୍ରଥମ ରିୟଲିଟି ସିରିଜ୍ ଯାହାକି ଦେଶବ୍ୟାପୀ ମହିଳା ଉଦ୍ୟୋଗୀମାନେ ସେମାନଙ୍କର ନୂଆ ନୂଆ ଚିନ୍ତାଧାରାକୁ ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ ପାଲଟିଛି । ଏହି ସୋ'ର ପ୍ରିମିୟମ୍, ଏପ୍ରିଲ୍ ୧୯ ତାରିଖ ଦିନ ଜିଓହଟ୍‌ଷ୍ଟାରରେ ହୋଇସାରିଛି, ଏଥିରେ ୧୦ ଲକ୍ଷ ଟଙ୍କାର ଗୋଲଡେନ୍ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ୪୦ ଜଣ ଫାଇନାଲିଷ୍ଟ ସାମିଲ୍ ହୋଇଛନ୍ତି ।

ଗ୍ରୁପ୍‌ଏମ୍ ମୋସନ୍ କଂଟେଟର ବିଷୟ ପରିକଳ୍ପନା ସହିତ ବ୍ରିଟାନିଆ ମ୍ୟାରିଗୋଲ୍ଡ ହର୍ ଷ୍ଟାର୍ଟଅପ୍ ସୋ' କେବଳ ଏକ ସିରିଜର ସୀମିତ ହୋଇ ରହିନାହିଁ – ଏହା ହେଉଛି ପରିବର୍ତନର ଏକ ତ୍ୱରକ ଯାହାକି ମହିଳାମାନଙ୍କର ସ୍ୱପ୍ନ ଓ ଭାବନାକୁ ବାସ୍ତବତାରେ ରୂପା'ରିତ କରିବା ପାଇଁ ପାଣି ପ୍ରଦାନ, ମେଂଟରସିପ୍ ବା ମାର୍ଗଦର୍ଶନ ଏବଂ ଜାତୀୟସ୍ତରରେ ଦୃଶ୍ୟମାନତା ମାଧ୍ୟମରେ ସହାୟତା ପ୍ରଦାନ କରୁଛି । ଏହି ସୋ ହେଉଛି ଜୁଲାଇ ୨୦୨୪ରେ ଲଂଚ କରାଯାଇଥିବା ବ୍ରିଟାନିଆ ମ୍ୟାରିଗୋଲ୍ଡ ହର୍ ଷ୍ଟାର୍ଟଅପ୍ କଂଟେଷ୍ଟର ପୂର୍ତି, ଯେଉଁଥିରେ ଭାରତବ୍ୟାପୀ ଏକ ଲକ୍ଷରୁ ଅଧିକ ମହତ୍ୱାକାଂକ୍ଷୀ ମହିଳା ଅଂଶଗ୍ରହଣ କରିଥିଲେ ।

# ସାରସ୍ୱତ ସାଧକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ, (ସବ୍ୟୁ): ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ତଥା ଦୈନିକ ଓଡ଼ିଆ ଖବରକାଗଜ 'କାଳାନ୍ତର'ର ପ୍ରତିଷ୍ଠାତା ସ୍ୱର୍ଗତ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହନାଥ ସିଂହ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ବର୍ଷୀୟାନ ସାମ୍ବାଦିକ ସର୍ବେଶ୍ୱର ଦାଶ ପ୍ରମୁଖ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳ ଚିତ୍ରକୁ ଉନ୍ମୋଚିତ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ପରେ ଅନୁଷ୍ଠାନ ପକ୍ଷରୁ ମତୃବନ୍ଦନା ଗାନ କରାଯାଇଥିଲା । ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରସାଦ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଗଠକ ସମ୍ପାଦକ ଡ଼ଃ ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । କାଳାନ୍ତର ଖବରକାଗଜର ଉତ୍ତରଦାୟଦ ସୌମ୍ୟକାନ୍ତ ସାମନ୍ତରାୟ ଏଥିରେ ଯୋଗ ଦେଇ ଉପେନ୍ଦ୍ର ବାବୁଙ୍କ ସହ ବିତାଇଥିବା ସ୍ମୃତିକୁ ବଖାଣିଥିଲେ । ଶେଷରେ କାର୍ଯ୍ୟକାରୀ ସଦସ୍ୟ ଦିଲ୍ଲିପ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଡିଭାଇନ୍‌ର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର (ସବ୍ୟୁ): ସାଂସ୍କୃତିକ ଅନୁଷ୍ଠାନ ଡିଭାଇନ୍ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଏକାଡେମୀର ଦୁଇ ଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ରବିନ୍ଦ୍ର ମଣ୍ଡପ ଠାରେ ଉଦ୍‌ଯାପିତ ହୋଇଯାଇଛି । ଗତକାଲି ପ୍ରଥମ ଦିବସରେ ଓଡ଼ିଶୀ ନୃତ୍ୟ ମହୋତ୍ସବ 'ଦିବ୍ୟତ୍ୱମ' ଅନୁଷ୍ଠିତ ହୋଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପରିବେଷଣ ଥିଲା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କର ଏକକ ନୃତ୍ୟ ପ୍ରଦର୍ଶନ । ଏହାପରେ ବିଶିଷ୍ଟ ନୃତ୍ୟଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଯୁଗଳ ନୃତ୍ୟ, ଗୁରୁ ପୁଷ୍ପିତା ମିଶ୍ରଙ୍କ ଦଳଗତ ନୃତ୍ୟ, ଡିଭାଇନ୍ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ଓ ଗୁରୁ ଶ୍ରୀ ବିଜୟ ସାହୁଙ୍କ ନିର୍ଦ୍ଦେଶନାରେ ଗୋଟିପୁଅ ନୃତ୍ୟ ପର୍ଯ୍ୟାୟକ୍ରମେ ପରିବେଷଣ କରାଯାଇଥିଲା । ମୋଟ ୭୦ଜଣ କଳାକାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଇଣ୍ଡସ୍‌ଟେକ୍ ଟେକ୍ନୋଲଜି କମ୍ପାନୀର ଆର.କେ.ଦେ, ଆସାନୀ ଆବାକସ୍‌ର ପ୍ରତିଷ୍ଠାତା ତଥା ଆଞ୍ଚଳିକ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ଗୌଡ଼, ବିଶିଷ୍ଟ ସମାଜସେବୀ ତଥା ଜନନେତା ସୁରେଶ ରଥ । ଅତିଥିମାନଙ୍କ ଗହଣରେ ଅନୁଷ୍ଠାନର ମୁଖ୍ୟ ପରିଚାଳିକା ଶ୍ରୀମତୀ ଚନ୍ଦ୍ରିକା ଦାଶ, ବିଶିଷ୍ଟ ବୈଜ୍ଞାନିକ ଶ୍ରୀମତୀ ଦିପାଳି ସାହୁ ଓ ପ୍ରଶାସକ ଶ୍ରୀମତୀ ପ୍ରଜ୍ଞା ପାରମିତା ଥାଟୋଇ ମିଳିତ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପେହେଲ୍‌ଗାମ୍ ଉପତ୍ୟକାରେ ଆତଙ୍କବାଦୀଙ୍କ ଦ୍ୱାରା ଅକାଳରେ ସହୀଦ୍ ହୋଇଥିବା ଭାରତୀୟ ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଖ୍ୟାତନାମା ଉପସ୍ଥାପକ ଇଂ ଶ୍ରୀନିବାସ ଘଟୁଆରୀ (ମିଳନ) ।



## ପହଲଗାମ ଆତଙ୍କବାଦୀ ଆକ୍ରମଣ ପୀଡିତଙ୍କ ପାଇଁ
# ଏନଏସଇ ପକ୍ଷରୁ ୧ କୋଟିର ସହାୟତା

ଭୁବନେଶ୍ୱର, (ସବ୍ୟୁ) : ଜମ୍ମୁ ଓ କଶ୍ମୀରର ପହଲଗାମ ଠାରେ ଗତ ଏପ୍ରିଲ ୨୨, ୨୦୨୫ରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣ ପୁରା ଦେଶକୁ ସ୍ତବ୍ଧ କରିଦେଇଛି । ଯେଉଁଥିରେ ଅନେକ ନୀରିହ ଲୋକଙ୍କ ଜୀବନ ଚାଲିଯାଇଛି ଏବଂ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଛି । ଏଭଳି ପରିସ୍ଥିତିରେ ନ୍ୟାସନାଲ ଷ୍ଟକ ଏକ୍ସଚେ ଅଫ ଇଣ୍ଡିଆ (ଏନଏସଇ) ଏହି ଆକ୍ରମଣରେ ପୀଡିତଙ୍କ ପ୍ରତି ସମର୍ଥନ ପାଇଁ ଆଗେଇ ଆସିଛି । ଏହି ହୃଦୟ ବିଦାରକ ହିଂସାକାଣ୍ଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା କରିବା ପାଇଁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ଦେବାକୁ ପ୍ରତିଶ୍ରୁତି ଦେଇଛି ଏନଏସଇ । ଏହି ଦୁଃଖ ଏବଂ ସଙ୍କଟ ସମୟରେ ଏନଏସଇ ଦେଶ ସହିତ ଦୃଢ଼ ଭାବେ ଠିଆ ହୋଇଛି । ଏନେଇ ଏନଏସଇର ଏମଡି ଏବଂ ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, 'ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ । ଆମର ସମବେଦନା ଏବଂ ପ୍ରାର୍ଥନା ପ୍ରଭାବିତ ପରିବାରମାନଙ୍କ ସହିତ ରହିଛି ଏବଂ ଆମେ ଆଶା କରୁଛୁ ଯେ ସେମାନଙ୍କୁ ଯଥାସମ୍ଭବ ସହାୟତା ମିଳିବ ।

# ହାଇଟେକ୍ ମେଡିକାଲ କଲେଜର ୧୫ତମ ସ୍ନାତକ ଉତ୍ସବ ଚରକ–୨୦୨୫

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ଭୁବନେଶ୍ୱର ବର୍ତ୍ତମାନ ସୁଦ୍ଧା ଓଡିଶାକୁ ୧୫୦୦ ମେଧାବୀ ଚିକିତ୍ସାବିତ୍ ସୃଷ୍ଟି କରି ଏକ ଅନନ୍ୟ ଇତିହାସ ସୃଷ୍ଟି କରିଛି । ଏହି ପରିଅବସ୍ଥା ଜାରି ରହିଲେ ଆଗାମୀ ଦିନରେ ଓଡିଶା ଭାରତରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି ଓଡିଶା ଉଚ୍ଚନ୍ୟାୟାଳୟର ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ହାଇଟେକ୍ ମେଡିକାଲ କଲେଜର ଚରକ–୨୦୨୫ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଛନ୍ତି । ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ଭୁବନେଶ୍ୱର, ରାଉରକେଲା ଏବଂ ତିରୁପତି ବାଲାଜୀ ଠାରେ ମେଡିକାଲ କଲେଜ ମାଧ୍ୟମରେ ଅନେକ କୃତବିଦ୍ୟ ଚିକିତ୍ସାବିତ୍ ସୃଷ୍ଟି କରୁଛନ୍ତି । ଏହି ଅବସରରେ ହାଇଟେକ୍ ମେଡିକାଲ କଲେଜର ପ୍ରେକ୍ଷାଳୟରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମେଡିକାଲ ବିଦ୍ୟାର୍ଥୀମାନଙ୍କର ସ୍ନାତକଉତ୍ସବ ସେମାନଙ୍କ ଜୀବନରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରୁ ଏବଂ ଏହା ମେଡିକାଲ ଡାକ୍ତରମାନେ ଜୀବନସାରା କେବଳ ଶିଖିବାକୁ ପଡିଥାଏ, କେବେ ବି ସେମାନଙ୍କର ବିଦ୍ୟାର୍ଥୀ ଜୀବନ ଶେଷହୁଏ ନାହିଁ ବୋଲି କହିଥିବାବେଳେ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ପ୍ରିନ୍ସିପାଲ ପ୍ରଫେସର୍ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଦାଶ, ଓଡିଶା ୟୁନିଭରସିଟିର ହେଲ୍‌ଥ ସାଇନ୍ସର ଭାଇସ୍‌ଚାନ୍ସେଲର ପ୍ରଫେସର୍ ଡ. ମାନସ ରଞ୍ଜନ ସାହୁ, ଏମ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ବିଶ୍ୱାସ ଉପସ୍ଥିତ ରହି ୧୦୦ଜଣ ଡାକ୍ତରୀ ବିଦ୍ୟାର୍ଥୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବାସହ ଆଗାମୀ ଦିନରେ ସେମାନେ ଓଡିଶା ପାଇଁ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ଉପାଧ୍ୟକ୍ଷା ପ୍ରଫେସର୍ ଡ. ଲିସା ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ ସହଯୋଗ କରିଥିଲେ । ହାଇଟେକ୍‌ଗ୍ରୁପ୍‌ର ନର୍ସିଂ କଲେଜ ଏବଂ ବିଜ୍ଞାନ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସ୍ୱତନ୍ତ୍ର ସାଂସ୍କୃତି କ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



# ନୂଆଦିଲ୍ଲୀରେ ସୋଆକୁ ସିଏସ୍‌ଆର୍ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ସିଏସ୍‌ଆର୍ ସମ୍ମାନ ପ୍ରଦାନ କରାଯାଇଛି । ନିକଟରେ ନୂଆଦିଲ୍ଲୀ ଠାରେ ଆୟୋଜିତ ସିଏସ୍‌ଆର୍ ସମ୍ମାନ ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ 'ସିଏସ୍‌ଆର୍ ଏମିନେଣ୍ଟ ଫାଉଣ୍ଡିଙ୍ଗ୍ ଡାଇରେକ୍ଟର ଅଫ୍ ଲିଡିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ 'ସିଏସ୍‌ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି – ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ 'ସିଏସ୍‌ଆର୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଫର ଏକ୍ସିଲେନ୍ସ ଇନ୍ କ୍ୟାରିୟର ଡେଭଲପମେଣ୍ଟ' ସମ୍ମାନରେ ସମ୍ମାନିତ କରାଯିବା ସହ ସୋଆକୁ ଭାରତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରଶଂସିତ କରାଯାଇଛି । ନୂଆଦିଲ୍ଲୀର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୋଆ ର ପ୍ରତିଷ୍ଠାତା ସଭାପତିଙ୍କ ଅଫିସର–ଅନ୍–ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ଓ ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ସିଏସ୍‌ଆର୍‌ର ଅଧ୍ୟକ୍ଷ ଡକ୍ଟର ଏସ୍.କେ. ସଚଦେବଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ ।




## ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ଆର୍ଥିକ ବର୍ଷରେ
# ଏଲ ଆଣ୍ଡ ଟି ଫାଇନାନ୍ସର ଟିକସ ପରବର୍ତ୍ତୀ ଲାଭ ୨୬୪୪ କୋଟି

ଭୁବନେଶ୍ୱର (ସବ୍ୟୁ) : ଭାରତରେ ଅନ୍ୟତମ ଅଗ୍ରଣୀ ଅଣ–ବ୍ୟାଙ୍କିଙ୍ଗ ଫାଇନାନସିଆଲ କମ୍ପାନୀ (ଏନବିଏଫସି) ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷହୋଇଥିବା ଆର୍ଥିକ ବର୍ଷରେ ସର୍ବକାଳୀନ ସର୍ବୋଚ୍ଚ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୨୬୪୪ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ପୂର୍ବୟ ଆର୍ଥିକ ବର୍ଷ ତୁଳନାରେ ୧୪ ପ୍ରତିଶତ ବୃଦ୍ଧିପାଇଛି । କମ୍ପାନୀ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ଚତୁର୍ଥ ତ୍ରୟମାସିକରେ ୬୩୬ କୋଟି ଟଙ୍କାର ପିଏଟି ହାସଲ କରିଛି, ଯାହା ପୂର୍ବବର୍ଷର ସେହି ସମୟ ତୁଳନାରେ ୧୫ ପ୍ରତିଶତ ଅଧିକ ହୋଇଛି । ଏହାର ରିଟେଲ ବୁକ ସମ୍ପ୍ରତି ୯୫,୧୮୦ କୋଟି ଟଙ୍କା ହୋଇଛି, ଯାହା ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ରିଟେଲ ବୁକ ତୁଳନାରେ ୧୯ ପ୍ରତିଶତ ଅଧିକ ହୋଇଛି । କମ୍ପାନୀ ମଧ୍ୟ ବାର୍ଷିକ ୬୦,୦୪୦ କୋଟି ଟଙ୍କାର ରିଟେଲ ଋଣ ପ୍ରଦାନ କରିଛି । ଏଲଟିଏଫର ବୋର୍ଡ ୨୦୨୪–୨୫ ଆର୍ଥିକ ବର୍ଷ ନିମନ୍ତେ ପ୍ରତି ଇକ୍ୱିଟି ସେୟାର (ପ୍ରତି ୧୦ ଟଙ୍କା ଫେସଭାଲ୍ୟୁ ) ନିମନ୍ତେ ଟ୨.୭୫ର ଚୂଡାନ୍ତ ଲାଭାଂଶ ପ୍ରଦାନ ନିମନ୍ତେ ୨୦୨୫ ଏପ୍ରିଲ ୨୫ ତାରିଖରେ ଅନୁଷ୍ଠିତ ବୋର୍ଡ ବୈଠକରେ ସୁପାରିଶ କରିଛି । ଏହା କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ ଘୋଷିତ ସର୍ବାଧିକ ଲାଭାଂଶ ହୋଇଛି । ସମ୍ପ୍ରତି ଚାଲିଥିବା ବାର୍ଷିକ ସାଧାରଣ ବୈଠକରେ ସଦସ୍ୟମାନଙ୍କ ଦ୍ୱାରା ଅନୁମୋଦନ ଲାଭ କଲେ ଲାଭାଂଶ ଏଜିଏମ ଅନୁଷ୍ଠିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ପ୍ରଦାନ କରାଯିବ ।

# ବ୍ରହ୍ମପୁର ଅଞ୍ଚଳରେ ଇମ୍ଫାର ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଚୌଦ୍ୱାର, (ସବ୍ୟୁ):ସାମାଜିକ ଦ୍ୱାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ଆନୁକୂଲ୍ୟରେ ଟାଙ୍ଗୀ – ଚୌଦ୍ୱାର ଅଞ୍ଚଳର ବ୍ରହ୍ମପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଇମ୍ଫାର ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମଟିକୁ ସରପଞ୍ଚ କଲ୍ୟାଣୀ ଦାସ ଓ ଇମ୍ଫାର ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଉଦଘାଟନ କରିଥିଲେ ।

ଏହି ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ୫ ଜଣ ଡାକ୍ତର ଯଥା ଅସ୍ଥିଶଲ୍ୟ, ଚର୍ମ, ଭେଷଜ, ସ୍ତ୍ରୀ ଓ ପ୍ରସୂତୀ ଓ ଚକ୍ଷୁ ବିଭାଗର ସାହାଯ୍ୟରେ ୩୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା । ବାରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇମ୍ଫାର ଅଧିକାରୀ ମାନଙ୍କ ମଧ୍ୟରେ ସଞ୍ଜୀବ ଗୁପ୍ତା, ବବି ନନ୍ଦ, ନିରଞ୍ଜନ ସାହୁ, ଉମେଶ ପଟ୍ଟନାୟକ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁନୀଲ କ୍ରିଷ୍ଣା ଦାସ, ଅଭିଷେକ ଘୋଷ ଙ୍କ ସମେତ ସ୍ଥାନୀୟ ନେତା ଜଗନ୍ନାଥ ଦାସ, ରବୀନ୍ଦ୍ର ସାହୁ, ଅଭୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମପୁର ଅଂଚଳରେ ଇମ୍ଫାର ଏହିଭଳି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ଖୁବ ପ୍ରଶଂସା କରିଥିଲେ ଓ କାର୍ଯ୍ୟକ୍ରମକୁ ବଜାୟ ରଖିବା ପାଇଁ ମଧ୍ୟ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଇମ୍ଫାର ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ସହ ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ତରଫରୁ ସ୍ଥିତପ୍ରଜ୍ଞ ଦାସ,ପିଙ୍କି ସାହୁ, ମନୋଜ ମହାପାତ୍ର, ସୌଭାଗ୍ୟ ପ୍ରଧାନ ସହ ଇମ୍ଫାରୁ ସ୍ୱେଚ୍ଛାକୃତ ଭାବେ ୧୦ ଜଣ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ ।



## ଇରାନ ବନ୍ଦରରେ ବିସ୍ଫୋରଣ, ୪୦୦ ଆହତ



**ତେହେରାନ :** ଶନିବାର ଇରାନର ବନ୍ଦର ଆବାସ ସହରରେ ଏକ ବଡ଼ଧରଣର ବିସ୍ଫୋରଣ ହୋଇଛି । ଏଥିରେ ୪୦୦ ରୁ ଅଧିକ ଲୋକ ଆହତ ହୋଇଥିବା ସରକାରୀ ନ୍ୟୁଜ ଏଜେନ୍ସି ଇରନା କହିଛି । ଏହି ବିସ୍ଫୋରଣ ଏପରି ଏକ ସମୟରେ ଘଟିଛି ଯେତେବେଳେ ଓମାନରେ ଆମେରିକା ଏବଂ ଇରାନ ମଧ୍ୟରେ ତୃତୀୟ ପରମାଣୁ ଆଲୋଚନା ଚାଲିଛି । ତଥାପି, ବିସ୍ଫୋରଣର କାରଣ ତୁରନ୍ତ ସ୍ପଷ୍ଟ ହୋଇପାରି ନାହିଁ । ବନ୍ଦର ଆବାସ ସହରର ସହିଦ ରାଜି ବନ୍ଦରରେ ଏହି ବିସ୍ଫୋରଣ ଘଟିଥିଲା । ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା । ବିସ୍ଫୋରଣ ପରେ ବନ୍ଦରର କାର୍ଯ୍ୟକଳାପ ବନ୍ଦ କରାଯାଇଥିଲା । ବର୍ତ୍ତମାନ ନିଆଁ ଲିଭାଇବା ପାଇଁ ପ୍ରୟାସ ଚାଲିଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ତାହାର ପ୍ରଭାବରେ ଅନେକ କିଲୋମିଟର ଦୂରରେ ଝରକା ଭାଙ୍ଗି ଯାଇଥିଲା । ଇରାନର ତସନିମ ନ୍ୟୁଜ ଏଜେନ୍ସିର ସୂଚନା ଅନୁସାରେ ବିସ୍ଫୋରଣ ସମୟରେ ବନ୍ଦରରେ ଅନେକ କର୍ମଚାରୀ କାମ କରୁଥିଲେ । ସେମାନେ ହିଁ ଆହତ ହୋଇଛନ୍ତି ଓ କେତେକ ମୃତ୍ୟୁବରଣ କରିଥିବାର ଆଶଙ୍କା କରାଯାଉଛି ।

# ବନ୍ଧୁକଧାରୀଙ୍କ ଗୁଳିରେ ୨୦ ମୃତ, ବହୁ ଆହତ



**ଆବୁଜା:** ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆର ଏକ ସୁନା ଖଣି ଗାଁରେ କିଛି ବନ୍ଧୁକଧାରୀ ଆକ୍ରମଣ କରିଛନ୍ତି । ଯେଉଁଥିରେ ଅତି କମରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଏକ ଡଜନରୁ ଅଧିକ ଲୋକ ଆହତ ହୋଇଥିଲେ । ଏକ ମାନବାଧିକାର ଗୋଷ୍ଠୀ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଘଟଣା ନାଇଜେରିଆର ଜାମଫାରା ରାଜ୍ୟର ଡାନ୍ ଗୁଲବି ଜିଲ୍ଲାର ଏକ ଗାଁରେ ଘଟିଛି । ସୂଚନା ଅନୁଯାୟୀ, କିଛି ସଶସ୍ତ୍ର ବ୍ୟକ୍ତି ମୋଟରସାଇକେଲରେ ଗାଁରେ ପ୍ରବେଶ କରି ଲୋକଙ୍କ ଘରେ ପଶି ହତ୍ୟା କରିବାକୁ ଲାଗିଥିଲେ । ମାନବାଧିକାର ଗୋଷ୍ଠୀ କହିଛି ଯେ, ହଠାତ୍ ଆକ୍ରମଣ ଯୋଗୁ ଗାଁ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା । ଲୋକମାନେ ଭୟରେ ଜୀବନ ବଞ୍ଚାଇବା ପାଇଁ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ । ବନ୍ଧୁକଧାରୀମାନେ ଚାଲିଯିବା ପରେ ପୁଲିସକୁ ଘଟଣା ବିଷୟରେ ସୂଚନା ଦିଆଯାଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଆହତମାନଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ନେଇଯାଇଥିଲା ଏବଂ ପ୍ରତ୍ୟେକ୍ଷଦର୍ଶୀଙ୍କୁ ପଚରାଉଚରା କରି ତଦନ୍ତ ଆରମ୍ଭ କରିଥିଲା ।ମାନବାଧିକାର ଗୋଷ୍ଠୀ କହିଛି ଯେ, ବନ୍ଧୁକଧାରୀମାନେ ପ୍ରଥମେ ଏକ ସୁନା ଖଣିକୁ ଟାର୍ଗେଟ କରିଥିଲେ ଏବଂ ଏଥିରେ ୧୪ ଜଣଙ୍କୁ ହତ୍ୟା କରିଥିଲେ । ତା'ପରେ ସେମାନେ ଘର ଏବଂ ଏକ ମସଜିଦରେ ଲୋକଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଏକ ଡଜନରୁ ଅଧିକ ଆହତ ହୋଇଥିଲେ ।

ମାନବାଧିକାର ଗୋଷ୍ଠୀ କହିଛି ଯେ, ବନ୍ଧୁକଧାରୀମାନେ କାହିଁକି ଆକ୍ରମଣ କଲେ ଏବଂ ସେମାନଙ୍କର ଉଦ୍ଦେଶ୍ୟ କ'ଣ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । କିନ୍ତୁ ଏପରି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ସଂଘର୍ଷଗ୍ରସ୍ତ ଉତ୍ତର ଅଞ୍ଚଳରେ ଗଣହତ୍ୟା ଏବଂ ମୁକ୍ତି ପାଇଁ ଅପହରଣ କରୁଥିବା ଜଣାଶୁଣା ।ଅନ୍ୟପକ୍ଷରେ, ପ୍ରାରମ୍ଭିକ ତଦନ୍ତ ପରେ, ପୁଲିସ କହିଛି ଯେ, ଘଟଣା ସମୟରେ ଉପସ୍ଥିତ ଲୋକଙ୍କ ସହ କଥା ହୋଇ ସେମାନେ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ସେମାନେ କେଉଁ ଆତଙ୍କବାଦୀ ସଂଗଠନର ଥିଲେ ଏବଂ ସେମାନଙ୍କର ଉଦ୍ଦେଶ୍ୟ କ'ଣ ଥିଲା ତାହା ମଧ୍ୟ ଜାଣିବାକୁ ଚେଷ୍ଟା କରୁଛନ୍ତି । ପୁଲିସ କହିଛି, ସେମାନେ ଆକ୍ରମଣକାରୀଙ୍କୁ ବହୁତ ଶୀଘ୍ର ଚିହ୍ନଟ କରିବେ । ଡାରନାଇଜେରିଆର ଉତ୍ତର ଅଞ୍ଚଳ ବହୁତ ହିଂସାତ୍ମକ, ଯେଉଁଠାରେ ଅନେକ ଇସଲାମିକ ଆତଙ୍କବାଦୀ ସଂଗଠନ ସକ୍ରିୟ ଅଛନ୍ତି



ଭାଟିକାନର ଫ୍ରାଙ୍କସିସ୍ ଠାରେ ଧର୍ମ ଗୁରୁ ପୋପଙ୍କ ପାର୍ଥିବ ଶରୀର ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

## ଆତଙ୍କବାଦର ପୃଷ୍ଠପୋଷକଙ୍କୁ ଦଣ୍ଡ ମିଳୁ



**ନ୍ୟୁୟର୍କ:** ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ଦୃଢ଼ ନିନ୍ଦା କରିଛି । ଏହା ସହିତ, ସୁରକ୍ଷା ପରିଷଦ ଏହି ନିନ୍ଦନୀୟ ଆତଙ୍କବାଦ କାର୍ଯ୍ୟର ଦୋଷୀ ଏବଂ ସେମାନଙ୍କର ସହାୟକମାନଙ୍କୁ ଦାୟୀ କରି ନ୍ୟାୟ ପ୍ରଦାନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି । ଗଣମାଧ୍ୟମରେ ଏହି ବିବୃତି ସମସ୍ତ ୧୫ ସଦସ୍ୟ ଦେଶ ପକ୍ଷରୁ ୟୁଏନଏସସି ସଭାପତିଙ୍କ ଦ୍ୱାରା ଜାରି କରାଯାଇଛି । ପାକିସ୍ତାନ ବର୍ତ୍ତମାନ ୟୁଏନଏସସିର ଏକ ଅସ୍ଥାୟୀ ସଦସ୍ୟ । ୟୁଏନଏସସି ସଦସ୍ୟମାନେ ପୀଡିତଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି । ସେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ୟୁଏନଏସସି ସଦସ୍ୟମାନେ ଏହି ନିନ୍ଦନୀୟ ଆତଙ୍କବାଦ କାର୍ଯ୍ୟର ଅପରାଧୀ ଏବଂ ସେମାନଙ୍କର ସହାୟତାକାରୀମାନଙ୍କୁ ଦାୟୀ କରି ନ୍ୟାୟ ପ୍ରଦାନ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ୟୁଏନଏସସି ସମସ୍ତ ଦେଶଙ୍କୁ ଆନ୍ତର୍ଜାତୀୟ ଆଇନ ଏବଂ ପ୍ରାସଙ୍ଗିକ ସୁରକ୍ଷା ପରିଷଦ ପ୍ରସ୍ତାବ ଅନୁଯାୟୀ ସେମାନଙ୍କର ଦାୟିତ୍ୱ ଅନୁଯାୟୀ ସମସ୍ତ ସକ୍ଷମ କର୍ତ୍ତୃପକ୍ଷଙ୍କ ସହିତ ସକ୍ରିୟ ଭାବରେ ସହଯୋଗ କରିବାକୁ ଅନୁରୋଧ କରିଛି ।

## ରୋଜଗାର ମେଳା: ଯୁବକ, ଯୁବତୀଙ୍କୁ ବାଣ୍ଟିଲେ ନିଯୁକ୍ତି ପତ୍ର



**ନୂଆଦିଲ୍ଲୀ:** ରୋଜଗାର ମେଳାକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରୋଜଗାର ମେଳାକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ସେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ୫୧,୦୦୦ରୁ ଅଧିକ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଆଜିଠାରୁ ଏସବୁ ଯୁବକଯୁବତୀମାନଙ୍କୁ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ନୂତନ ଦାୟିତ୍ୱ ମିଳୁଛି । ସେ କହିଛନ୍ତି ଯେ ତାଙ୍କର କର୍ତ୍ତବ୍ୟ ମଧ୍ୟରେ ଦେଶର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା, ଆଧୁନିକ ଭିତ୍ତିଭୂମି ର୍ନିମାଣରେ ଯୋଗଦାନ ଦେବା ଏବଂ ଶ୍ରମିକଙ୍କ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ସେମାନେ ଯେଉଁ ଆନ୍ତରିକତାର ସହିତ ସେମାନଙ୍କର ଦାୟିତ୍ୱ ର୍ନିବାହ କରନ୍ତି, ତାହା ଭାରତର ଏକ ବିକଶିତ ରାଷ୍ଟ୍ର ହେବା ଯାତ୍ରାରେ ସକାରାତ୍ମକ ପ୍ରଭାବ ପକାଇବ ।ଏହି ଯୁବକଯୁବତୀମାନେ ପୂର୍ଣ୍ଣ ନିଷ୍ଠାର ସହିତ ସେମାନଙ୍କର କର୍ତ୍ତବ୍ୟ ର୍ନିବାହ କରିବେ ବୋଲି ସେ ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ ।

### ଷ୍ଟାଲିନ୍ ସରକାରଙ୍କ ଉପରେ ବର୍ଷିଲେ ରାଜ୍ୟପାଳ

**ନୂଆଦିଲ୍ଲୀ:** ତାମିଲନାଡୁ ରାଜ୍ୟ, କେନ୍ଦ୍ରୀୟ ଏବଂ ଘରୋଇ ବିଶ୍ୱବିଦ୍ୟାଳୟର ଭିସିମାନଙ୍କ ପାଇଁ ଦୁଇ ଦିନିଆ ସମ୍ମିଳନୀର ଆୟୋଜନ କରାଯାଥିଲା । ସମ୍ମିଳନୀରେ ତାମିଲନାଡୁ ରାଜ୍ୟପାଳ ରବିନ୍ଦ୍ର ନାରାୟଣ ରବି ଅଧକ୍ଷତା କରିଥିଲେ । ତେବେ ଏଥିରେ କମ୍ ସଂଖ୍ୟକ ଉପସ୍ଥା ଦେଖି ରାଜ୍ୟପାଳ । କ୍ଷେଭ ପ୍ରକାଶ କରିବା ସହ ଷ୍ଟାଡିଲନ ସରକାରଙ୍କ ସହ ବର୍ଷିଥିଲେ । ଶୁକ୍ରବାର ଉପରାଷ୍ଟ୍ରପତି ଜଗଦୀପ ଧନକଡ ଏହାକୁ ଉଦଘାଟନ କରିଥିଲେ । ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ରାଜ୍ୟ ବିଲ ସହିତ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ଭିସି ନିଯୁକ୍ତି ପାଇଁ କ୍ଷମତା ପ୍ରଦାନ କରୁଥିବା ବିଲ ମଧ୍ୟ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା । ରାଜ୍ୟପାଳଙ୍କ କାର୍ଯ୍ୟଳୟ ପକ୍ଷରୁ ୫୬ ଜଣ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମୁଖ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିଲା । ତେବେ ରାଜ୍ୟ ବିଶ୍ୱବିଦ୍ୟାଳୟ ଭିସିମାନେ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ । କିଛି ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ । ତେବେ ନିମନ୍ତ୍ରିତ ଅତିଥିମାନେ ସମ୍ମିଳନୀରେ ଯୋଗଦେଇନଥିବାରୁ ରାଜ୍ୟପାଳ ବିରକ୍ତି ପ୍ରକାଶ କରିଥିଲେ । ଏଥିଲାଗି ସେ ରାଜ୍ୟ ସରକାରଙ୍କ ଅପରାଗତାରୁ ଅଫିସରମାନେ ସମ୍ମିଳନୀକୁ ହେ ଜ୍ଞାନ କରି ଯୋଗଦେଇ ନଥିଲେ ବୋଲି ରାଜ୍ୟପାଳଙ୍କ ପକ୍ଷରୁ କୁହାଯାଇଛି ।

## ଚୀନ୍ ଶରଣରେ ପାକିସ୍ତାନ, ମାଗିଲା ସାହାଯ୍ୟ



**ଇସଲାମାବାଦ:** ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ପାକିସ୍ତାନ ଭାରତ ପକ୍ଷରୁ ଆକ୍ରମଣର ଭୟ କରୁଛି । ଗତ ଦୁଇ ଦିନ ଧରି ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଉଥିବା ପାକିସ୍ତାନ ଶନିବାର ନୂତନ କୌଶଳ ଆପଣେଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏକ ନିରପେକ୍ଷ ତଦନ୍ତ ପ୍ରସ୍ତାବ ଦେଇଥିବା ବେଳେ, ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖଓ୍ୱାଜା ଆସିଫ ଏକ ଅନ୍ତର୍ଜାତୀୟ ତଦନ୍ତ ଦାବି କରିଛନ୍ତି । କିନ୍ତୁ ଭାରତର ମନୋଭାବ ଦେଖି ପାକିସ୍ତାନ ନିଜର ବନ୍ଧୁ ଚୀନର ଶରଣ ନେଇଛି । ଇସଲାମାବାଦରେ ପାକିସ୍ତାନର ବେଦେଶିକ ମନ୍ତ୍ରୀ ଇଶାକ ଡାର ଚୀନ୍ ରାଷ୍ଟ୍ରଦୂତ ଜିଆଙ୍ଗ ଜେଙ୍କୁ ଭେଟିଛନ୍ତ । ଏହି ସମୟରେ, ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଚୀନ୍କୁ ଆଞ୍ଚଳିକ ଉତ୍ତେଜନା ବିଷୟରେ ଅବଗତ କରାଇଛନ୍ତି ।

ପୂର୍ବରୁ, ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ , ଚୀନ୍ ଏହାର ପ୍ରତିକ୍ରିୟାରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲା । ନୂଆଦିଲ୍ଲୀରେ ଅବସ୍ଥାପିତ ଚୀନର ରାଷ୍ଟ୍ରଦୂତ ଜୁ ଫେଇହୋଙ୍ଗ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟରେ ଏହି ବର୍ବର ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ । ଚୀନର୍ର ଏହି ବିବୃତି ଆତଙ୍କବାଦୀ ଆକ୍ରମଣର ଗୋଟିଏ ଦିନ ପରେ ଆସିଥିଲା । ପାକିସ୍ତାନ ଏବଂ ଚୀନର ପ୍ରତିକ୍ରିୟା ଏକକାଳୀନ ଆସିଥିଲା ।ଏବେ ଇସଲାମାବାଦରେ ଚୀନ୍ ଏବଂ ପାକିସ୍ତାନୀ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି ।

# ଅତ୍ୟାଚାରୀଙ୍କୁ ଉଚିତ ଶିକ୍ଷା ଦେବା ଆମ ଧର୍ମ : ମୋହନ ଭାଗବତ



**ନୂଆଦିଲ୍ଲୀ :** ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଦେଶରେ ପାକିସ୍ତାନ ବିରୋଧରେ କ୍ରୋଧର ବାତାବରଣ ରହିଛି । ଆତଙ୍କବାଦକୁ ନେଇ ଭାରତ ପଡ଼ୋଶୀ ଦେଶ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଆରଏସଏସ ମୁଖ୍ୟ ମୋହନ ଭାଗବତ ମଧ୍ୟ ଏହି ବିଷୟରେ ଏକ ବିବୃତ୍ତି ଦେଇଛନ୍ତି । ସେ କହିଥିଲେ ଯେ ଯେଉଁମାନେ ଅନ୍ୟମାନଙ୍କ ଉପରେ ଅତ୍ୟାଚାର କରନ୍ତି ସେମାନଙ୍କୁ ଶିକ୍ଷା ଦେବା ଆମର କର୍ତ୍ତବ୍ୟ । ସେ କହିଥିଲେ, ରାବଣଙ୍କୁ ତାଙ୍କ ଅତ୍ୟାଚାର ପାଇଁ ହତ୍ୟା କରାଯାଇଥିଲା । ଭଗବାନ ତାଙ୍କୁ ହତ୍ୟା କରିଥିଲେ । ଏହା ହିଂସା ନୁହେଁ ବରଂ ଅହିଂସା । ଅହିଂସା ଆମର ଧର୍ମ । କିନ୍ତୁ ଯେଉଁମାନେ ଅତ୍ୟାଚାର କରନ୍ତି ସେମାନଙ୍କୁ ଧର୍ମ ରକ୍ଷା ପାଇଁ ଶିକ୍ଷା ଦେବା ଅହିଂସା । ଆମେ କେବେ ଆମର ପଡ଼ୋଶୀମାନଙ୍କୁ କ୍ଷତି ପହଞ୍ଚାଇ ନଥାଉ । ଏହା ପରେ ମଧ୍ୟ ଯଦି କେହି ଭୁଲ ପଥ ଗ୍ରହଣ କରନ୍ତି, ତେବେ ପ୍ରଜାମାନଙ୍କୁ ସୁରକ୍ଷା ଦେବା ରାଜାଙ୍କର କର୍ତ୍ତବ୍ୟ ।ରାଜା ତାଙ୍କର କାମ କରିବେ । ଆରଏସଏସ ମୁଖ୍ୟ କହିଛନ୍ତି, ଏହି ଆକ୍ରମଣ ଏକ ସ୍ମରଣ କରାଇ ଦେଉଛି ଯେ ଏହା ଧର୍ମ ଏବଂ ଅଧର୍ମ ମଧ୍ୟରେ ଲଢ଼େଇ । ଲୋକଙ୍କୁ ସେମାନଙ୍କ ଧର୍ମ ବିଷୟରେ ପଚରାଯାଉଥିଲା ଏବଂ ସେମାନଙ୍କୁ ହତ୍ୟା କରାଯାଇଥିଲା । ହିନ୍ଦୁମାନେ କେବେ ଏହା କେବେବି କରିବେ ନାହିଁ ।ଏହା ଆମରସ୍ୱଭାବ ନୁହେଁ । ଘୃଣା ଏବଂ ଶତ୍ରୁତା କେବଳ ଆମ ସଂସ୍କୃତିରେ ନାହିଁ କିନ୍ତୁ ଚୁପ୍ ଚାପ୍ କ୍ଷତି ସହିବା ମଧ୍ୟ ଆମ ସଂସ୍କୃତିରେ ନାହିଁ ।ଆମ ହୃଦୟରେ ଯନ୍ତ୍ରଣା ଅଛ । ଆମେ କ୍ରୋଧିତ । ଦୁଷ୍ଟତାକୁ ସମାପ୍ତ କରିବା ପାଇଁ ଆମକୁ ଆମର ଶକ୍ତି ପ୍ରଦର୍ଶନ କରିବାକୁ ପଡିବ ।

## ପହଲଗାମ ଆକ୍ରମଣର ତଦନ୍ତ ପାଇଁ ଆମେ ରାଜି : ପାକିସ୍ତାନ



**ଇସ୍ଲାମାବାଦ :** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଶନିବାର କହିଛନ୍ତି ଯେ କାଶ୍ମୀରର ପହଲଗାମରେ ୨୬ ଜଣଙ୍କ ହତ୍ୟା ଘଟଣାର ଯେକୌଣସି ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତରେ ପାକିସ୍ତାନ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ।ସେ କହିଛନ୍ତି ଯେ ପାକିସ୍ତାନ ସମସ୍ତ ପ୍ରକାରର ଆତଙ୍କବାଦକୁ ନିନ୍ଦା କରେ ଏବଂ ନିଜେ ମଧ୍ୟ ଆତଙ୍କବାଦର ଶିକାର ହୋଇଛି । ପାକିସ୍ତାନୀ ଖବରକାଗଜ ଡନର ରିପୋର୍ଟ ଅନୁଯାୟୀ, କାକୁଲରେ ଥିବା ପାକିସ୍ତାନ ସାମରିକ ଏକାଡେମୀରେ ଏକ ପାସିଂ ଆଉଟ୍ ପରେଡକୁ ସମ୍ବୋଧିତ କରି ଶାହବାଜ ସରିଫ କହିଛନ୍ତି ଯେ ଭାରତ କୌଣସି ବିଶ୍ୱସନୀୟ ତଦନ୍ତ କିମ୍ବା ଯାଞ୍ଚଯୋଗ୍ୟ ପ୍ରମାଣ ବିନା ପାକିସ୍ତାନ ବିରୁଦ୍ଧରେ ଭିତ୍ତିହୀନ ଏବଂ ମିଥ୍ୟା ଅଭିଯୋଗ ଆଣୁଛି । ପାକିସ୍ତାନୀ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏକ ଦାୟିତ୍ୱବାନ ଦେଶ ଭାବରେ ଏହାର ଭୂମିକା ଜାରି ରଖି, ପାକିସ୍ତାନ ଯେକୌଣସି ନିରପେକ୍ଷ, ସ୍ୱଚ୍ଛ ଏବଂ ବିଶ୍ୱସନୀୟ ତଦନ୍ତରେ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ।

## ।।। କଳିଙ୍ଗ ସୁପର କପ୍ ।।।

# ସେମିରେ ମୋହନ ବାଗାନ, ଏଫ୍‌ସି ଗୋଆ

ଭୁବନେଶ୍ୱର,୨୬।୪ (ସବ୍ୟୁ): ଶନିବାର କଳିଙ୍ଗ ଷ୍ଟାଡିୟମ୍‌ରେ କଳିଙ୍ଗ ସୁପର କପ୍‌ର କ୍ୱାର୍ଟରଫାଇନାଲ ମ୍ୟାଚ କେରଳ ବ୍ଲାଷ୍ଟର ଏଫ୍‌ସି ଓ ମୋହନ ବାଗାନ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ଖେଳାଯାଇଛି । ଏହି ସଂଘର୍ଷପୂର୍ଣ୍ଣ ଲଢ଼େଇରେ ମୋହନ ବାଗାନ ୨-୧ ଗୋଲ୍‌ରେ କେରଳ ବ୍ଲାଷ୍ଟର୍ସକୁ ଧରାଶାୟୀ କରି ସେମିଫାଇନାଲରେ ପ୍ରବେଶ କରିଛି । ମୋହନ ବାଗାନ ପକ୍ଷରୁ ୨୨ ମିନିଟ୍‌ରେ ସାହାଲ ଅବଦୁଲ ସମଦ ଏବଂ ୫୧ ମିନିଟ୍‌ରେ ସୁହେଲ ଅହମ୍ମଦ ଭଟ୍ଟ ଗୋଲ୍ କରିଥିଲେ । କେରଳ ବ୍ଲାଷ୍ଟର୍ସ ପକ୍ଷରୁ ଶ୍ରୀକୁତନ୍ ଏମ୍‌ଏସ୍ ୯୪ତମ ମିନିଟ୍‌ରେ ଗୋଲ୍ କରିଥିଲେ । ଦ୍ୱିତୀୟ କ୍ୱାର୍ଟରରେ ଏଫ୍‌ସି ଗୋଆ ଓ ପଞ୍ଜାବ ଏଫ୍‌ସି ଭେଟା ଭେଟି ହୋଇଥିଲେ । ଏହି ଲଢୁଆ ମ୍ୟାଚରେ ଗୋଆ ୨-୧ ଗୋଲରେ ପଞ୍ଜାବ ଏଫ୍‌ସିକୁ ଧରାଶାୟୀ କରି ସେମିଫାଇନାଲରେ ପ୍ରବେଶ କରିଛି । ଗୋଆର ବୋରଜା ହେରେରା ଗୋଞ୍ଜାଲେଜ ୮୯ ଓ ମହମ୍ମଦ ୟାସିନ ୯୩ତମ ମିନିଟରେ ଗୋଲ୍ କରିଥିଲେ । ୫୭ ତମ ମିନିଟ୍‌ରେ ନୋର୍ବେଟୋ ଭିଡାଲ ପଞ୍ଜାବ ପାଇଁ ଏକମାତ୍ର ଗୋଲ୍ କରିଥିଲେ ।

## ।।। ମାଇକେଲକିଣ୍ଡୋ ସ୍ମାରକୀ ହକି ।।।

# ଛତ୍ରପୁର-ଭୁବନେଶ୍ୱର ହକି କ୍ଲବ୍ ଫାଇନାଲ

ଭୁବନେଶ୍ୱର,୨୬।୪ (ସବ୍ୟୁ): ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ମାଇକେଲକିଣ୍ଡୋ ସ୍ମାରକୀ ଯୁବ ହକି ପ୍ରତିଯୋଗିତାର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି । ରବିବାର କଳିଙ୍ଗ ଷ୍ଟାଡିୟମ୍‌ରେ ଛତ୍ରପୁର ଏଚ୍‌ଟିସି ଓ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ମଧ୍ୟରେ ଫାଇନାଲ ମ୍ୟାଚ



ଖେଳାଯିବ । ସେହିଭଳି ତୃତୀୟ ଓ ଚତୁର୍ଥ ସ୍ଥାନ ମୁକାବିଲା ରଣପୁର ଓ ଏଚ୍‌ଟିସି ଭୁବନେଶ୍ୱର ମଧ୍ୟରେ ହେବ । ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏଚ୍‌ଟିସି ଛତ୍ରପୁର ୨-୧ ସୁଟ୍‌ଆଉଟ୍ ଗୋଲ୍‌ରେ ଜିଆର୍ ରଣପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ୧-୧ ଗୋଲ୍‌ରେ ଡ୍ର ରହିବାରୁ ଫଳାଫଳ ପାଇଁ ସୁଟ୍‌ଆଉଟ୍ ହୋଇଥିଲା ।

ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ଏଚ୍‌ଟିସି ଓ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ପରସ୍ପରକୁ ଭେଟିଥିଲେ । ଏହି ମୁକାବିଲାରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ୨-୧ ଗୋଲ୍‌ରେ ବିଜୟଲାଭ କରି ଫାଇନାଲରେ ପ୍ରବେଶ କରିଛି । ଅତିଥି ଭାବେ ରାଜ୍ୟ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଦୀପସାନ ତିର୍କି, ପୋଲିନା ସୋରେନ, କ୍ୟାପଟେନ୍ ତରାଇ, ଧୂପତି ରାଉତ ଓ ଦେବାଶିଷ ଗୌଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଜାବ-କୋଲକାତା ମ୍ୟାଚରେ ବର୍ଷା ଖଳନାୟକ

## ଆଇପିଏଲ୍ ମହାସମର

କୋଲକାତା,୨୬।୪ (ଏଜେନ୍ସି): କୋଲକାତାର ଇଡେନ୍ ଗାର୍ଡେନରେ ବର୍ଷା ଖଳନାୟକ ସାଜିଛି । ଆଇପିଏଲ୍‌ର ୪୪ତମ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍ସ ଭେଟାଭେଟି ହୋଇଥିଲେ । ଏହି ମ୍ୟାଚରେ ପଞ୍ଜାବ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୧ ରନ୍‌ର ବଡ ସ୍କୋର ହୋଇଥିଲା । ଜବାବରେ କୋଲକାତା ୧ ଓଭରରେ ୭ ରନ୍ କରିଥିବା ବେଳେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଥିଲା । ପାଖାପାଖି ଦେଢ଼ ଘଣ୍ଟାର ଅପେକ୍ଷା ସତ୍ତ୍ୱେ ବର୍ଷା ନଥମିବାରୁ ମ୍ୟାଚକୁ ଡ୍ର ଘୋଷଣା କରାଯାଇଥିଲା । ତେଣୁ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଛନ୍ତି । ଯାହାକି ଦୁଇ ଦଳ ପାଇଁ ପ୍ଲେ ଅଫସରେ ପ୍ରବେଶ କରିବା ପାଇଁ ଆଗକୁ ସମସ୍ୟା ସୃଷ୍ଟି କରିପାରେ ।

ଐତିହାସିକ ଇଡେନ୍ ଗାର୍ଡେନରେ ପଞ୍ଜାବ କିଙ୍ଗ୍ସ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଆରମ୍ଭରୁ ହିଁ ଦଳ ଆକ୍ରମଣାତ୍ମକ ଖେଳିଥିଲା । ପ୍ରିୟଂଶ ଆର୍ଯ୍ୟ ଓ ପ୍ରଭସିମରନ୍ ସିଂ ଜମାଣିଆ ଆରମ୍ଭ ଦେଇଥିଲେ । ଦୁହେଁ ୧୧.୫ ଓଭରରେ ୧୨୦ ରନ୍ ସଂଗ୍ରହ କରିଥିଲେ । ପ୍ରିୟଂଶ ୩୫ ବଲ୍‌ରୁ ୮ ଚୌକା ଓ ୪ ଛକା ସହାୟତାରେ ୬୯ ରନ୍ କରିଥିଲେ । ପ୍ରଭସିମରନ୍ ସିଂ ୪୯ ବଲ୍‌ରୁ ୬ ଟି ଚୌକା ଓ ଛକା ମାରି ୮୩ ରନ୍ କରିଥିଲେ । ଅଧିନାୟକ ଶ୍ରେୟାସ ଆୟର ୧୬ ବଲ୍‌ରୁ ୨୫ ରନ୍ କରି ଅପରାଜିତ ଥିବା ବେଳେ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ପୁଣିଥରେ ବରୁଣ ଚକ୍ରବର୍ତ୍ତୀ ବୋଲ୍ଡ କରି ଦଳକୁ ବଡ଼ ସଫଳତା ଦେଇଥିଲେ । ଜୋସ୍ ଇଂଲିଶ ୬ ବଲ୍‌ରୁ ୧୧ ରନ୍ କରିଥିଲେ । ତେଣୁ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୧ ରନ୍ କରିଥିଲା । ବୋଲିଂରେ ବୈଭ ଅରୋରାଙ୍କୁ ଦୁଇଟି, ବରୁଣ ଚକ୍ରବର୍ତ୍ତୀ ଓ ଆନ୍ଦ୍ରେ ରସେଲ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ୨୦୨ ରନ୍‌ର ବିଜୟଲକ୍ଷ୍ୟକୁ କୋଲକାତା ନାଇଟ ରାଇଡର୍ସକୁ ପିଛା କରିଥିଲା । ବୋଲିଂ କରିବାକୁ ଆସିଥିଲେ ମାର୍କୋ । ଜନସନ ଗୋଟିଏ ଚୌକା ସହ ୭ ରନ୍ ଦେଇଥିଲେ । କୋଲକାତାର ରହମ୍ମନୁଲ ଗୁରୱାଜ ଅପରାଜିତ ୧ ଓ ସୁନୀଲ ନାରିନ ୩ ବଲରୁ ୪ ରନ୍ କରିଥିଲେ । ପ୍ରଥମ ଓଭର ଶେଷ ହେବା ସହ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଥିଲା । ତେଣୁ ଅମ୍ପାୟାର ତୁରନ୍ତ ମ୍ୟାଚକୁ ସ୍ଥଗିତ ରଖି ସମଗ୍ର ପଡ଼ିଆକୁ କଭର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାତ୍ର ୧୧ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ବର୍ଷର ପ୍ରକୋପ ନକମିବାରୁ ଦୁଇ ଅଧିନାୟକଙ୍କ ସହ ଆଲୋଚନା କରି ଅମ୍ପାୟାର ମ୍ୟାଚକୁ ବାତିଲ ଘୋଷଣା କରିଥିଲେ । ତେଣୁ ଦୁଇ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଛନ୍ତି । ପଞ୍ଜାବ କିଙ୍ଗ୍ସ ୯ ମ୍ୟାଚରୁ ୧୧ ପଏଣ୍ଟ ସହ ଟେବୁଲର ଚତୁର୍ଥ ସ୍ଥାନରେ ଥିବା ବେଳେ କୋଲକାତା ୯ ମ୍ୟାଚରୁ ୭ ପଏଣ୍ଟ ସହ ଟେବୁଲର ସପ୍ତମ ସ୍ଥାନରେ ରହିଛି ।



### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୮ | ୬ | ୨ | ୧୨ |
| ଦିଲ୍ଲୀ | ୮ | ୬ | ୨ | ୧୨ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ |
| ପଞ୍ଜାବ | ୯ | ୫ | ୩ | ୧୧ |
| ମୁମ୍ବାଇ | ୯ | ୫ | ୪ | ୧୦ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ |
| କୋଲକାତା | ୯ | ୩ | ୫ | ୭ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ |
| ରାଜସ୍ଥାନ | ୯ | ୨ | ୭ | ୪ |
| ଚେନ୍ନାଇ | ୯ | ୨ | ୭ | ୪ |

### ଆଜିର ମ୍ୟାଚ

| ମୁମ୍ବାଇ-ଲକ୍ଷ୍ନୌ | ଦିଲ୍ଲୀ-ବେଙ୍ଗାଲୁରୁ |
|---|---|
| ସମୟ: ଅପରାହ୍ନ ୩.୩୦ | ସମୟ: ରାତି ୭.୩୦ |
| ସ୍ଥାନ: ମୁମ୍ବାଇ | ସ୍ଥାନ: ଦିଲ୍ଲୀ |

ପ୍ରସାରଣ: ଷ୍ଟାରନେଟୱାର୍କ, ଜିଓ ହଟଷ୍ଟାର

# ଓଡ଼ିଶା କନିଷ୍ଠ ବାଳିକା ହ୍ୟାଣ୍ଡବଲ ଦଳର ମହୀଶୂର ଯାତ୍ରା



ଭୁବନେଶ୍ୱର,୨୬।୪ (ସବ୍ୟୁ): ଚଳିତ ମାସ ୩୦ରୁ ମେ ୫ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ସିରଙ୍ଗପଟନମ୍ ଠାରେ ୩୯ତମ ଜାତୀୟ କନିଷ୍ଠ ହ୍ୟାଣ୍ଡବଲ ବାଳିକା ଚାମ୍ପିଆନସିପ ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ରବିବାର ଓଡ଼ିଶା ଦଳ କର୍ଣ୍ଣାଟକ ଗସ୍ତ କରିବ । ଗତ ୧୭ ତାରିଖରୁ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ୍‌ରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲାର ବଛାବଛା ଖେଳାଳି ଏହି ଶିବିରରେ ଭାଗ ନେଇଥିଲେ । ପ୍ରଶିକ୍ଷକ ପ୍ରଣୟ କୁମାର ପାଣି ଓ ସହପ୍ରଶିକ୍ଷକ ଅନିତା ନାୟକ ଦଳକୁ ପ୍ରଶିକ୍ଷଣ ଦେଇଥିଲେ । କ୍ୟାମ୍ପ ସରିବା ପରେ ରାଜ୍ୟ ମନୋନୟ କମିଟି ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରିଥିଲେ । ଏହି ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅଧିନାୟିକା ଶ୍ରେୟାଶ୍ରୀ ସୁଜୟା, ଶ୍ରେୟାଂଶି ପାଣି, ତୁଷାର ପଲ୍ଲବୀ, ନିକିତା ମହାନ୍ତ, ଶୁଭଦ୍ରା ନାୟକ, ମଧୁସ୍ମିତା ମହାରଣା, ମାମାଲି ଜେନା, ଏସ୍ ପୁରଭି ପୃଷ୍ଟି, ଆରତୀ ସାହୁ, ଲିପ୍ସା ରାଣୀ ଖଣ୍ଡୁଆଲ, ଶୁଭଲକ୍ଷ୍ମୀ ସାହୁ, ରୋଜାଲିନ୍ ବାରିକ, ଟ୍ୱିଙ୍କିଲ ବାରିକ, ସିଲିକା ପଣ୍ଡା, ବୈଷ୍ଣବୀ ପୃଷ୍ଟି, କୋଚ୍ ପ୍ରଣୟ କୁମାର ପାଣି, ମ୍ୟାନେଜର ଅନିତା ନାୟକ ଦଳ ସହ ଯାତ୍ରା କରିବେ । ଓଡ଼ିଶା ଦଳକୁ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇ-ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, ଉପସଭାପତି ରିତିକା, କୋଷାଧ୍ୟକ୍ଷ ଶୀତେନ୍ଦ୍ର ନାଥ ଦାସ ଦଳକୁ କଳିଙ୍ଗ ଷ୍ଟାଡିୟମ୍‌ରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

# ଜାଡେଜାଙ୍କ ଉପରେ ରାଗିଲେ ସେହ୍ୱାଗ



ଚେନ୍ନାଇ,୨୬।୪ (ଏଜେନ୍ସି): ଚଳିତ ଆଇପିଏଲରେ ଚେନ୍ନାଇ ସୁପରକିଙ୍ଗ୍ସ ପ୍ଲେ ଅଫ୍ସ ଦୌଡ଼ରୁ ବାଦ ପଡିସାରିଛି । ଦଳର କୋଚ୍ ଷ୍ଟିଫେନ ଫ୍ଲେମିଂ ସ୍ୱିକାର କରିଛନ୍ତି ଯେ, ମେଗା ନିଲାମ୍‌ରେ ଖେଳାଳି ଚୟନରେ ଆମେ ମସ୍ତବଡ ଭୁଲ କରିଛୁ । ୫ଥର ଚାମ୍ପିଅନ୍ ଚେନ୍ନାଇର ରଣନୀତି ପ୍ରଶଂସକଙ୍କୁ ନିରାଶ କରିଛି । ଚେନ୍ନାଇର ଷ୍ଟାର ଅଲ୍‌ରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କ ପ୍ରଦର୍ଶନକୁ ବିସ୍ଫୋରକ ବ୍ୟାଟର ବିରେନ୍ଦ୍ର ସେହ୍ୱାଗ ସମାଲୋଚନା କରିଛନ୍ତି । ୧୮ କୋଟିର ଖେଳାଳି ହେବା ସତ୍ତ୍ୱେ ଜାଡେଜାଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ଚେନ୍ନାଇ ଟିମ୍ ସତେ ଯେପରି ଘରକୁ ଫେରିବା ପାଇଁ ବ୍ୟଗ୍ର ହୋଇପଡିଛି । କେହି ଜଣେ ପ୍ରଭାବିତ କରିପାରିନାହାନ୍ତି । ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ସେ ନଂ.୪ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ । ତାଙ୍କଠାରୁ ଦଳ ଅନେକ କିଛି ଆଶା କରିଥିଲା । ସେ ବଡ଼ ସ୍କୋର କଲେ ନାହିଁ କି ଶେଷ ପର୍ଯ୍ୟନ୍ତ କ୍ରିଜ୍‌ରେ ରହିଲେ ନାହିଁ । ସେ ୧୭୦/୧୮୦ ରନ୍ କରିବା ବଦଳରେ ଦଳ ୧୫୪ ରନ୍‌ରେ ସୀମିତ ରହିଥିଲା । ଜାଡେଜାଙ୍କ ପ୍ରଦର୍ଶନ ମୋତେ ବିଶେଷ ଭାବେ ନିରାଶ କରିଛି ବୋଲି ସେହ୍ୱାଗ କହିଛନ୍ତି ।

## ରେନବୋ କ୍ରିକେଟ କ୍ଲବ

# ରାତ୍ରି କାଳୀନ କ୍ରିକେଟ ମ୍ୟାଚ

ଫୁଲନଖରା,୨୬।୪ (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ଉଷୁମା ଗ୍ରାମପଞ୍ଚାୟତ ଦକ୍ଷିଣ ଉଷୁମାଗ୍ରାମର ଯୁବକମାନଙ୍କୁ ନେଇ ଗଠନ ହୋଇଥିବା ରେନବୋ କ୍ରିକେଟ କ୍ଲବ ପକ୍ଷରୁ ୨ଦିନ ଧରି ରାତ୍ରି କାଳୀନ କ୍ରିକେଟ ଟୁର୍ନାମେଣ୍ଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସନ୍ଧ୍ୟା ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ କମିଶନରେଟ ପୋଲିସରକଟକ ଅତିରିକ୍ତ ବରିଷ୍ଠ ଡି.ସି.ପି ଦେବଦତ୍ତ କର,ସମ୍ମାନିତ ଅତିଥି ଭାବେ କଟକ ଜୋନ-୪ଏ.ସି.ପି ଅମିତାଭ ମହାପାତ୍ର,କଟକ ସଦର ଥାନା ଅଧିକାରୀ ଓମ ପ୍ରକାଶ ମହାନ୍ତି,ବରିଷ୍ଠସାମ୍ବାଦିକ ଲଳିତ କୁମାର ଦାଶ,ସରପଂଚ ମିନତୀ ସାହୁ,ସମିତି ସଭ୍ୟା ଶୁଭଲକ୍ଷ୍ମୀଦାସ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ସାହୁ,ଅଶୋକ କୁମାର ଦାସ,ବିଜୟ କୁମାରପାତ୍ର,ଯୁବ ସାମ୍ବାଦିକ ଧୀରେନ୍ଦ୍ର ସାହୁ,ପ୍ରମୁଖ ଯୋଗ ଦେଇ ରାତ୍ରି କାଳୀନ କ୍ରିକେଟ ମ୍ୟାଚକୁ ଉଦ୍ଘାଟନ କରି ବକ୍ତବ୍ୟ ରଖିଥିଲେ ।ବିଶ୍ୱରଂଜନ ଦାସ ସଭାରେ ସଭାପତିତ୍ୱକରିଥିବା ବେଳେ ସାଇଁସୋ ପଂଚାୟତର ପୂର୍ବତନ ସରପଂଚ ଗଣେଶ ଚନ୍ଦ୍ର ବେହେରାମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ ଝ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପଞ୍ଚାନନ ସାହୁସମସ୍ତ ଆୟୋଜନ କରିଥିବାବେଳେ ଦୁର୍ଗା ଚରଣ ପାତ୍ର ,ସଞ୍ଜୟ ସାହୁ,ଶୁଭାଶିଷ,ପାତ୍ର,ମନୋଜ ପାତ୍ର,ସନ୍ତୋଷ ପାତ୍ର,ଧନେଶ୍ୱର ଦାସ,ରାଜେଶ ସାହୁ, ପ୍ରଦୀପ୍ତପାତ୍ରଙ୍କ ସହ ରେନବୋ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।



## ଅଞ୍ଜୁ ବବି ଜର୍ଜଙ୍କ ରେକର୍ଡ ଭାଙ୍ଗିଲେ ସାଇଲି

ନୂଆଦିଲ୍ଲୀ,୨୬।୪ (ଏଜେନ୍ସି): ୨୩ ବର୍ଷ ତଳର ଅଞ୍ଜୁ ବବି ଜର୍ଜଙ୍କ ରେକର୍ଡ ଭାଙ୍ଗିଛନ୍ତି ସାଇଲି ସିଂ । ଉତ୍ତରପ୍ରଦେଶର ଏହି ଯୁବା ଖେଳାଳି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଅଞ୍ଜୁ ବବି ଜର୍ଜ ୬.୫୧ ମିଟର ଲମ୍ବଡିଆଁ ମାରିଥିଲେ । ଏହି ରେକର୍ଡକୁ ୨୦୨୫ ଏପ୍ରିଲ ୨୬ରେ ଭାଙ୍ଗିଛନ୍ତି ସାଇଲି ସିଂ । ଏସିଆନ୍ ଆଥଲେଟି ଚାମ୍ପିଅନ୍‌ସିପ୍ ଯୋଗ୍ୟତା ପାଇଁ ଲମ୍ବ ଡିଆଁରେ ୬.୪୧ ମିଟର ମାନଦଣ୍ଡ ରହିଥିଲା । ସାଇଲି ୬.୪୫ ମିଟର ଡେଇଁ ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନସିପ୍ ଯୋଗ୍ୟତା ଅର୍ଜନ କରିବା ସହ ଅଞ୍ଜୁଙ୍କ ରେକର୍ଡ ଭାଙ୍ଗିଛନ୍ତି । ଏର୍ଣ୍ଣାକୁଲମ୍‌ର ମହାରାଜ କଲେଜ ଗ୍ରାଉଣ୍ଡରେ ଜାତିୟ ଫେଡେରେସନ୍ କପ୍ ଆଥଲେଟିକ୍ସରେ ଏହି ରେକର୍ଡ କରିଛନ୍ତି ସାଇଲି । ୨୦୦୨ରେ ଅଞ୍ଜୁ ୬.୪୧ ମିଟର ଡେଉଁ ରେକର୍ଡ କରିଥିଲେ ।

# କାହିଁକି ଲଣ୍ଡନରେ ରହୁଛନ୍ତି ବୀରୁଷ୍କା

ନୂଆଦିଲ୍ଲୀ,୨୬।୪ (ଏଜେନ୍ସି): ଭାରତର ତାରକା କ୍ରିକେଟ୍‌ର ବିରାଟ କୋହଲି ଓ ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଲଣ୍ଡନରେ ରହୁଛନ୍ତି । ଭାରତରେ ଅଧିକ ସମୟ ରହିବା ଅପେକ୍ଷା ସେମାନେ କାହିଁକି ଲଣ୍ଡନରେ ରହିଲେ ତାର ଖୁଲାସା କରିଛନ୍ତି ମାଧୁରୀ ଦୀକ୍ଷିତଙ୍କ ସ୍ୱାମୀ ଡାକ୍ତର ଶ୍ରୀରାମ ନାନେ । ଏକ ସାକ୍ଷାତକାର କହିଛନ୍ତି ସେମାନେ ଭାରତରେ ସଫଳତାକୁ ଭଲ ଭାବେ ଉପଭୋଗ କରିପାରୁନାହାନ୍ତି । ସୁରକ୍ଷାଦୃଷ୍ଟିକୋଣରୁ ଅଧିକାଂଶ ସମୟ ସେ ଏକୁଟିଆ କାଟୁଛନ୍ତି । ଯାହା ବି କିଛି ସେମାନେ କରନ୍ତି ତାହା ପ୍ରଶଂସକ ଏବଂ ମିଡିଆର ଧ୍ୟାନ ଆକର୍ଷଣ କରିଥାଏ । ପିଲମାନଙ୍କୁ ଶୃଙ୍ଖଳିତ ଓ ମନୋରଞ୍ଜନ ପରିବେଶରେ ଦୁହେଁ ପଢ଼ାଇବାକୁ ଚାହୁଁଛନ୍ତି । ଲଣ୍ଡନ ପରିବେଷ ଉଭଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥିବାରୁ ଦୁହେଁ ସେଠାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି ।

ଅନୁଷ୍କା ସର୍ବଦା ହସ ଖୁସିରେ ଦିନ କାଟିବାକୁ ଚାହାଁନ୍ତି । ଭାରତରେ ଏହା ସମ୍ଭବ ହେଉ ନାହିଁ । ସେମାନ ତାଙ୍କ ପିଲାମାନଙ୍କୁ ସାମାନ୍ୟ ଢ଼ଙ୍ଗରେ ଅନ୍ୟମାନଙ୍କୁ ପାଳିବାକୁ ଚାହୁଁଛନ୍ତି ବୋଲି ନାନେ କହିଛନ୍ତି । ୨୦୧୩ରେ ଏକ ବିଜ୍ଞାପନ ସୁଟିଂ କରିବା ସମୟରେ ଉଭୟ ପରସ୍ପରକୁ ଭଲ ପାଇଥିଲେ । ୨୦୧୭ରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇରହିଥିଲେ । ପ୍ରଥମେ ସେମାନେ ଝିଅ ଭାମିକା ଓ ପୁଅ ଆକାୟାକୁ ଜନ୍ମ ଦେଇଥିଲେ । ଚଳିତ ଆଇପିଏଲ୍‌ରେ କୋହଲି ଜମାଣିଆ ଫର୍ମରେ ଅଛନ୍ତି ଆଇପିଏଲ୍‌ର ଲିଗ୍ ପର୍ଯ୍ୟାୟର ଅଧାଧିକ ମ୍ୟାଚ ଶେଷ ହୋଇଛି । ଆଗାମୀ ମେ ୨୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ।

## ସର୍ବଭାରତୀୟ ଗେଟ୍ ବଲ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୪ (ସବ୍ୟୁ): ଶନିବାର ଠାରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଦଶମ ସର୍ବଭାରତୀୟ ଓପନ ଗେଟ୍ ବଲ ଚାମ୍ପିଅନ୍‌ସିପ୍ ଟ୍ରଫି ଉଦ୍‌ଘାଟିତ ହୋଇଛି । ଏଥିରେ ଓଡ଼ିଶା ସମେତ ୮ଟି ରାଜ୍ୟରୁ ପୁରୁଷ ଓ ମହିଳା ବିଭାଗରେ ମୋଟ୍ ୯୬ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶକ୍ତି ରଞ୍ଜନ ମହାନ୍ତି, ସମ୍ମାନିତ ଅତୀଥି ସୁନୀତା ହାଂସଦା, ଓଡ଼ିଶା ଗେଟ୍ ବଲ୍ ଆସୋସିଏସନ୍ ସଭାପତି ରଞ୍ଜନ କୁମାର ନନ୍ଦ, ଅଭ୍ୟର୍ଥନା କମିଟିର ଗୌତମ ବେହେରା, ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମହମ୍ମଦ ଆଜାମ୍ ପ୍ରମୁଖ ଉପସ୍ଥିତ ଥିଲେ ।




## ଜାତୀୟ ସିନିୟର ରଗବୀ-୭ ଚାମ୍ପିଅନ୍‌ସିପ୍

# ଓଡ଼ିଶା ଦଳରେ କିସ୍‌ର ୭



ଭୁବନେଶ୍ୱର,୨୬।୪ (ସବ୍ୟୁ): ଆସାମର ଗୌହାଟୀରେ ୨୭ ଓ ୨୮ ତାରିଖ ଦୁଇ ଦିନ ଧରି ଜାତୀୟ ସିନିୟର ରଗବୀ-୭ ପୁରୁଷ ଚାମ୍ପିଅନ୍‌ସିପ୍ ଆୟୋଜନ ହେବାକୁଯାଉଛି । ଏହି ପ୍ରତିଯୋଗିତାରେ ଭାଗ ନେବ ଓଡ଼ିଶା ସିନିୟର ଦଳ ଭାଗ ନେବ । ଘୋଷଣା ହୋଇଥିବା ଓଡ଼ିଶା ଦଳରେ ୬ ଜଣ କିସ୍‌ର ଛାତ୍ର ସ୍ଥାନ ପାଇଛନ୍ତି । ଏମାନେ ହେଲେ ବିନୋଦ ମାରାଣ୍ଡି, ଯୁଗଳ କିଶୋର ମାଝି, ଆଶିଷ ସବର, ଗଣେଶ ଧାଙ୍ଗଡ ମାଝି, ଅଶୋକ ହଂସଦା ଓ ସଞ୍ଜୟ କିଷାନ । କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ୍ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଗୌହାଟୀର ଇନ୍ଦିରା ଗାନ୍ଧି ଆଥଲେଟିକ୍ ଷ୍ଟାଡିୟମ୍‌ରେ ହେବାକୁଥିବା ଏହି ପ୍ରତିଯୋଗିତାରେ ୨୬ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଛନ୍ତି । ଏମାନଙ୍କୁ ୯ଟି ପୁଲରେ ବିଭକ୍ତ କରାଯାଇଛି । ପୁଲ୍ ଏରେ ହରିୟାଣା, ଆସାମ ଓ ମଧ୍ୟପ୍ରଦେଶ, ପୁଲ ବିରେ ପଶ୍ଚିମବଙ୍ଗ, ଛତିଶଗଡ଼, ତେଲେଙ୍ଗାନା, ପୁଲ ସିରେ ଓଡ଼ିଶା ଉତ୍ତରପ୍ରଦେଶ, ମଣିପୁର, ପୁଲ ଡିରେ କେରଳ, ଗୁଜରାଟ, ମଣିପୁର, ପୁଲ ଇ ରେ ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଆଣ୍ଡାମାନ-ନିକୋବର, ପୁଲ ଏଫ୍ ରେ ବିହାର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପୁଲ ଜିରେ ଦିଲ୍ଲୀ, ଉତ୍ତରାଖଣ୍ଡ, ପୁଡୁଚେରୀ, ପୁଲ ଏଚ୍‌ରେ ପଞ୍ଜାବ, କର୍ଣ୍ଣାଟକ, ଗୋଆ ଏବଂ ପୁଲ୍ ଆଇ ରେ ରାଜସ୍ଥାନ ଓ ଚଣ୍ଡିଗଡ଼ ସ୍ଥାନ ପାଇଛନ୍ତି ।

## ଏମ କେ ସି ସି ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଭୁବନ,୨୬।୪ (ସବ୍ୟୁ): ଭୁବନ ଏମ କେ ସି ସି କ୍ରିକେଟ କ୍ଲବର ତୃତୀୟ ବାର୍ଷିକ ନାଇଟ କ୍ରିକେଟ୍ ଟୁର୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏମ କେ ସି ସି (ବଡ଼ହାଟ) ସହିତ ଲତାବିଲ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଟସରେ ଜିଣି ଲତବିଲ ଟିମ୍ ୧୨ ଓଭରରେ ୬ ୱିକେଟ ହରାଇ ୧୬୬ ରନ କରିଥିବା ବେଳେ ଏହାର ଜବାବରେ ଏମ କେ ସି ସି (ବଡ଼ହାଟ) ୧୨ ଓଭରରେ ୩ ୱିକେଟ ହରାଇ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା । ଏମ କେ ସି ସି କ୍ଲବ ସଭାପତି ଚଗଲି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଭୁବନ ଉଚ୍ଚ ବିଦ୍ୟାଳୟ ଅଲୁମିନି କମିଟି ସଭାପତି ଇଞ୍ଜିନିୟର ଦେବେନ୍ଦ୍ର କୁମାର ପୃଷ୍ଟି ମୁଖ୍ୟଅତିଥି, ପରିଚାଳନା କମିଟି ସଭାପତି କେଦାର କୁମାର ଦାସ, ବଡ଼ହାଟ ଦଶହରା କମିଟି ସଭାପତି ଦେବେନ୍ଦ୍ର ସାହୁ ଓ ସାମ୍ବାଦିକ ଦେବାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଚାମ୍ପିଅନ ଟିମ୍ କୁ ଟ୍ରଫି ଓ ରନର୍ସ ଅଫ୍ ଟିମ୍ କୁ କପ୍ ପ୍ରଦାନ କରିଥିଲେ । ପ୍ରଭାତ ମହାରଣା ଶ୍ରେଷ୍ଠ ବ୍ୟାଟସ ମ୍ୟାନ ଚିକୁନ ସାହୁ ଶ୍ରେଷ୍ଠ ବୋଲର ଏବଂ ଦିବ୍ୟ ରଞ୍ଜନ ସାହୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି